

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୬ ଜୁନ୍ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 26 JUNE 2023

Vol.No. 35 ■ No. 167■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ମିଶରରେ ମୋଦୀଙ୍କୁ ସର୍ବୋଚ୍ଚ ସମ୍ମାନ

## ରାଷ୍ଟ୍ରପତି ଅଲ-ଶିଶି କଲେ ସମ୍ମାନିତ



ନୂଆଦିଲ୍ଲୀ, ୨୫/୦୬ : ମିଶରର ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ମିଶରର ରାଷ୍ଟ୍ରପତି ଅବ୍ଦେଲ ଫତହ ଅଲ-ଶିଶି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଦେଶର ସର୍ବୋଚ୍ଚ ସମ୍ମାନ 'ଅର୍ଡର ଅଫ୍ ଦ ନାଇଲ' ପୁରସ୍କାର ଦ୍ୱାରା ସମ୍ମାନିତ କରିଛନ୍ତି। ପ୍ରକୃତରେ ଆମେରିକା ଗସ୍ତ ପରେ ଶନିବାର ଦୁଇ ଦିନିଆ ମିଶର ଗସ୍ତରେ ପହଞ୍ଚିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଆଉ ଏହି ରାଜକୀୟ ଗସ୍ତର ଦ୍ୱିତୀୟ ଦିନ ଅର୍ଥାତ୍ ରବିବାର ରାଜଧାନୀ କାଇରୋରେ ମୋଦୀଙ୍କୁ ରାଜକୀୟ ସମ୍ମାନରେ ସମ୍ମାନିତ କରାଯାଇଛି। ସୂଚନାଥାଉକି 'ଅର୍ଡର ଅଫ୍ ଦ ନାଇଲ' ମିଶରର ସର୍ବୋଚ୍ଚ ରାଜକୀୟ ସମ୍ମାନ। ମିଶରର ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବୈଠକ ପୂର୍ବରୁ ଏହି ପ୍ରତିଷ୍ଠିତ ପୁରସ୍କାରରେ ସମ୍ମାନିତ କରାଯାଇଛି। ଏହା ପରେ ଉଭୟ ଦେଶର ସାକ୍ଷାତକାର ସମୟରେ ମହତ୍ୱପୂର୍ଣ୍ଣ ଏମଓୟୁ ଉପରେ ହସ୍ତାକ୍ଷର ହୋଇଛି। ବଡ଼ କଥା ହେଉଛି ଏହି ସମ୍ମାନ, ଗତ ୯ ବର୍ଷ ମଧ୍ୟରେ ଅନ୍ୟ ଦେଶଙ୍କ ଠାରୁ ମିଳିଥିବା ସର୍ବୋଚ୍ଚ ରାଜକୀୟ ସମ୍ମାନ ମଧ୍ୟରେ ୧୩ ତମ। ଏହି ପୁରସ୍କାରରେ ସମ୍ମାନିତ ହେବା ପୂର୍ବରୁ ପ୍ରଧାନମନ୍ତ୍ରୀ କାଇରୋରେ ଦେଶର ୧୧ତମ ଶତାବ୍ଦୀର ଅଲ-ହକିମ ମସଜିଦ୍ ଗସ୍ତ କରିଥିଲେ। ଯାହାକୁ ଭାରତର ଦାଉଦୀ ବୋହରା ସମୁଦାୟଙ୍କ ସହଯୋଗରେ ପୁନଃନିର୍ମାଣ ହୋଇଛି। ଅଲ-ହକିମ ମସଜିଦ୍ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାହିରା ସ୍ଥିତ ହେଲିୟୋପୋଲିସ୍ ମେମୋରିୟଲର ଗସ୍ତ କରିଥିଲେ ଏବଂ ପ୍ରଥମ ବିଶ୍ୱ ଯୁଦ୍ଧ ସମୟର ସର୍ବୋଚ୍ଚ ବଳିଦାନ ଦେଇଥିବା ଭାରତୀୟ ସୈନିକଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏହା ପୂର୍ବରୁ ଶନିବାର ଗସ୍ତ ସମୟରେ ପିଏମ ମୋଦୀ ରାଜଧାନୀ କାଇରୋରେ ମିଶର ପ୍ରଧାନମନ୍ତ୍ରୀ ମୁସ୍ତଫା ମେଡବୋଲିଙ୍କ ସହ ସାକ୍ଷାତକାର କରିଥିଲେ। ମୁସ୍ତଫ ମେଡବୋଲୀ ହିଁ ବିମାନ ବନ୍ଦରରେ ପିଏମ ମୋଦୀଙ୍କୁ ସ୍ୱାଗତ କରିଥିଲେ।

# ୫-ଟି ସଚିବଙ୍କୁ ନେଇ ପ୍ରଶ୍ନ ଉଠାଇଲେ କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ



ଭୁବନେଶ୍ୱର, ୨୫/୦୬ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ବିନା ସମ୍ମତିରେ ୫ଟି ସଚିବଙ୍କ ଗସ୍ତ ହେଉଥିବା ନେଇ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଆଧାରରେ କଂଗ୍ରେସ ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଶ୍ନ କରିଛନ୍ତି । ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ତାଙ୍କର ପ୍ରଶ୍ନ ହେଲା. ୫-ଟି ସଚିବ ପାଣ୍ଡିଆନ ଯେଉଁ ଗସ୍ତ କରୁଛନ୍ତି ତାହା ମୁଖ୍ୟମନ୍ତ୍ରୀଙ୍କ ସମ୍ମତିରେ ହେଉଛି ନା ନାହିଁ। ଗୋଟିଏ ଆରଟିଆଇ ପ୍ରଶ୍ନର ଉତ୍ତରରେ ସିଏମଓ କହିଛି ଯେ ସେହିଭଳି କୌଣସି ନିର୍ଦ୍ଦେଶ ପାଣ୍ଡିଆନଙ୍କୁ ଦିଆଯାଇନାହିଁ। ଯଦି ଦିଆଯାଇନାହିଁ, ତାହେଲେ ଏହା ଜଘନ୍ୟ କଥା। ଜଣେ ସଚିବ ସ୍ତରୀୟ ବ୍ୟକ୍ତି ହେଲିକପ୍ଟରରେ ଯାଉଛନ୍ତି, ତାଙ୍କ ପାଇଁ ପୁଲିସ ବନ୍ଦୋବସ୍ତ କରାଯାଉଛି, ତାଙ୍କ ପାଇଁ ମାଳମାଳ ଗାଡ଼ି ଯାଉଛି।

# ୫ଟି ସଚିବଙ୍କୁ ସାଧା ପୋଷାକରେ ପୁଲିସ ସୁରକ୍ଷା ଦେବା ଉପରେ ପ୍ରଶ୍ନ ଉଠାଇଲେ ଅପରାଜିତା



ଭୁବନେଶ୍ୱର, ୨୫/୦୬ (ନି.ପ୍ର): ଭୁବନେଶ୍ୱର ସାଂସଦ ତଥା ବିଜେପିର ରାଷ୍ଟ୍ରୀୟ ପ୍ରବକ୍ତା ଅପରାଜିତା ଷଡଙ୍ଗୀ ୫ଟି ସଚିବଙ୍କୁ ସାଧା ପୋଷାକରେ ପୋଲିସ ସୁରକ୍ଷା ଦେବାକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ଏ ସମ୍ପର୍କିତ ଏକ ସରକାରୀ ପୋଲିସ ବିଭାଗର ଚିଠିକୁ ଶେୟାର କରି ସେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ଏହା ଉପରେ ଉତର ମାଗିଛନ୍ତି। ଏହି ଚିଠିରେ ୫ଟି ସଚିବଙ୍କ ପାଇଁ ସାଧା ପୋଷାକରେ ପୋଲିସ ମୁତୟନ କରାଯିବାକୁ ନିର୍ଦ୍ଦେଶ ରହିଛି । ଶ୍ରୀମତୀ ଷଡଙ୍ଗୀ ସୋସିଆଲ ମିଡିଆରେ ଲେଖିଛନ୍ତି ଯେ - ୟୁନିଫର୍ମ ବଦଳରେ କାହିଁକି ସାଧପୋଷାକ ପିନ୍ଧିବେ ପୋଲିସ ? ଜନସାଧାରଣଙ୍କୁ ଲୁଚାଇବାକୁ ପ୍ରୟାସ କି ? ନିମ୍ନପଦସ୍ତ ର ସଚିବ ସ୍ତରର ସରକାରୀ କର୍ମଚାରୀଙ୍କ ପାଇଁ ଆରକ୍ଷୀ ଅଧିକ୍ଷକ ଏତେ ସୁରକ୍ଷା ବ୍ୟବସ୍ଥା କରିଛନ୍ତି ତାହେଲେ ▶▶ପୃଷ୍ଠା ୭

# ଏମିତି କେଉଁ ଶକ୍ତି ନାହିଁ ମତେ ଅଟକାଇବ: ରୋହିତ ପୂଜାରୀ

ରେଢ଼ାଖୋଲ, ୨୫/୦୬ (ନି.ପ୍ର): ଏମିତି କେଉଁ ଶକ୍ତି ନାହିଁ ମତେ ଅଟକାଇବ। ମୁଁ ମଲା ପର୍ଯ୍ୟନ୍ତ ରେଢ଼ାଖୋଲ ସହ ରହିଛି, ଆଉ ରହିବି। ମନ୍ତ୍ରୀ ପଦ ଗଲା ପରେ ଆଜି ପ୍ରଥମ ଥର ପାଇଁ ମୁହଁ ଖୋଲି ଏମିତି କହିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ରେଢାଖୋଲ ବିଧାୟକ ରୋହିତ ପୂଜାରୀ। ରେଢ଼ାଖୋଲ କଦଳୀଗଡ଼ରେ ଅର୍ଜୁନ ସ୍ନାତକ ମହାବିଦ୍ୟାଳୟର ଭୂମିପୂଜନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରୋହିତ ପୂଜାରୀ। ଆଉ କହିଥିଲେ, ମନ୍ତ୍ରୀପଦ ଗଲା ବୋଲି ମୋର ଦୁଃଖ ନାହିଁ। ମୁଁ କମ୍ ସମୟ ପାଇଁ ରହିଥିଲେ ମଧ ଢେର କିଛି କରିଛି। ବୋଧେ ଆଉ ଟିକେ ଅଧିକ ଚେଷ୍ଟା କରିଥିଲେ ମୁଖ୍ୟମନ୍ତ୍ରୀ ମୋ ଉପରେ ଖୁସି ହୋଇଥାଆନ୍ତେ ବୋଲି କହିଛନ୍ତି ରୋହିତ। ସେହିଛନ୍ତି, ମନ୍ତ୍ରୀ ପଦରେ ଥିବା ସମୟରେ ରେଢାଖୋଲ ପାଇଁ ଯାହା କରିବାକୁ ଚାହୁଁଥିଲି, ତାହା କରିଛି। ମୁଁ ଚେଷ୍ଟା କରିଥିଲି କିସିଣ୍ଡା, ବଡ଼ମାଲ ଓ ପଡ଼ିଆବାହାଲରେ ଗୋଟିଏ ଲେଖାଏଁ +୩ କଲେଜ କରିବା ପାଇଁ। ସେଥିପାଇଁ ବିଶେଷ ଭାବେ ଅନୁରୋଧ ମଧ ଦେଇଥିଲି। ▶▶ପୃଷ୍ଠା ୭

# ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା



ଭୁବନେଶ୍ୱର, ୨୫/୦୬ (ନି.ପ୍ର): ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟ ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ପାଣିପାଗ ବିଜ୍ଞାନ କେନ୍ଦ୍ର ଭୁବନେଶ୍ୱର ପକ୍ଷରୁ ୧୩ଟି ଜିଲ୍ଲା ପାଇଁ ଅରେଂଜ ୱାର୍ନିଂ ଜାରି କରାଯାଇଥିବା ବେଳେ ୯ଟି ଜିଲ୍ଲା ପାଇଁ ୟେଲୋ ୱାର୍ନିଂ ଜାରୀ କରାଯାଇଛି । ଭୁବନେଶ୍ୱର ସ୍ଥିତ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଗତକାଲି ଘୂର୍ଣ୍ଣିବଳୟ ପ୍ରଭାବରେ ଆଜି (ରବିବାର) ଉତ୍ତର-ପଶ୍ଚିମ ବଙ୍ଗୋପସାଗର ତଥା ଉତ୍ତର-ଓଡିଶା ଏବଂ ପଶ୍ଚିମବଙ୍ଗ ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହା ସହ ଜଡିତ ଘୂର୍ଣ୍ଣିବଳୟ ବାୟୁମଣ୍ଡଳରେ ୭.୬ କିମି ଉଚ୍ଚତା ଯାଏଁ ବ୍ୟାପିଛି। ଏହାର ପ୍ରଭାବରେ ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି । କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅର୍ଥାତ୍ ୨୬ ତାରିଖ ସୋମବାର ଅପରାହ୍ନ ମଧ୍ୟରେ ପଶ୍ଚିମ ଓଡ଼ିଶାର ସୁନ୍ଦରଗଡ଼, ▶▶ପୃଷ୍ଠା ୭

# ଗଣଶିକ୍ଷା ମନ୍ତ୍ରୀଙ୍କ ଜିଲ୍ଲାର ଚିତ୍ର: ମଧ୍ୟାହ୍ନ ଭୋଜନରେ ପିଲାଙ୍କୁ ଦିଆଗଲା ମୁଢ଼ି ଓ ତରକାରୀ



ମୟୂରଭଞ୍ଜ, ୨୫/୦୬ (ନି.ପ୍ର): ଜୁନ୍ ୨୧ ତାରିଖରୁ ପର୍ଯ୍ୟାୟକ୍ରମେ ରାଜ୍ୟର ସମସ୍ତ ସ୍କୁଲ ଖୋଲି ଗଲାଣି। ଏହି କ୍ରମରେ ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅଧୀନ ଆଗିରିଆ ପଞ୍ଚାୟତର ବ୍ରହ୍ମପୁର ଉଚ୍ଚ ବିଦ୍ୟାଳୟ ବି ଖୋଲି ଯାଇଛି। ତେବେ ଏଠାରେ ଗତ ଦୁଇ ଦିନରେ ଏକ ବ୍ୟତିକ୍ରମ ଦେଖିବାକୁ ମିଳିଛି। ପିଲାଙ୍କୁ ମଧ୍ୟାହ୍ନ ଭୋଜନରେ ଭାତ ଓ ତରକାରୀ ବଦଳରେ ମୁଢ଼ି ଓ ତରକାରୀ ଦିଆଯାଇଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ଗତକାଲି ବିଦ୍ୟାଳୟ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ▶▶ପୃଷ୍ଠା ୭

## ଆସାମ ମୁଖ୍ୟମନ୍ତ୍ରୀଙ୍କ ସହିତ କଥା ହେଲେ କେନ୍ଦ୍ର ଗୃହମନ୍ତ୍ରୀ

ନୂଆଦିଲ୍ଲୀ,୨୫/୦୬ : କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ରବିବାର ଆସାମର ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ସହିତ ଟେଲିଫୋନରେ କଥା ହୋଇଛନ୍ତି ଏବଂ ଭୀଷଣ ବର୍ଷା ଯୋଗୁଁ ସେଠାରେ ଦେଖାଦେଇଥିବା ବନ୍ୟା ସ୍ଥିତିର ସମୀକ୍ଷା କରିଛନ୍ତି । କେନ୍ଦ୍ର ସରକାରଙ୍କ ପକ୍ଷରୁ ଯଥା ସମ୍ଭବ ସହାୟତା ଯୋଗାଇ ଦିଆଯିବ ବୋଲି ସେ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କୁ ଆଶ୍ୱାସନା ଦେଇଥିଲେ ।

# ବାସି ଭୋଗ ଖାଇ ବୃଦ୍ଧାଙ୍କର ମୃତ୍ୟୁ: ୧୫ ଅସୁସ୍ଥଙ୍କୁ ଡାକ୍ତରଖାନାରେ ଭର୍ତ୍ତି




ସୋର, ୨୫/୦୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକର ତାଳକୁରୁଣିଆ ଓ ଅଠିଳାବାଜ ଗାଁରେ ବାସି ଭୋଗ ଖାଇ ଜଣେ ବୃଦ୍ଧାଙ୍କର ମୃତ୍ୟୁ ହୋଇଛି। ସେହିପରି ୧୫ ଜଣ ଲୋକ ଅସୁସ୍ଥ ହୋଇଛନ୍ତି। ସୂଚନା ଅନୁସାରେ ଗତକାଲି ତାଳକୁରୁଣିଆ ଗାଁରେ ରଥଯାତ୍ରାରେ ଠାକୁରଙ୍କ ଭୋଗ ହୋଇଥିଲା। ତେଣୁ ଏହି ପୂଜାରେ ଠାକୁରଙ୍କ ପାଖରେ ଖିରି ଭୋଗ ଲାଗିଥିଲା। ପରେ ଏହି ଭୋଗ ଭୋଗକୁ କିଛି ଲୋକେ ଆଜି ଖାଇବା ସହିତ ପାଖଗାଁରେ ଥିବା ବନ୍ଧୁବାନ୍ଧବଙ୍କୁ ପଠାଇଥିଲେ। ପରେ ଏମାନଙ୍କୁ ଝାଡା ବାନ୍ତି ହୋଇଥିଲା। ତେଣୁ ଉଭୟଙ୍କ ପରିବାରର ପାଖାପାଖି ୧୬ ଜଣ ଅସୁସ୍ଥ ହୋଇଯାଇଥିଲେ। ସମସ୍ତଙ୍କୁ ପରିବାର ଲୋକେ ଗୋପାଳପୁର ମେଡ଼ିକାଲରେ ଭର୍ତ୍ତି କରିଥିଲେ। ପରେ ୨ ଜଣଙ୍କ ଅବସ୍ଥା ଗୁରୁତର ହୋଇଥିଲା। ତେଣୁ ସେମାନଙ୍କୁ ବାଲେଶ୍ୱର ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଜଣେ ୬୩ ବର୍ଷୀୟା ବୃଦ୍ଧାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତ ଜଣଙ୍କ ହେଉଛନ୍ତି ନୀଳମଣି ସାହୁ। ଏଥିରୁ ୭ ଜଣ ଗୋପାଳପୁର ମେଡ଼ିକାଲରେ ଚିକିତ୍ସିତ ହେଉଥିବା ବେଳେ ଅନ୍ୟ ୭ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଗାଁରେ ଏବେ ଗୋଟିଏ ସ୍ୱାସ୍ଥ୍ୟ ଟିମ ଚିକିତ୍ସାପାଇଁ ରହିଛି।

# ଦୁଇ ଟ୍ରେନ ମଧ୍ୟରେ ପୁଣି ଧକ୍କା: ୧୨ ବଗି ଲାଇନ ଚ୍ୟୁତ



ପଶ୍ଚିମବଙ୍ଗ, ୨୫/୦୬ : ଭାରତୀୟ ରେଳବାଇର ପିଛା ଛାଡୁନି ଦୁର୍ଘଟଣା। ଜୁନ ୨ ଓଡ଼ିଶାର ଟ୍ରେନ ଟ୍ରାଜେଡି ପରେ ଏକାଧିକ ରେଳ ଦୁର୍ଘଟଣା ସାମ୍ନାକୁ ଆସିବାରେ ଲାଗିଛି। ଏହିକ୍ରମରେ ଆଜି ପଶ୍ଚିମବଙ୍ଗର ବାଙ୍କୁରାରେ ପୁଣି ଦୁଇଟି ମାଲବାହୀ ଟ୍ରେନ ମଧ୍ୟରେ ଦୁର୍ଘଟଣା ଘଟିଛି। ରବିବାର ଭୋର ୪ଟାରେ ଦୁର୍ଘଟଣା ଘଟିଥିବା ବେଳେ ମାଲବାହୀ ଟ୍ରେନର ୧୨ଟି ବଗି ଲାଇନଚ୍ୟୁତ ହୋଇଯାଇଛି। ମିଳିଥିବା ସୂଚନା ଅନୁସାରେ, ଦୁର୍ଘଟଣାଗ୍ରସ୍ତ ଦୁଇଟି ମାଲବାହୀ ଟ୍ରେନ ମଧ୍ୟରୁ ଗୋଟିଏ ଅନ୍ୟଟିକୁ ପଛ ପଟୁ ଧକ୍କା ଦେଇଥିଲା। ଫଳରେ ଦୁଇଟି ଯାକ ଟ୍ରେନ କ୍ଷତିଗ୍ରସ୍ତ ହେବାର ସହ ୧୨ଟି ବଗି ଲାଇନଚ୍ୟୁତ ହୋଇଯାଇଛି। ଓଣ୍ଡା ଷ୍ଟେସନରେ ଦୁର୍ଘଟଣା ଘଟିଥିବାରୁ ରେଳ ସେବା ପ୍ରଭାବିତ ହୋଇଛି। ଦୁର୍ଘଟଣାରେ କିଛି ବଡ଼ ଅଘଟଣ ଘଟିନି। କିନ୍ତୁ ଗୋଟିଏ ମାଲବାହୀ ଟ୍ରେନର ଡ୍ରାଇଭର ସାମାନ୍ୟ ଆହତ ହୋଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ▶▶ପୃଷ୍ଠା ୭

# ହିଂସା ଦମନ ନେଇ ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଭେଟିଲେ ମଣିପୁର ମୁଖ୍ୟମନ୍ତ୍ରୀ



ନୂଆଦିଲ୍ଲୀ,୨୫/୦୬ : ମଣିପୁରରେ ଲାଗି ରହିଥିବା ହିଂସା ଓ ଅଶାନ୍ତିକୁ ଦୂର କରିବା ନିମନ୍ତେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରୟାଶ ଜୋରଦାର ହୋଇଛି। ରବିବାର ମଣିପୁର ମୁଖ୍ୟମନ୍ତ୍ରୀ ଏନ୍ ବୀରେନ୍ ସିଂହ ଦିଲ୍ଲୀ ଯାଇ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ୍ ଶାହଙ୍କୁ ଭେଟିଛନ୍ତି। ମୁଖ୍ୟମନ୍ତ୍ରୀ ପଦରୁ ଶ୍ରୀ ସିଂହଙ୍କୁ ହଟାଇବାକୁ ବିରୋଧୀ ଦଳମାନେ ସର୍ବଦଳୀୟ ବୈଠକରେ ଦାବି କରିବା ପରେ ଏହି ଭେଟଘାଟ ହୋଇଛି। ଇମ୍ଫାଲ୍‌ରୁ ଆଜି ସକାଳେ ଆସିଥିବା ଶ୍ରୀ ସିଂହ ଦିଲ୍ଲୀ ସ୍ଥିତି ଅମିତ ଶାହଙ୍କ ଘରେ ପହଞ୍ଚିବା ପରେ ପ୍ରାୟ ୪୫ ମିନିଟ୍ ଧରି ଦୁହିଁଙ୍କ ଭିତରେ ମଣିପୁର ହିଂସା ଦମନ ବାବଦରେ ଅଲୋଚନା କରିଥିଲେ। ଏହି ସମୟରେ ମଣିପୁରରେ ଶାନ୍ତି ଫେରାଇ ଆଣିବା ପାଇଁ ନିଆଯାଇଥିବା ପ୍ରଶାସନିକ ପଦକ୍ଷେପ ସମ୍ପର୍କରେ ଶ୍ରୀ ସିଂହ କହିଥିଲେ। ଏହାପରେ ସେ ମଣିପୁର ଫେରି ଯାଇଥିଲେ। ଏହି ସମୟରେ ବିଜେପିର ଅନ୍ୟ ବରିଷ୍ଠ ନେତାମାନେ ମଧ ଉପସ୍ଥିତ ଥିଲେ। ଏନେଇ ଶ୍ରୀ ସିଂହ ଟ୍ୱିଟ କରିବା ସହ ଚଳିତ ମାସ ୧୩ ତାରିଖ ପରଠାରୁ ମଣିପୁରରେ ହିଂସାଜନିତ କୌଣସି ଜୀବନ ଯାଇନି ବୋଲି ପ୍ରକାଶ କରିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ମିଶି ଏହି ହିଂସା ଉପରେ ରୋକ୍ ଲଗାଇ ପାରିଛନ୍ତି ବୋଲି ଉଲ୍ଲେଖ କରିଛନ୍ତି। ସୂଚନା ଥାଉକି, ମଣିପୁର ହିଂସା ଥଣ୍ଡା କରିବା ନେଇ ଶନିବାର ଅମିତ ଶାହ ୧୮ଟି ଦଳଙ୍କୁ ନେଇ ସର୍ବଦଳୀୟ ବୈଠକ କରିଥିଲେ। ଏହି ବୈଠକରେ ବିଭିନ୍ନ ବିରୋଧୀର ଦଳର ପ୍ରତିନିଧିମାନେ ମଣିପୁର ଗସ୍ତ କରିବାକୁ ପରାମର୍ଶ ଦେଇଥିଲେ। ୪ ଘଣ୍ଟା ଧରି ବସିଥିବା ଏହି ବୈଠକରେ କିଛି ବିରୋଧୀ ଦଳ ପ୍ରତିନିଧି ମୁଖ୍ୟମନ୍ତ୍ରୀଙ୍କୁ ପଦରୁ ହଟାଇ ରାଷ୍ଟ୍ରପତି ଶାସନ ଜାରି କରିବାକୁ ମଧ ପରାମର୍ଶ ଦେଇଥିଲେ। ଏହା ପୂର୍ବରୁ ୯ ବିଜେପି ବିଧାୟକ ପ୍ରଧାନମନ୍ତ୍ରୀ ▶▶ପୃଷ୍ଠା ୭

# ଜୁଲାଇ ୧୪ରେ କଂଗ୍ରେସର କେନ୍ଦ୍ରାପଡା ବ୍ଲକ ଘେରାଉ ନିଷ୍ପତ୍ତି

କେନ୍ଦ୍ରାପଡ଼ା, ୨୫/୦୬ (ନି.ପ୍ର): ଆଜି କେନ୍ଦ୍ରାପଡା ବ୍ଲକ ଓ ନଗର କଂଗ୍ରେସର ଏକ ମିଳିତ ବୈଠକରେ ଆଗାମୀ ଜୁଲାଇ ୧୪ରେ କେନ୍ଦ୍ରାପଡା ବ୍ଲକ ଘେରାଉ କରାଯିବା ନିଷ୍ପତି ନିଆଯାଇଛି । ନଗର କଂଗ୍ରେସର ସଭାପତି ରାଜେଶ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ଚୟନରେ ଚଂଚକତା କରି ଯୋଗ୍ୟ ହିତାଧିକାରୀଙ୍କୁ ବଂଚିତ କରିବା, ରାଜ୍ୟ ମଧୁବାବୁ ଭତା ଯୋଜନାରେ ନୂଆ ହିତାଧିକାରୀଙ୍କୁ ସାମିଲ ନକରିବା, ଯୋଗ୍ୟ ପରିବାରକୁ ରାସନ କାର୍ଡ ନମିଳିବା, ପ୍ରତ୍ୟେକ କାର୍ଯ୍ୟରେ ଆଖିବୁଜି ପିସି ଖାଇବା ପ୍ରସଙ୍ଗରେ ବ୍ଲକ ଅଫିସ ଘେରାଉ କରିବାକୁ ସର୍ବ ସମ୍ମତି ନିଷ୍ପତି ନିଆଯାଇଥିଲା । ଘନ ଘନ ବିଜୁଳି କାଟ ଓ ଅହେତୁକ ବିଜୁଳି ଦର ପ୍ରତିବାଦରେ ପିସିସି ସଭାପତି ଶରତ ପଟ୍ଟନାୟକ ଆହ୍ୱାନରେ ଜିଲ୍ଲା କଂଗ୍ରେସ ତରଫରୁ ଆସନ୍ତା ଜୁନ୍ ୨୭ ତାରିଖ କେନ୍ଦ୍ରାପଡା ନଗର ଓ ବ୍ଲକ କଂଗ୍ରେସ ତରଫରୁ ଶତାଧିକ କଂଗ୍ରେସ କର୍ମୀ ସାମିଲ ହୋଇ ଏହି କର୍ଯ୍ୟକ୍ରମକୁ ସଫଳ କରିବାକୁ ବୈଠକରେ ନିଷ୍ପତି ନିଆଯାଇଛି । ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ବ୍ଲକ ଓ ନଗର କଂଗ୍ରେସର ଯୋଗଦେଇ କହିଥିଲେ ଯେ ରାଜ୍ୟସରକାରଙ୍କ ବିଜୁଳି ବିଭାଗର ଅପାରଗତା ଓ ଦାୟିତ୍ୱହୀନତା ଯୋଗୁଁ ରାଜ୍ୟ ତଥା କେନ୍ଦ୍ରାପଡା ବାସୀ ହନ୍ତସନ୍ତ ହେଉଛନ୍ତି । ନିରବଚ୍ଛିନ ତଥା ଉନ୍ନତମାନର ବିଜୁଳି ଯୋଗାଣର ପ୍ରତିଶ୍ରୁତି ସମ୍ପୂର୍ଣ୍ଣ ଅର୍ଥହୀନ ହୋଇପଡିଛି । ଏଥି ସାଙ୍ଗକୁ ସରକାରଙ୍କ ଖାଉଟି ଶୋଷଣ ନୀତି ଯୋଗୁଁ ପୂର୍ବ ସଂଗ୍ରେସ ସରକାର ଅମଳରେ ଥିବା ବିଜୁଳି ଦର ବର୍ତମାନ ୨୫୦ ପ୍ରତିଶତ ବୃଦ୍ଧି ପାଇଛି । ଏହାର ଦୃଢ ପ୍ରତିବାଦ ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଏକାନ୍ତ ଆପରିହାର୍ଯ୍ୟ । ବହୁ ସଂଖ୍ୟାରେ ସାମିଲ ହୋଇ କଂଗ୍ରେସ ବନ୍ଧୁମାନେ ଜୁନ୍ ୨୭ ଟାଟା ଅଫିସ ଘେରାଉ ଆନ୍ଦୋଳନ ସଫଳ କରିବାକୁ ନିବେଦନ କରିଥିଲେ । କେନ୍ଦ୍ରାପଡା ବିଡିଓଙ୍କ ମନମୁଖୀ ସାସନ ଓ ବିଭିନ୍ନ ହିତାଧିକାରୀ ଯୋଜନାରେ ହିତାଧିକାରୀଙ୍କୁ ଆଖିବୁଜା ଶୋଷଣ ଓ ରାଜନୈତିକ ବାଛବିଚାରରେ ଦଳିୟ କର୍ମୀଙ୍କୁ ଶୋଷଣର ପ୍ରତିବାଦ ପାଇଁ ବ୍ଲକ ଘେରାଉ ଆନ୍ଦୋଳନ କଂଗ୍ରେସ ପାଇଁ ଏକାନ୍ତ ଅପରିହାର୍ଯ୍ୟ ହୋଇପଡିଛି । ସୁତରାଂ ଜୁଲାଇ ୧୪ କେନ୍ଦ୍ରାପଡା ବ୍ଲକ ଘେରାଉ କାର୍ଯ୍ୟକ୍ରମକୁ ପ୍ରଭାବଶାଳୀ ଢଙ୍ଗରେ କରିବାକୁ ଶ୍ରୀ ବେହେରା ମତ ରଖିଥିଲେ । ଏହି ବୈଠକରେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଜିଲ୍ଲା କଂଗ୍ରେସ ଉପ ସଭାପତି ପ୍ରଫୁଲ୍ଲ ଦାସ, ଜିଲ୍ଲା ଆଇଏନଟିୟୁସି ସଭାପତି ମୁକ୍ତାର ଖାଁ, ଜିଲ୍ଲା କିଷାନ କଂଗ୍ରେସ ସଭାପତି ନାରାୟଣ ପରିଡା, ବିଧାନ ସଭା ଯୁବ କଂଗ୍ରେସ ସଭାପତି ରତିକାନ୍ତ ସାମଲ, ପାୟତ ସଭାପତି ବୈକୁଣ୍ଠ ନାଥ ସେନାପତି, ପଂଚାୟତ ସଭାପତି ଅଜୟ ପ୍ରଧାନ, ପୂର୍ବତନ ସରପଂଚ ପ୍ରଭାତ କୁମାର ଉଡାନ ସିଂ, ପୂର୍ବତନ ସରପଂଚ ବାବାଜୀ ଚରଣ ମଲ୍ଲିକ, ବ୍ଲକ କିଷାନ କଂଗ୍ରେସ ସଭାପତି ଅନନ୍ତ କୁମାର ସାହୁ, କିଷାନ କଂଗ୍ରେସ ନେତା ସନ୍ତୋଷ ବେହେରା, ପୂର୍ବତନ ସମିତି ସଭ୍ୟ ଲକ୍ଷ୍ମୀଧର ପଲାଇ, ଜିଲ୍ଲା କଂଗ୍ରେସ କୋଷାଧ୍ୟକ୍ଷ ଉମାଶଙ୍କର ଜେନା ପ୍ରମୁଖ ଆଲୋଚନାରେ ଭାଗନେଇ ଜୁନ ୨୭ ଟାଟା କାର୍ଯ୍ୟାଳୟ ଓ ଜୁଲାଇ ୧୪ କେନ୍ଦ୍ରାପଡା ବ୍ଲକ ଘେରାଉ କାର୍ଯ୍ୟକ୍ରମ ସଫଳ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ଜ୍ଞାନ ରଞ୍ଜନ ସାହୁ, ଜୟପ୍ରକାଶ ସ୍ୱାଇଁ, ନରେଶ ଜେନା, ସଞ୍ଜିବ ବିଶ୍ୱାଳ, କାଉଁସିଲର ଚାନ୍ଦ ବାବୁ, ସୁଭାଷ ଚନ୍ଦ୍ର ମାହାଳିକ, କଳାକାର ମଲ୍ଲିକ, ବିଶ୍ୱ କେଶରୀ ଜେନା, ସେକ ନିସାର, କଳ୍ପତରୁ ଦାସ, ବ୍ରହ୍ମାନନ୍ଦ ଭଦ୍ର, ଦୟାନିଧି ପରିଡା, ପର୍ଶୁରାମ ପରିଡା, ଚନ୍ଦନ ସାହୁ, ଅନ୍ତର୍ଯ୍ୟାମୀ ପରିଡା, ସୁଜୟ ଦାସ, ଜନ୍ମେଜୟ ରାଉତ, ନିରଞ୍ଜନ ପରିଡା ଓ ହିମାଂଶୁ ବେହେରା ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ ।

# ସୂଚନା ଓ ଲୋକସମ୍ପର୍କ ବିଭାଗର ଫଟୋଚିତ୍ର ପ୍ରଦର୍ଶନୀ ବାଂଟୁଛି ଶ୍ରୀଜଗନ୍ନାଥ ସଂସ୍କୃତି

ପୁରୀ/ଭୁବନେଶ୍ୱର, ୨୫/୦୬ (ନି.ପ୍ର): ପୁରୀଠାରେ ଅନୁଷ୍ଠିତ ପବିତ୍ର ରଥଯାତ୍ରା ଅବସରରେ ଗୁଣ୍ଡିଚାବାଡ଼ି ନିକଟସ୍ଥ ଭୋଳାନାଥ ବିଦ୍ୟାପୀଠ ପରିସରରେ ଆୟୋଜିତ ଜାତୀୟ ପଲ୍ଲିଶ୍ରୀ ମେଳା ପ୍ରାଙ୍ଗଣରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜିତ ହେଉଛି ।
ଉକ୍ତ ଫଟୋଚିତ୍ର ପ୍ରଦର୍ଶନୀରେ ଚଳିତବର୍ଷର ଚନ୍ଦନଯାତ୍ରା, ରଥ ନିର୍ମାଣ ଓ ସ୍ନାନଯାତ୍ରାର ଫଟୋ ସ୍ଥାନିତ ହେବା ସହିତ ଗତବର୍ଷ ରଥଯାତ୍ରାର ଅନ୍ୟାନ୍ୟ ଫଟୋ ପ୍ରଦର୍ଶିତ ହୋଇଛି । ଏତଦ୍ ବ୍ୟତୀତ, ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ବେଶ, ଶ୍ରୀମନ୍ଦିରର ବିଭିନ୍ନ ପର୍ବପର୍ବାଣି ଓ ଭୋଗ, ବିଦେଶୀ ଓ ଭାରତୀୟ ମୁଦ୍ରାରେ ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥଙ୍କ ବିରଳ ଫଟୋଚିତ୍ର, ବିଭିନ୍ନ ସମୟରେ ଶ୍ରୀମନ୍ଦିରର ରୂପରେଖ ସମ୍ପର୍କିତ ଦୁର୍ଲ୍ଲଭ ଫଟୋଚିତ୍ର ଏବଂ ଚଳିତ ବର୍ଷର ନେତ୍ରୋତ୍ସବରୁ ନିଳାଦ୍ରୀବିଜେ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥଙ୍କ ସଂକ୍ଷିପ୍ତ ନୀତିନିର୍ଘଂଟ ଦର୍ଶକମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ଏଥି ସହିତ, ରାଜ୍ୟସରକାରଙ୍କ ଲୋକାଦୃତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ, ଐତିହ୍ୟସ୍ଥଳୀ ଓ ପୁରାତନ ମନ୍ଦିରଗୁଡିକର ରୂପାନ୍ତରଣ, ଭାରତର କ୍ରୀଡ଼ା ଭିତିଭୂମିକୁ ରାଜ୍ୟ ସରକାରଙ୍କ ଅବଦାନ, ରାଜ୍ୟର କୃଷି ଓ କୃଷକ ସଶକ୍ତିକରଣ, ଶିକ୍ଷା, ଗମନାଗମନ, ମହିଳା ସଶକ୍ତିକରଣ, ଜନଜାତି ଉନ୍ନୟନ, ବିଶୁଦ୍ଧ ପାନୀୟ ଜଳଯୋଗାଣ, ସ୍ୱାସ୍ଥ୍ୟ ଭିତିଭୂମିର ସୁଦୃଢୀକରଣ, ବୟନ, ହସ୍ତତନ୍ତ ଓ ହସ୍ତଶିଳ୍ପ କାରିଗରଙ୍କ ଦକ୍ଷତା ବିକାଶ ଓ ବଜାରସୁବିଧା ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପ, ସମାଜର ବିଭିନ୍ନ ବର୍ଗର ଜନସାଧାରଣଙ୍କ ପାଇଁ ସାମାଜିକ ସୁରକ୍ଷା ଆଦି ସମେତ ମୋ ଘର, ମଧୁବାବୁ ପେନସନ ବିତରଣ ଦିଗରେ ରାଜ୍ୟ ସରକାରଙ୍କ ନିଷ୍ପତି ଏବଂ ବିଏସ୍‌କେୱାଇ ସମ୍ପର୍କିତ ବିସ୍ତୃତ ତଥ୍ୟ ସମ୍ବଳିତ ବୋର୍ଡ଼ ଗୁଡିକୁ ଦର୍ଶକମାନେ ବହୁଳଭାବେ ପସନ୍ଦ କରୁଛନ୍ତି । ଗତ ୧୯ ତାରିଖରେ ବିଭାଗୀୟ ମନ୍ତ୍ରୀ ପ୍ରଦିପ କୁମାର ଅମାତଙ୍କ ଦ୍ୱାରା ଉଦ୍‌ଘାଟିତ ଏହି ପ୍ରଦର୍ଶନୀ ମଣ୍ଡପକୁ ପ୍ରତ୍ୟହ ୧୫ ହଜାରରୁ ଅଧିକ ଦର୍ଶକ ଆସି ଗୋଟିଏ ସ୍ଥାନରେ ଉଭୟ ଶ୍ରୀଜଗନ୍ନାଥ ସଂସ୍କୃତି ଏବଂ ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ତଥ୍ୟ ଆହରଣ କରିବା ସହିତ ସୂଚନା ଓ ଲୋକସମ୍ପର୍କ ବିଭାଗର ଏହି ପ୍ରୟାସକୁ ଭୂୟସୀ ପ୍ରଶଂସା କରୁଛନ୍ତି ।

# ବିଜେପିର ଗୃହ ସଂପର୍କ ଅଭିଯାନ

କେନ୍ଦ୍ରାପଡ଼ା, ୨୫/୦୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ବିଜେପି ଶାଖା ତରଫରୁ ଗୃହ ସଂପର୍କ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଜିଲ୍ଲାର ବିଭିନ୍ନ ବ୍ଲକରେ ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ବିଜୟନଗର ଗ୍ରାମ ପଂଚାୟତରେ ଏହି ଅଭିଯାନରେ ରାଜ୍ୟ ଓବିସି ମୋର୍ଚ୍ଚା ସଂପାଦକ ଦୁର୍ଗା ପ୍ରସନ୍ନ ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପ ସଭାପତି ଉପୀନ ରାଉତ, ଜିଲ୍ଲା ସଂପାଦକ ଅମିତାବ ସୁଆର, ମଣ୍ଡଳ ସଭାପତି ପ୍ରଶାନ୍ତ ସେଠୀ, ଓବିସି ମୋର୍ଚ୍ଚା ସଭାପତି ସତ୍ୟ ପ୍ରକାଶ ସାମଲ, ଦୁର୍ଯ୍ୟୋଧନ ସାହୁ, ଯାନକୀ ପ୍ରଧାନ, ପ୍ରହଲ୍ଲାଦ ସେଠୀ, ସମିତି ସଭ୍ୟ ରାମଚନ୍ଦ୍ର ରାଉତ, ପଂଚାୟତ ସଭାପତି ନିର୍ମଳ ସାହୁ ପ୍ରମୁଖ ଯୋଗ ଦେଇ ମୋଦୀ ସରକାରଙ୍କର ଲୋକାଭିମୁଖୀ ଯୋଜନା ବିଷୟରେ ଘର ଘର ବୁଲି ଲୋକ ମାନଙ୍କୁ ସଚେତନ କରାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ ।

# କେନ୍ଦ୍ରାଂଚଳ ଆଇଜି ଆଶିଷ କୁମାର ସିଂ ପୋଲିସ ଜିଲ୍ଲା ମୁଖ୍ୟାଳୟ ପରିଦର୍ଶନ

ଖୋର୍ଦ୍ଧା, ୨୫/୦୬ (ନି.ପ୍ର): ଶନିବାର କେନ୍ଦ୍ରାଂଚଳ ଆଇଜି ଆଶିଷ କୁମାର ସିଂ ଖୋର୍ଦ୍ଧା ଜିଲ୍ଲା ପୋଲିସ ମୁଖ୍ୟାଳୟ ପରିଦର୍ଶନ କରିବା ସହିତ ଜିଲ୍ଲାର ଅପରାଧିକ ସ୍ଥିତିକୁ ନେଇ ସମୀକ୍ଷା କରିଥିଲେ । ତେବେ କେନ୍ଦ୍ରାଂଚଳ ଆଇଜି ଆଶିଷ କୁମାର ସିଂ ପୋଲିସ ବ୍ୟବସ୍ଥାରେ ଉନ୍ନତି ପାଇଁ ଓ ମନିଟରିଂ ମେକାନିଜିମକୁ ସୁଦୃଢ କରିବା ସମ୍ପର୍କରେ ସମସ୍ତ ଅଧିକାରୀମାନଙ୍କୁ ଇନପୁଟ ପ୍ରଦାନ କରିଥିଲେ । ଏପରିକି ଆଇଜି ଏନଡିପିଏସ୍, ସମ୍ପତି ଅପରାଧ ଏବଂ ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ମାମଲା ଉପରେ ଗୁରୁତ୍ୱ ଦେଇଥିଲେ । ବିଗତ ବର୍ଷର ସମାଧାନ ହୋଇପାରିନଥିବା ଗୁରୁତ୍ୱପୂର୍ଣ ମାମଲାଗୁଡିକ ସମ୍ପର୍କରେ ଉପସ୍ଥିତ ଥାନାଧିକାରୀଙ୍କ ସହିତ ବିସ୍ତୃତ ଆଲୋଚନା କରିଥିଲେ । ସେହିପରି ଜିଲ୍ଲାରେ ଅସାମାଜିକ ଅପରାଧୀ ତଥା ନିଶା ବେପାରୀଙ୍କ ପାଇଁ ସ୍ୱତନ୍ତ୍ର ରଣନୀତି ପାଇଁ ବୈଠକରେ ପ୍ରସ୍ତୁତ କରାଯାଇଥିଲା । ଅନୁରୂପ ଭାବେ ଜନଅଭିଯୋଗର ସମାଧାନ ଓ ନାଗରିକମାନେ କିପରି ଅସୁବିଧାର ସମ୍ମୁଖୀନ ନହେବେ । ଏପରିକି ପୋଲିସ୍ ବିଭାଗର ନିକଟତର ହେବେ ସେଥିପ୍ରତି ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ସାଧାରଣ ଜନତାଙ୍କ ପୋଲିସ ପ୍ରତି ବିଶ୍ୱାସ ବଜାୟ ରଖିବା ପାଇଁ ପୋଲିସ ବ୍ୟବସ୍ଥାକୁ ସୁଦୃଢ କରିବା ସହ ପାଟ୍ରୋଲିଂ ଏବଂ ଅପରାଧ ରୋକିବା ପାଇଁ ଦୃଢ଼ ପଦକ୍ଷେପ ନେବାକୁ ସମସ୍ତ ଅଧିକାରୀମାନଙ୍କୁ ଆଇଜି ଶ୍ରୀ ସିଂ ପରାମର୍ଶ ଦେଇଥିଲେ । ଆଜିର ଏହି ସମୀକ୍ଷା ବୈଠକରେ ଖୋର୍ଦ୍ଧା ଏସପି, ଖୋର୍ଦ୍ଧା ଓ ବାଲୁଗାଁ ଏସଡିପିଓ ଏବଂ ଖୋର୍ଦ୍ଧା ପୋଲିସ ଜିଲ୍ଲାର ସମସ୍ତ ଥାନାର ଆଇଆଇସି ମାନେ ଉପସ୍ଥିତ ରହିବା ସହିତ ନିଜ ନିଜ ଥାନା ଅଂଚଳର କ୍ରାଇମ ରିପୋର୍ଟ ଆଇଜିଙ୍କୁ ପ୍ରଦାନ କରିଥିଲେ ।

# କେନ୍ଦ୍ରୀୟ ସମାବେଶ ପାଇଁ ସମନ୍ୱୟ ସମିତିର ସାଙ୍ଗଠନିକ ଆଲୋଚନା ଚକ୍ରରେ ନିଷ୍ପତ୍ତି

ଭୁବନେଶ୍ୱର, ୨୫/୦୬ (ନି.ପ୍ର): ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତିର ସାଙ୍ଗଠନିକ ଆଲୋଚନାଚକ୍ର ଯାନ୍ତ୍ରୀକ ଭବନ, ସତ୍ୟନଗରଠାରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ବୈଠକରେ ସଭାପତି ପ୍ରଶାନ୍ତ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ । ପ୍ରଥମେ ବାହାନଗାଠାରେ ରେଳ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଓ ଶିକ୍ଷକ ମହାସଂଘର ସଭାପତି ନିକୁଞ୍ଜ ମହାନ୍ତିଙ୍କ ବିୟୋଗରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଅଖିଳ ଭାରତ ରାଜ୍ୟ ସରକାରୀ କର୍ମଚାରୀ ମହାସଂଘର ଉପସଭାପତି ସୁତାପା ହାଜରା ଯୋଗଦେଇ କର୍ମଚାରୀମାନଙ୍କର ସମସ୍ୟାର ସମାଧାନ କରିବାକୁ ହେଲେ ପ୍ରଥମେ ସାଙ୍ଗଠନିକ ଶକ୍ତି ବୃଦ୍ଧି କରିବା ଦରକାର । ସାଙ୍ଗଠନିକ ଶକ୍ତି ସୁଦୃଢ ହେଲେ କର୍ମଚାରୀ ଆନ୍ଦୋଳନ ଆଗେଇବ ଓ ରାଜ୍ୟ ସରକାର କର୍ମଚାରୀଙ୍କ ସମସ୍ୟା ପ୍ରତି ଗୁରୁତ୍ୱ ଦେବେ । ୨୦୦୫ ରୁ ନୂତନ ଭାବେ ଯୋଗ ଦେଇଥିବା କର୍ମଚାରୀମାନେ ଆଉ ପୁରୁଣା ପେନ୍‌ସନ୍ ପାଇବେ ନାହିଁ । ନୂଆ ପେନ୍‌ସନ୍ ଯୋଜନାରେ କର୍ମଚାରୀମାନେ ପୁରୁଣା ପେନ୍‌ସନ୍ ପରି ଅବସର ଗ୍ରହଣ ପରେ ମୂଳଦରମାର ୫୦ ଭାଗ ପେନ୍‌ସନ୍ ପାଇବେ ନାହିଁ । ସେମାନଙ୍କର କଟାଯାଉଥିବା ୧୦ ଭାଗ ଦରମା ସବୁ ଉଠାଇ ପାରିବେନାହିଁ । ଏଭଳି ହୀନ ଚକ୍ରାନ୍ତ ଫଳରେ କର୍ମଚାରୀମାନେ କ୍ଷତିଗ୍ରସ୍ତ ହେବେ ବୋଲି ସୁତାପା ହାଜରା ମତ ଦେଇଥିଲେ । ଜାତୀୟ ପେନ୍‌ସନ୍ ଯୋଜନା ବାତିଲ୍ କରିବା, ସମସ୍ତଙ୍କୁ ନୂଆ ଦରମା ହାରରେ ଘରଭଡ଼ା ଭ । ଦେବା, ୧୮ ମାସର ବକେୟା ମହଙ୍ଗା ଭତା ଦେବା, ସମସ୍ତ ଚୁକ୍ତିଭିତିକ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦେବା, ମୃତ କର୍ମଚାରୀଙ୍କ ପରିବାରରୁ ଜଣକୁ ସ୍ଥାୟୀ ନିଯୁକ୍ତି ଦେବା, ନିକଟରେ ଜଙ୍ଗଲ ବିଭାଗର କର୍ମଚାରୀ ଶିକାରୀ ଗୁଳି ମୃତ୍ୟୁ ବରଣ କରିଥିବାରୁ ତାଙ୍କ ପରିବାରକୁ କର୍ମଚାରୀ ଅବସରଗ୍ରହଣ କରିବା ପାଇଁ ପୁରା ଦରମା ଦେବା ସହ ତାଙ୍କର ପରିବାରରୁ ଜଣଙ୍କୁ ସ୍ଥାୟୀ ନିଯୁକ୍ତି ଦେବା, ସମସ୍ତ କର୍ମଚାରୀଙ୍କୁ ଚିକିତ୍ସା ଓ ଶିକ୍ଷା ଭତା ଦେବା । ଅନୁସୂଚିତ ଜାତି ଓ ଜନଜାତି ବିଭାଗର ମହିଳା ମେଟ୍ରୋନ୍ ମାନଙ୍କୁ ସରକାରୀ କର୍ମଚାରୀ ଭାବେ ଘୋଷଣା କରିବା ସଙ୍ଗେ ସଙ୍ଗେ ସେମାନଙ୍କୁ ଦୈନିକ ୮ ଘଂଟା କାର୍ଯ୍ୟକରିବା ଆଦି ଦାବି ଉପରେ ଆଲୋଚନା କରାଯାଇ ଆସନ୍ତା ଅଗଷ୍ଟ ମାସର ପ୍ରଥମ ସପ୍ତାହରେ ରାଜଧାନୀରେ କେନ୍ଦ୍ରୀୟ ସମାବେଶ ଗ୍ରହଣ କରାଯାଇଛି । ଉକ୍ତ ବୈଠକରେ ସାଧାରଣ ସମ୍ପାଦକ ଶ୍ରୀ ସୁଜିତ୍ କୁମାର ନାୟକ ରଖିଥିବା ପ୍ରସ୍ତାବକୁ ସମସ୍ତେ ସମର୍ଥନ କରିଥିଲେ । ବିଭିନ୍ନ ସଂଗଠନରୁ ଆସିଥିବା ନେତୃତ୍ୱମାନେ ଆଲୋଚନାରେ ଭାଗ ନେଇଥିଲେ ।

# ଘନ ଘନ ବିଦ୍ୟୁତକାଟର ସତ୍ୟତା କ’ଣ : ନିରଞ୍ଜନ

ଭୁବନେଶ୍ୱର, ୨୫/୦୬ (ନି.ପ୍ର): ଓଡ଼ିଶାରେ ଘନ ଘନ ବିଦ୍ୟୁତ କାଟକୁ ନେଇ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ବୟାନବାଜି ଚାଲିଛି । ସବୁଠାରୁ କ୍ଷୋଭର କଥା ହେଲା ବିଦ୍ୟୁତ ବିଭାଗର ସର୍ବୋଚ୍ଚ ଶାସନକର୍ତା ହେଉଛନ୍ତି ବିଭାଗୀୟ ମନ୍ତ୍ରୀ । କାହିଁକି ବିଦ୍ୟୁତକାଟ ହେଉଛି ତାହାର ସଠିକ କଥା ମନ୍ତ୍ରୀ ଜନସାଧାରଣଙ୍କୁ ଜଣାଇବା ଉଚିତ ବା ଗଣମାଧମକୁ ପ୍ରକୃତ ସୂଚନା ଦେବା କଥା । ନିଜ ପଦକୁ ବଂଚାଇବାକୁ ଯାଇ ମନ୍ତ୍ରୀ ଜାଣିସୁଣି ପୁଳା ପୁଳା ମିଛ କହୁଛନ୍ତି ବା ଏ ସଂପୂର୍ଣ୍ଣ ଘଟଣା ବାବଦରେ ତାଙ୍କ ପାଖରେ କାଣିଚାଏ ତଥ୍ୟ ନଥାଇପାରେ ବୋଲି ମୋର ସଂଦେହ ହେଉଛି । ୨୦୨୩-୨୪ ବର୍ଷ ଆର୍ଥିକ ବର୍ଷରେ ଗ୍ରୀଡ଼କୋ ୩୬୪୨୮ ମେଗା ୟୁନିଟ୍‌ର ବିଦ୍ୟୁତ ଯୋଗାଣରେ ଆବଶ୍ୟକତା କରୁଛି, କିନ୍ତୁ ଯେହେତୁ ବିଦ୍ୟୁତ ପରିବହନ (ଟ୍ରାନସମିନ) କ୍ଷତି ୩ପ୍ରତିଶତକୁ ମିଶାଇଲେ ରାଜ୍ୟରେ ନିରବଚ୍ଛିନ୍ନ ଭାବରେ ବିଦ୍ୟୁତ ଯୋଗାଇବାକୁ ହେଲେ ଗ୍ରୀଡ଼କୋକୁ ୩୭୫୫୪ ମେଗା ୟୁନିଟ୍‌ର ବିଦ୍ୟୁତ ଶକ୍ତି ଆବଶ୍ୟକତା ପଡୁଛି । ଏପ୍ରିଲ ମାସରେ ୩୩୧୮, ମେ ମାସରେ ରାଜ୍ୟକୁ ୩୩୬୧ ଜୁନ ମାସରେ ୩୨୩୫ ମେଗା ୟୁନିଟ୍ ବିଦ୍ୟୁତ ଆବଶ୍ୟକତା ରହିଛି । କିନ୍ତୁ ଗ୍ରୀଡ଼କୋର ତଥ୍ୟ ଅନୁସାରେ ରାଜ୍ୟର ଆବଶ୍ୟକତା ଠାରୁ ବିଭିନ୍ନ ଉତ୍ସରୁ ବିଦ୍ୟୁତ ଯୋଗାଣ କମଥିଲା । ଚାହିଦା ଅଧିକ, ଯୋଗାଣ କମ ଥିଲେ ନିଶ୍ଚିତ ଭାବରେ ବିଦ୍ୟୁତ କାଟ ହେବ । ସବୁଠାରୁ ଦୁଃଖର କଥା ଏନଟିପିସି (୪୦୦ ମେଗାୱାଟ) ଓ ବେଦାନ୍ତ (୩୦୦ ମେଗାୱାଟ) ଠାରୁ ରାଜ୍ୟ ସରକାର ମୋଟ ୭୦୦ ମେଗାୱାଟ ର ବିଦ୍ୟୁତ ପାୱାର ପର୍ଚେଜ ଏଗ୍ରିମେଂଟ ଠାରୁ କମ ପାଉଛନ୍ତି । ଏଇ ଦୁଇ କମ୍ପାନୀ ଗ୍ରୀଡ଼କୋ ୭୦୦ ମେଗାୱାଟର ବିଦ୍ୟୁତ ଯାହା ସରକାର ପାଇବା କଥା ତାହା ଜାଣିସୁଣି ଦେଉନାହାନ୍ତି ଏବଂ ଏଥିପାଇଁ ଶକ୍ତିବିଭାଗର ମନ୍ତ୍ରୀ ଏବଂ ଶକ୍ତି ସଚିବ ଏପରିକି ଓଇଆରସି ସମସ୍ତେ ଜାଣିସୁଣି ନିରବ କାହିଁକି ? ଏ ସରକାର କାହାର ସ୍ୱାର୍ଥ ରକ୍ଷା କରିବାପାଇଁ ଅହରହ ଉଦ୍ୟମ କରୁଛନ୍ତି । ଆବଶ୍ୟକତା ଠାରୁ କମ ବିଦ୍ୟୁତ ମିଳୁଥିବା ହେତୁ ଏକ ପ୍ରମୁଖ କାରଣ ବୋଲି ମୋର ଧାରଣା । ସରକାର ଏ ବାବଦରେ ସ୍ପଷ୍ଟିକରଣ ରଖନ୍ତୁ । ସହରାଂଚଳ ଠାରୁ ଗ୍ରାମାଂଚଳ ପର୍ଯ୍ୟନ୍ତ ଘନ ଘନ ବିଦ୍ୟୁତ କାଟ ହେଉଛି ଏ କଥାକୁ ନା ମନ୍ତ୍ରୀ ନା ସଚିବ କେହି ସ୍ୱୀକାର କରୁନାହାନ୍ତି । ରାଜ୍ୟରେ ଏକ ଅଭାବନୀୟ ପରସ୍ଥିତି ସୃଷ୍ଟି ହୋଇଛି । ଦୀର୍ଘ ବର୍ଷ ଶାସନରେ ରହିବା ହେତୁ ଅତ୍ୟନ୍ତ ଅହଂଭାବ ସୃଷ୍ଟି ହୋଇଛି । ଯେଉଁଥିପାଇକି ଜନସାଧାରଣଙ୍କୁ ଏ ସରକାର ସମ୍ମାନ ଦେଉନାହାନ୍ତି । ସତ କହିବା ଏ ସରକାରଙ୍କ ପକ୍ଷେ ସମ୍ଭବ ନୁହେଁ । ମୁଖ୍ୟମନ୍ତ୍ରୀ ରାଜ୍ୟର ବିଦ୍ୟୁତକାଟକୁ ନେଇ ଥରୁଟିଏ ବି ତାଙ୍କ ପ୍ରତିକ୍ରିୟା ରଖୁନାହାନ୍ତି । ରାଜ୍ୟରେ ମୁଖ୍ୟମନ୍ତ୍ରୀଙ୍କର ଦାୟୀତ୍ୱ କ’ଣ କେବଳ ନିର୍ବାଚନ ଜିତିବା ନିଜ ମନ୍ତ୍ରୀମଣ୍ଡଳକୁ ବିଶ୍ୱାସକୁ ନନେବା ଓ ନିର୍ଦ୍ଦିଷ୍ଟ କତିପୟ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ସରକାର ଚଳାଇବା କି ? ରାଜ୍ୟ ସରକାର ୪୨ ହଜାର କୋଟି ଟଙ୍କାର ବିଦ୍ୟୁତ କ୍ଷେତ୍ରରେ ଭିର୍ତିଭୂମିର ପରିବର୍ତନ ପାଇଁ ପୁଞ୍ଜି ବିନିଯୋଗ କରାଯାଇଛି ବୋଲି କୁହାଯାଉଛି । ତାହାହେଲେ ପରିସ୍ଥିତି ଏତେ ଅସମ୍ଭାଳ କାହିଁକି ? ମନ୍ତ୍ରୀ ଟ୍ରିପିଂ, ଟ୍ରାନସଫରମର ପୋଡ଼ିଯିବା, କଟଆଉଟ ଉଡ଼ିଯିବା ଇତ୍ୟାଦି କଥା କହୁଛନ୍ତି । ପ୍ରକୃତ କଥା ଏତେଗୁଡ଼ିଏ ଅର୍ଥ ଉନ୍ନତମାନର ତାର, ଖୁଂଟି, ଟ୍ରାନସଫରମର ଇତ୍ୟାଦି ଜିନିଷ ଲଗାଯାଇଛିକି ? ନା ଅର୍ଥ କେବଳ ବାଟମାରଣା ହୋଇଛି ଓ ଦଳୀୟ ପାଣ୍ଠି ସଂଗ୍ରହ କରାଯାଇଛି । କଂଗ୍ରେସ ସରକାର ସମୟରେ ଭିର୍ତିଭୂମିର ପୁର୍ନବିନ୍ୟାଶ ପାଇଁ ୱାଲର୍ଡ ବ୍ୟାଙ୍କ ଠାରୁ ଋଣ କରାଯିବା ପାଇଁ ନିଷ୍ପତି ହୋଇଥିଲା । ବିଶ୍ୱ ବ୍ୟାଙ୍କ ମଧ୍ୟ ଋଣ ଦେବା ପାଇଁ ରାଜି ହୋଇଥିଲା । କିଛି କାମ ଆରମ୍ଭ ହୋଇଥିଲା । ୨୦୦୦ ମସିହା ଠାରୁ ଏ ସରକାର ଆସିଲାପରେ ବିଶ୍ୱବ୍ୟାଙ୍କ ଋଣ ବନ୍ଦ ହେଲା ଭିର୍ତିଭୂମି ସଜାଡ଼ ହେଲା ନାହିଁ ଏବଂ ପୂର୍ବରୁ ରିଲିଆନ୍ସ ଡିସକମ୍‌କୁ ୪୨୩୪ କୋଟି ଟଙ୍କା ଆଦାୟ ନକରି ଛାଡ଼ି ଦେବା ଏ ସରକାରଙ୍କର ପାରିବା ପଣିଆ । ଆଜିର ବିଦ୍ୟୁତ କାଟ ପାଇଁ ସରକାର କେବଳ ସଂପୂର୍ଣ୍ଣ ଭାବେ ଦାୟୀ ।

# କ୍ରେଡିଟ-କୋ-ସୋସାଇଟି ଓ ସମାଜ ଆନୁକୂଲ୍ୟରେ ରକ୍ତଦାନ ଶିବିର

କେନ୍ଦ୍ରାପଡ଼ା, ୨୫/୦୬ (ନି.ପ୍ର): ଉତ୍କଳମଣି ପୁଣ୍ୟାତ୍ମା ଗୋପବନ୍ଧୁ ଦାସଙ୍କ ୯୫ ତମ ପୁଣ୍ୟତିଥି ପାଳନ ଅବସର ରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ଟାଉନ ହଲ ପରିସରରେ କେନ୍ଦ୍ରାପଡା "କ୍ରେଡିଟ-କୋ-ଅପରେଟିଭ ସୋସାଇଟି ଓ ସମାଜ" ର ମିଳିତ ଉଦ୍ୟମରେ ଏହି ରକ୍ତାଦାନ ଶିବିରର ଆୟୋଜନ କରାଯାଇ ଥିଲା । ଏଥିରେ ମୋଟ ୧୧୬ ୟୁନିଟ ରକ୍ତ ସଂଗୃହିତ ହୋଇଥିବା ଜଣାପଡିଛି । କେନ୍ଦ୍ରାପଡା କ୍ରେଡିଟ-କୋ-ଅପରେଟିଭ ସୋସାଇଟି ର ପ୍ରତିଷ୍ଠାତା ସଭାପତି ପ୍ରମୋଦ କୁମାର ସାହୁ ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ କେନ୍ଦ୍ରାପଡା ପୌରାଧକ୍ଷା ସରିତା ସାହୁ, ସଂପାଦକ ପ୍ରହଲ୍ଲାଦ ସାହୁ, ଅତିରିକ୍ତ ସଂପାଦକ ଅରବିନ୍ଦ ସାହୁ ସମାଜସେବୀ ରଞ୍ଜିତ ସାହୁ, ଗୌତମ ସାହୁ ଓ ସୋସାଇଟର ସମସ୍ତ ଶାଖାର ପରିଚାଳକ ମାନେ ଏହି ଶିବିରରେ ଉପସ୍ଥିତ ଥିଲେ । ରକ୍ତଦାନ ଶିବିର ରେ ସୋସାଇଟ ର ସମସ୍ତ କର୍ମଚାରୀ, ଶାଖା ପରିଚାଳକ ଓ ସ୍ୱେଚ୍ଛାସେବୀ ଛାତ୍ର ଯୁବକ ମାନେ ଶିବିରରେ ରକ୍ତଦାନ କରିଥିଲେ ।

# ୩୪ ଜିଲ୍ଲା ଓ ସିଟି ଆହାର ସମିତିକୁ ୧୧ କୋଟି ୧୭ ଲକ୍ଷ ଟଙ୍କା ପ୍ରଦାନ

ଭୁବନେଶ୍ୱର, ୨୫/୦୬ (ନି.ପ୍ର): ରାଜ୍ୟର ସମସ୍ତ ପୌରାଂଚଳରେ ଥିବା ୩୪ ଜିଲା ଆହାର ସମିତି ଓ ସିଟି ଆହାର ସମିତିକୁ ଗୃହ, ନଗର ଉନ୍ନୟନ ବିଭାଗ ୧୧ କୋଟି ୧୭ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି ଓ ୨୦୨୩ - ୨୪ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ପାଇଁ ଏହି ଅର୍ଥ ରିଲିଜ କରାଯାଇଛି ଓ ଏହି ପାଣ୍ଠି ରାଜ୍ୟରେ ୧୬୭ ଆହାର କେନ୍ଦ୍ର ମାଧ୍ୟମରେ ଗୁଣାତ୍ମକ ଖାଦ୍ୟ ବଂଟନକୁ ସହଜ କରିବ ଏବଂ କୌଣସି ସମସ୍ୟାର ସମ୍ମୁଖୀନ ହେବ ନାହିଁ ବୋଲି ନୋଡାଲ ଅଧିକାରୀ ସାରଦା ପ୍ରସାଦ ପଣ୍ଡା କହିଛନ୍ତି । ପ୍ରକାଶକ ଥାଉକି ଆହାର, ଓଡ଼ିଶା ସରକାରଙ୍କ ଏକ ଫ୍ଲାଗସିପ କାର୍ଯ୍ୟକ୍ରମ ଯାହା ନାଗରିକଙ୍କ କଲ୍ୟାଣ ପାଇଁ ସେମାନଙ୍କର ଗଭୀର ପ୍ରତିବଦ୍ଧତାର ପ୍ରତୀକ ପାଲଟିଛି । ୫ଟି ମହାନଗର ନିଗମରେ ୨୧ଟି 'ଆହାର' କେନ୍ଦ୍ର ସହିତ ଏକ ସାମାନ୍ୟ ପ୍ରୟାସ ଭାବେ ଯାହା ଆରମ୍ଭ ହୋଇଥିଲା, ତାହା ଏବେ ଏକ ଶକ୍ତିଶାଳୀ ଆନ୍ଦୋଳନରେ ପରିଣତ ହୋଇଛି । ରାଜ୍ୟର ସମସ୍ତ ୧୧୫ ଟି ସହରାଂଚଳ ସ୍ଥାନୀୟ ସଂସ୍ଥାକୁ ନେଇ ଗଠିତ ଓଡ଼ିଶାରେ ୧୬୭ ଟି 'ଆହାର' କେନ୍ଦ୍ର ରହିଛି । ପ୍ରତ୍ୟେକ ଦିନ, ଏହି ସ୍ମାରକୀ ପ୍ରୟାସ ପ୍ରାୟ ଏକଲକ୍ଷ ଯୋଗ୍ୟ ବ୍ୟକ୍ତିଙ୍କ ଜୀବନକୁ ଛୁଇଁଥାଏ, ଯାହା ସୁନିଶ୍ଚିତ କରେ ଯେ କେହି ଭୋକିଲା ଶୋଇବେ ନାହିଁ । ସାମୁହିକ ଭାଗିଦାରୀକୁ ପ୍ରୋତ୍ସାହିତ କରିବା ପାଇଁ ସରକାର 'ଆହାର' କାର୍ଯ୍ୟକ୍ରମରେ ଶେଷ ପର୍ଯ୍ୟନ୍ତ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସାମିଲ କରାଇଛନ୍ତି ଓ ସମସ୍ତ ୧୬୭ ଟି ଆହାର କେନ୍ଦ୍ର ଓ ୨୭ଟି ଆହାର ରୋଷେଇ ଘର ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଦିଆଯାଇଛି । ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ଆର୍ଥିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ସରକାର ସହରାଂଚଳ ସ୍ଥାନୀୟ ପୌର ସଂସ୍ଥା ଗୁଡିକୁ ନିର୍ଦ୍ଦେଶ ଦେଇଛନ୍ତି ଯେ ମିଶନଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକୁ ସମସ୍ତ ଆବଶ୍ୟକ ସହାୟତା ପ୍ରଦାନ କରନ୍ତୁ ଏବଂ ପ୍ରତ୍ୟେକ ମାସର ୭ ତାରିଖ ସୁଦ୍ଧା ସେମାନଙ୍କୁ ନିର୍ଦ୍ଧାରିତ ସମୟରେ ପାରିଶ୍ରମିକ ପ୍ରଦାନ କରିବାକୁ କୁହାଯାଇଛି ବୋଲି ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି ।

# ରାସ୍ତା କଡରୁ ଚାଲିଛି ଗଛକଟା: ବନ ବିଭାଗ ନିରବ

କେନ୍ଦ୍ରାପଡ଼ା, ୨୫/୦୬ (ନି.ପ୍ର): ପରିବେଶ ଓ ଜଳବାୟୁର ସୁରକ୍ଷା ପାଇଁ ବୃକ୍ଷ ହିଁ ଏକମାତ୍ର ବିକଳ୍ପ । ରାଜ୍ୟ ସରକାର ବୃକ୍ଷ ରୋପଣ ପାଇଁ ଗେଟି କୋଟି ଟଙ୍କା ଖର୍ଚ୍ଚ କରି ଜନ ସଚେତନତା ସୃଷ୍ଟି କରିବା ସହ ସାମାଜିକ ବନୀକରଣକୁ ଅଗ୍ରାଧିକାର ଦେଉଥିବା ବେଳେ ରାସ୍ତା କଡରେ ଥିବା ମୂଲ୍ୟବାନ ପୁରୁଣା ବଡବଡ ଗଛ ଗୁଡିକୁ ଦୁର୍ବୃତ ମାନେ କାଟି ନେଉଛନ୍ତି । ଏନେଇ ବନ ବିଭାଗ ଓ ପୋଲିସ ପ୍ରଶାସନ ସଂପୂର୍ଣ୍ଣ ନିରବ ରହିଛି । ଏହିଭଳି ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡା ବ୍ଲକ ଅଧିନ କଂସାର ପଂଚାୟତର ଏଣ୍ଡର, ଫୋରଡ, ମାଲୱା ପ୍ରଭୃତି ଅଂଚଳର କେତେକ ବ୍ୟକ୍ତି ରାସ୍ତା କଡରେ ଲଗା ଯାଇଥିବା ବଡ ବଡ ଗଛ ଗୁଡିକୁ କାଟି ନେଇ ବିକ୍ରି କରୁଥିବା ଏବଂ ନିଜ ଗୃହରେ ଲଗାଉଥିବା ଜଣାପଡିଛି ।

# ବିଧାନସଭା ପରିସରରେ ନବକୃଷ୍ଣ ଚୌଧୁରୀଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୫/୦୬ (ନି.ପ୍ର): ଓଡ଼ିଶାର ମହାନ ସ୍ୱାଧୀନତା ସଂଗ୍ରାମୀ, ଅନ୍ୟତମ ବିପ୍ଳବୀ ପୁରୁଷ, ସମାଜବାଦୀ ନେତା, ପ୍ରଜା ତଥା ଭୂଦାନ ଆନ୍ଦୋଳନର କର୍ଣ୍ଣଧାର, ଆଦର୍ଶବାଦୀ ରାଜନୀତିଜ୍ଞ ଏବଂ ନିଷ୍କଳଙ୍କ ମୁଖ୍ୟମନ୍ତ୍ରୀ ଥିଲେ ନବକୃଷ୍ଣ ଚୌଧୁରୀ । ତାଙ୍କର ଅନନ୍ୟ ବ୍ୟକ୍ତିତ୍ୱ ଓ ବୈପ୍ଳବିକ ଚିନ୍ତାଧାରା ଆଜି ଅକଳ୍ପନୀୟ । ସମ୍ଭ୍ରାନ୍ତ ପରିବାରରେ ଭୂମିଷ୍ଠ ହୋଇଥିଲେ ମଧ୍ୟ ସମାଜର ଦଳିତ, ନିଷ୍ପେସିତ ଓ ଅବହେଳିତଙ୍କ ସେବାରେ ସେ ଥିଲେ ଚିରବ୍ରତୀ । ଚାଷୀମୂଲିଆଙ୍କ ସ୍ୱାର୍ଥରକ୍ଷା, ସାମାଜିକ ନ୍ୟାୟ ପ୍ରତିଷ୍ଠା ଦିଗରେ ପ୍ରତିବଦ୍ଧତା, ଓଡ଼ିଆ ଭାଷାକୁ ସରକାରୀ ସ୍ତରରେ ବ୍ୟବହାର କରିବା ନିମନ୍ତେ ତାଙ୍କର ଉଦ୍ୟମ ପାଇଁ ସେ ଚିର ଅମର ହୋଇ ରହିବେ । ଶନିବାର ପୂର୍ବାହ୍ନରେ ଓଡ଼ିଶା ବିଧାନସଭା ପକ୍ଷରୁ ଆଦର୍ଶବାଦୀ ବିଶିଷ୍ଟ ଜନନେତା ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ୩୯ତମ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବିଧାନସଭାର କାର୍ଯ୍ୟକାରୀ ବାଚସ୍ପତି ରଜନୀକାନ୍ତ ସିଂହ ବିଧାନସଭାସ୍ଥିତ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତିରେ ପୁଷ୍ପଗୁଚ୍ଛ ଅର୍ପଣ କରିଥିଲେ । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ, ପଂଚାୟତିରାଜ ଓ ପାନୀୟ ଜଳ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରଦିପ କୁମାର ଅମାତ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ସରକାରୀ ଦଳର ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ସରକାରୀ ଉପମୁଖ୍ୟ ସଚେତକ ସରୋଜ ମେହେର, ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଧାୟକ ପ୍ରଫୁଲ୍ଲ କୁମାର ସାମଲ ଓ ଅମର ପ୍ରସାଦ ଶତପଥୀ, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାନସଭା ସଚିବ ଦାଶରଥୀ ଶତପଥୀ ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ମହାନ ଜନନାୟକ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।
ବିଧାନସଭାର ଯୁଗ୍ମ ନିର୍ଦ୍ଦେଶକ (ଗବେଷଣା) ଶିବପ୍ରସାଦ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ କେନ୍ଦ୍ରର କଣ୍ଠଶିଳ୍ପୀମାନେ ନବକୃଷ୍ଣ ଚୌଧୁରୀଙ୍କ ଜୀବନୀ ଆଧାରିତ 'ଉତ୍କଳ ମାଟିର ମହାନାୟକ' ଶୀର୍ଷକ ସଂଗୀତ ପରିବେଷଣ କରିଥିଲେ ।

# 'ସାହିତ୍ୟ ମାସିକୀ'ରେ ଆଲୋଚନା :'ଅନୁଭବ ଓ ଏକାତ୍ମତା କଥାକାରର ମୂଳମନ୍ତ୍ର'

ଭୁବନେଶ୍ୱର, ୨୫/୦୬ (ନି.ପ୍ର): ଅନେକ ସମୟରେ ଜୀବନର ଛୋଟ ଛୋଟ କଥା ଗଳ୍ପ ଲେଖିବାକୁ ଉଦ୍ ?ବିଗ୍ନ କଲେ ମଧ୍ୟ ଅନୁଭବ ଓ ଏକାତ୍ମତା ନଥିଲେ ସାର୍ଥକ ଲେଖା ସମ୍ଭବ ହୋଇପାରିବ ନାହିଁ । ଛଳନା କି ସ୍ୱାର୍ଥକୁ ଗୁରୁତ୍ୱ ଦେବା ବଦଳରେ ନିର୍ଭେଜାଲ ଜୀବନଯାପନକୁ ସୃଜନଶୀଳ ମଣିଷ ଗୁରୁତ୍ୱ ଦେବା ଉଚିତ ବୋଲି ବିଶିଷ୍ଟ କଥାକାର ସଦାନନ୍ଦ ତ୍ରିପାଠୀ ମତବ୍ୟକ୍ତ କରିଛନ୍ତି । ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ 'ସାହିତ୍ୟ ମାସିକୀ' କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ତ୍ରିପାଠୀ 'ମୋ ଜୀବନ, ମୋ ସାହିତ୍ୟ' ପ୍ରସଙ୍ଗରେ ବକ୍ତବ୍ୟ ରଖି କହିଲେ ଯେ ମଣିଷର ନିରୀହତା, ସରଳତା ଓ ବିଶ୍ୱାସ ପ୍ରତି କୁଠାରାଘାତ ହେଲେ ସ୍ରଷ୍ଟା କଲମରେ ତା'ର ପ୍ରତିକ୍ରିୟା ପ୍ରକାଶ କରେ ଏବଂ ତାହା ହିଁ ପ୍ରଭାବୀ ହୋଇପାରେ । ଅଧ୍ୟାପକ ଡ. ପ୍ରଦୀପ କୁମାର ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରି ସ୍ୱାଗତ ଜଣାଇଥିଲେ ।

# କଫିର ଇତିହାସ

ଚା ପସନ୍ଦ କରୁଥିବା ଲୋକଙ୍କ ସଂଖ୍ୟା ତ ଅଗଣିତ। ମାତ୍ର କଫି ପସନ୍ଦ କରୁଥିବା ଲୋକଙ୍କ ସଂଖ୍ୟା ବି କିଛି କମ୍ ନୁହେଁ। ଦିନକୁ ଦିନ ବଢ଼ିଚାଲିଥିବା ଅଫିସ୍ କଲଚର୍ ଏବଂ ସ୍ୱାଦରେ ବିଭିନ୍ନତା ଆସୁଥିବାରୁ କଫିପ୍ରେମୀଙ୍କ ସଂଖ୍ୟା ବି ବୃଦ୍ଧି ପାଇଛି। ଏହି କ୍ରମରେ ଆସନ୍ତୁ ନଜର ପକାଇବା କଫି ବିଷୟରେ ଆଉ କିଛି ରୋଚକ ତଥ୍ୟ।



**କଫିର ଇତିହାସ:**
କଫି ଗଛ ସର୍ବପ୍ରଥମେ ଇଥିଓପିଆର କଫା



ନାମକ ଏକ ସ୍ଥାନରେ ମିଳିଥିଲା। କଫିକୁ ନେଇ ଅନେକ କିମ୍ବଦନ୍ତୀ ଅଛି। ସେମିତି ଏକ କିମ୍ବଦନ୍ତୀ ଅନୁସାରେ ଏକ ଅବସ ଅପରାହ୍ନରେ ଜଣେ ପଶୁପାଳକ ପ୍ରଥମଥର ପାଇଁ ଏହି ଗଛ ସଂସ୍ପର୍ଶରେ ଆସିଥିଲା। ସେ ଲକ୍ଷ୍ୟ କରିଥିଲା ଅଚାନକ ତା’ ଗାଇ ଓ ମେଣ୍ଢାମାନେ ପୂର୍ବ ତୁଳନାରେ ଅଧିକ ସକ୍ରିୟ ହୋଇଯାଇଛନ୍ତି। ଗାଇ ଓ ମେଣ୍ଢାମାନେ ଏକ ବଡ଼ ଗଛ ତଳେ ପଡ଼ିଥିବା ଲାଲ ରଙ୍ଗର ଫଳକୁ ଖୁବ୍ ଖୁସିରେ ଖାଇ ଚାଲିଛନ୍ତି। ଖାଇବାର କିଛି ସମୟ ମଧ୍ୟରେ ସେମାନେ ପୂର୍ବ ତୁଳନାରେ ଅଧିକ ଚଳଚଞ୍ଚଳ ହୋଇପଡୁଛନ୍ତି। ଏହା ଦେଖିବା ପରେ ସେ ନିଜେ କିଛି ମଞ୍ଜି ଚୋବାଇ ଦେଖିଥିଲା। ତାକୁ ମଧ୍ୟ ଲାଗିଥିଲା ପୂର୍ବ ତୁଳନାରେ ନିଜକୁ ଖୁବ୍ ଫୂର୍ତ୍ତି ଅନୁଭବ କରୁଛି। ୧୪୧୪ ମସିହା ବେଳକୁ ମକ୍କା ମଧ୍ୟ କଫି କାରଣରୁ ପରିଚିତ ହୋଇସାରିଥିଲା ଏବଂ ପଞ୍ଚଦଶ ଶତାବ୍ଦୀ ଆରମ୍ଭରେ ଏହା ୟେମେନ ଭଳି ଦେଶକୁ ପହଞ୍ଚି ସାରିଥିଲା। କିନ୍ତୁ ସେ ପର୍ଯ୍ୟନ୍ତ ଏହାକୁ କେବଳ ସୁଫି ସନ୍ଥମାନଙ୍କ ପାନୀୟ ମଧ୍ୟରେ ହିଁ ସୀମିତ ରହିଯାଇଥିଲା। ୧୫୫୪ ମସିହା ବେଳକୁ ଏହା ସିରିଆ ଏବଂ ତୁର୍କିର ଇସ୍ତାନବୁଲ ସହରକୁ ପ୍ରସାରିତ ହୋଇସାରିଥିଲା। ୟୁରୋପର କଫି, ତମ୍ବାଖୁ ଏବଂ ଚକୋଲେଟ୍ ଷୋଡ଼ଶ ଏବଂ ସପ୍ତଦଶ ଶତାବ୍ଦୀ ବେଳକୁ ଲୋକପ୍ରିୟ ହେବାକୁ ଲାଗିଲା। ପ୍ରଥମେ କଫି ଚାଷ ୟେମେନରେ ହେଉଥିଲା ଏବଂ ୟେମେନର ଲୋକମାନେ ହିଁ ଆରବୀ ଭାଷାରେ ଏହାର



ନାମକରଣ କରିଥିଲେ କହୱା। ପରବର୍ତ୍ତୀ ସମୟରେ ଏହି ଶବ୍ଦଟିରୁ କଫି ଏବଂ କାଫେ ଶବ୍ଦର ଉତ୍ପତ୍ତି ହୋଇଥିଲା। ଗରମ ଅନୁଭୂତ ହେଉଥିବା ଲାଟିନ ଆମେରିକାର କେତେକ ଦେଶ ସମେତ କେତେକ ଆଫ୍ରିକୀୟ ରାଷ୍ଟ୍ର ତଥା ଭିଏତନାମ ଓ ଇଣ୍ଡୋନେସିଆରେ ମଧ୍ୟ ଏହାର ଉତ୍ପାଦନ ହୋଇଥାଏ। ଭାରତର ମଧ୍ୟ କେବେକି ଉତ୍ପାଦନ ପୂର୍ବ ତୁଳନାରେ ବୃଦ୍ଧି ପାଇଛି।

**ସ୍ୱାଦ ଓ ସୁଗନ୍ଧ:**

ସ୍ୱାଦ ଓ ସୁଗନ୍ଧର ପ୍ରକାରଭେଦ ଅନୁସାରେ କଫି ବିନ୍ସ ଦୁଇ ପ୍ରକାର-ଆରବିକା ଏବଂ ରୋବୋଷ୍ଟା। ଆରବିକା ବିନ୍ସରେ ପ୍ରସ୍ତୁତ କଫିରେ ସ୍ୱାଦ ଓ ସୁଗନ୍ଧ ଉଭୟ ଖୁବ୍ ଅଧିକ। ସେମିତି ରୋବୋଷ୍ଟା ବିନ୍ସରୁ ପ୍ରସ୍ତୁତ କଫି ଟିକେ କଡ଼ା ସ୍ୱାଦର। କଫି ପିଉଥିବା ଲୋକମାନଙ୍କ ପାଇଁ ଆରବିକା କି ସବୁ ଦୃଷ୍ଟିରୁ ଉପଯୁକ୍ତ। ଏହି କଫି ସେଇସବୁ ଲୋକମାନଙ୍କ ପାଇଁ ଭଲ ଯେଉଁମାନେ ହାଲୁକା ଓ ଫ୍ଲେଭରଯୁକ୍ତ କଫି ପିଇବାକୁ ପସନ୍ଦ କରନ୍ତି। କିନ୍ତୁ ଯେଉଁ ଲୋକମାନେ କଫିରୁ କାଫେନ୍ ବ୍ୟତୀତ ଅଲଗା ଏନର୍ଜି ଆଶା କରନ୍ତି ସେମାନଙ୍କ ପାଇଁ ରୋବୋଷ୍ଟା ଉପଯୁକ୍ତ। ଭାରତରେ ପ୍ରସ୍ତୁତ ହେଉଥିବା କଫି ବିନସ ମଧ୍ୟରେ ମାଲାବାର ମନସୁନ ଓ ଡାର୍କ ଫରେଷ୍ଟ



ଅନ୍ୟତମ। ଏହି କଫିରୁ ଆଲମଣ୍ଡ, ଏମେରେଟୋ, ଅଇରିଶ କ୍ରିମ, ଫ୍ରେଞ୍ଚ ଭ୍ୟାନିଲା, ସ୍ୱିସ ମୋଚା, ଭ୍ୟାନିଲା, ଚକୋଲେଟ, ମିଣ୍ଟ, ପିପରମିଣ୍ଟ, ପମ୍ପକିନ ସ୍ପାଇସ୍ ଆଦି ସ୍ୱାଦଯୁକ୍ତ ବ୍ଲେଣ୍ଡେଡ଼ କଫି ପ୍ରସ୍ତୁତ ହୋଇଥାଏ।

**ବଢ଼ୁଛି ବିଦେଶୀ କଫିର ଚାହିଦା:**

ଆମ ଦେଶର କେତେକ ପ୍ରତିଷ୍ଠିତ କାଫେରେ ବିଦେଶୀ ବ୍ରାଣ୍ଡର କଫି ମଧ୍ୟ ଉପଲବ୍ଧ। କେନିଆ, ବ୍ରାଜିଲ, କଲମ୍ବିଆ, ଇଥିଓପିଆ, ସୁମାତ୍ରା ଆଦି ଦେଶରେ ଉତ୍ପାଦନ ହେଉଥିବା କଫି ଏବେ ଆମ ଦେଶରେ ମିଳୁଛି। ଇଥିଓପିଆର କଫି ଇରଗୈସଫେ ଏବେ ଆମ ଦେଶରେ ବେଶ୍ ଲୋକପ୍ରିୟ ହେବାରେ ଲାଗିଛି। ସେମିତି ଇଣ୍ଡୋନେସିଆର ସୁକାବେସି ଫ୍ଲେଭରକୁ ମଧ୍ୟ ଲୋକମାନେ ପସନ୍ଦ କରୁଛନ୍ତି। ବିଶ୍ୱର ସବୁଠୁ ମହଙ୍ଗା କଫି ବିନ୍ ଇଣ୍ଡୋନେସିଆରେ ମିଳିଥାଏ। ଏହାର ନାଁ କୋପି ଲୁୟାକ ଯାହା ପ୍ରତି କିଲୋଗ୍ରାମ ପିଛା ୭୦୦ ଡଲାରରେ ବିକ୍ରିହୋଇଥାଏ। ଏହାର ଫ୍ଲେଭର ଏତେ ସୁନ୍ଦର ଯେ ଏହାର ନକଲ କରିବା କେବଳ ମୁସ୍କିଲ ନୁହେଁ, ଅସମ୍ଭବ ମଧ୍ୟ। ମୁଖ୍ୟତଃ ଆମେରିକା ଏବଂ ଜାପାନରେ ଏହି କଫି ମଞ୍ଜି ମିଳିଥାଏ। ସିଭେଟ୍ ନାମକ ଏକ ପ୍ରକାର ବିଲେଇ ଜାତୀ ପ୍ରାଣୀ ଏହି କଫିର ମଞ୍ଜି ଖାଇଦିଅନ୍ତି। ଏହାପରେ ସମୋନଙ୍କ ମଳରୁ କୋପି ଲୁୟାକ ଦାନା ସଂଗ୍ରହ କରାଯାଏ। ସ୍ୱାଦ ଏବଂ ସୁଗନ୍ଧ ଦୃଷ୍ଟି ଏହି କଫି ଅତୁଳନୀୟ।

# ପାଦରେ ଟାଟୁ




ଟାଟୁ କରିବାକୁ ଯେଉଁମାନେ ପସନ୍ଦ କରନ୍ତି ସେମାନଙ୍କ ପାଇଁ କିଛି ନୂଆ ଟାଟୁ ଆଇଡିଆ ରହିଛି। ପାଦରେ କେମିତି ବିଭିନ୍ନ ଡିଜାଇନର ଟାଟୁ ହୋଇପାରିବ, ସେ ବାବଦରେ ଜାଣନ୍ତୁ।

ଅର୍ନାମେଣ୍ଟାଲ ଆଙ୍କଲେଟ୍: ଟାଟୁର ପାଉଁଜି ପିନ୍ଧିଲେ ଆପଣଙ୍କ ପ୍ରିତିଟି ଷ୍ଟେପରେ ଘୁଙ୍ଗୁର ଶୁଭିବନି ସତ, କିନ୍ତୁ ପାଦ ପାଇଁ ଏହା ହେବ ସବୁଠାରୁ ଇନୋଭେଟିଭ୍ ପିସ୍ ଟାଟୁ। ଜିନ୍ସ ପିନ୍ଧନ୍ତୁ କି ସ୍କର୍ଟ- ଟାଟୁ ସବୁବେଳେ ଆପଣଙ୍କ ଆଉଟଫିଟ୍‌କୁ ମ୍ୟାଚ କରିବ।

ପ୍ରଜାପତି ଏବଂ ତାରା: ବିଭିନ୍ନ ରଙ୍ଗକୁ ନେଇ ଆପଣ ଆପଣଙ୍କ ପାଦରେ ପ୍ରଜାପତି ଏବଂ ତାରା କରିପାରିବେ।

ସିମ୍ବଲ: କିଛି ସିମ୍ବଲକୁ ନେଇ ଟାଟୁ କରନ୍ତୁ। ଯେଉଁଠି ଛୋଟିଆ ଟାଟୁ ଅତି ସୁନ୍ଦର ଏବଂ ୟୁନିକ୍ ଲାଗୁଛି ସେଠି ବେଶୀ ବଡ଼ ଟାଟୁର ଆବଶ୍ୟକତା କ’ଣ ?

ପଶୁପକ୍ଷୀ: କଳା କିମ୍ବା ଧଳା ରଙ୍ଗର ଟାଟୁ ହେଉ- ପକ୍ଷୀର ପର ବେଶ୍ ସୁନ୍ଦର ଲାଗେ।

ଫ୍ଲୋରାଇ ଡିଜାଇନ: ଆପଣ ଯଦି ଫୁଲକୁ ବେଶୀ ଭଲପାଆନ୍ତି ଏବଂ ଫୁଲର ବାସ୍ନା ଯଦି ଆପଣଙ୍କୁ ଅଟକାଇ ଦେଉଥାଏ, ତେବେ ପାଦରେ ଫୁଲର ଟାଟୁ କରନ୍ତୁ । ଫୁଲକୁ ନେଇ ଆପଣ ବିଭିନ୍ନ ପ୍ରକାରର ଡିଜାଇନ୍ କରିପାରିବେ।

ମ୍ୟୁଜିକ: ସମସ୍ତେ ମ୍ୟୁଜିକ୍‌କୁ ଭଲପାଆନ୍ତି କିନ୍ତୁ କେବେ ଭାବିଛନ୍ତି ଆପଣଙ୍କ ଫେଭରିଟ୍ ମ୍ୟୁଜିକକୁ ନେଇ ଟାଟୁ କରିବା କଥା। ଯେଉଁ ଗୀତ ଆପଣଙ୍କୁ ଭଲ ଲାଗୁଛି ସେ ଗୀତର



ପ୍ରଥମ ଧାଡ଼ି କିମ୍ବା କୌଣସି ମ୍ୟୁଜିକାଲ ଇନଷ୍ଟ୍ରୁମେଣ୍ଟକୁ ନେଇ ମଧ୍ୟ ପାଦରେ ଟାଟୁ କରିହେବ।

ପାଦତଳେ ଟାଟୁ: ଅନ୍ୟ କୌଣସି ଜାଗାରେ ଟାଟୁ କଲେ ସମସ୍ତେ ଦେଖିପାରିବେ କିନ୍ତୁ ପାଦତଳେ ଟାଟୁ କଲେ କେହି ଦେଖିପାରିବେନି କେବଳ ଆପଣଙ୍କ ଆଖି ହିଁ ଦେଖିପାରିବ।

ଥ୍ରୀଡି ଟାଟୁ: ପାଦରେ ଥ୍ରୀଡି ଟାଟୁ ବେଶ ଚମତ୍କାର ଦିଶିଥାଏ।

# ତେଲିଆ ତ୍ୱଚାର ଯତ୍ନ

- ଗୋଲାପ ପାଖୁଡ଼ାରେ ଏଣ୍ଟି ଅକ୍ସିଡାଣ୍ଟ୍ ଭିଟାମିନ ବି, ସି ଏବଂ କେ ଉପାଦାନ ରହିଛି। ଏହା ତେଲିଆ ତ୍ୱଚା ପାଇଁ ଉପକାରୀ।
- ପ୍ରଥମେ ଗୋଲାପ ପାଖୁଡ଼ାକୁ ଭଲଭାବେ ଧୋଇ ବାଟି ଦିଅନ୍ତୁ। ସେଥିରେ ଏକ ଚାମଚ ମହୁ ଫେଣ୍ଟି ମୁହଁରେ ଲେପନ୍ତୁ। ଅଧଘଣ୍ଟାଏ ପରେ ଥଣ୍ଡା ପାଣିରେ ଧୋଇଦିଅନ୍ତୁ। ଦିନକୁ ଦୁଇଥର ଏପରି କଲେ ଅଳ୍ପ ଦିନ ମଧ୍ୟରେ ତ୍ୱଚା ସଫା ପଡ଼େ। ମୁଖ ବ୍ରଣ ସମସ୍ୟା ଦୂରହୁଏ।
- କିଛି ଗୋଲାପ ପାଖୁଡ଼ା ବାଟି ସେଥିରେ ଅଳ୍ପ ବେସନ ଓ ପାଣି ଫେଣ୍ଟନ୍ତୁ। ଏହାକୁ ମୁହଁ, ହାତ, ବେକ, ପାପୁଲିରେ ଲଗାନ୍ତ, ତ୍ୱଚା ଫାଟିବା ସମସ୍ୟା ଦୂରହେବ।
- ସମାନ ପରିମାଣରେ ମହୁ, ଚନ୍ଦନ ଏବଂ ଅଳ୍ପ ଗୋଲାପ ଜଳ ଫେଣ୍ଟି ମୁହଁରେ ଲଗାନ୍ତୁ। କିଛି ସମୟପରେ ଥଣ୍ଡା ଜଳରେ ମୁହଁ ଧୋଇଦିଅନ୍ତୁ।
- ଗୋଲାପ ପାଖୁଡ଼ା ଓ ପୁଦିନା ପତ୍ରକୁ ବାଟି, ସେଥିରେ ଲେମ୍ବୁରସ ଫେଣ୍ଟି ତ୍ୱଚାରେ ଲଗାଇଲେ ତ୍ୱଚାର ଚମକ ବଢ଼େ।





# ବୟସର ଛାପ ନ ପଡ଼ିବା ପାଇଁ ଖାଦ୍ୟ



ଆଜିକାଲିର ଯୁବପିଢ଼ି ଆବଶ୍ୟକତା ଠାରୁ ଅଧିକ ସଚେତନ ଥିବାବେଳେ ବୟସ୍କ ଲୋକେ ମଧ୍ୟ ନିଜ ତ୍ୱଚା ବାବଦରେ ଧ୍ୟାନ ଦେଉଥିବାର ଦେଖାଯାଉଛି। ତ୍ୱଚାରେ ଭାଙ୍ଗ ନପଡୁ କିମ୍ବା ବୟସର ଛାପ ନପଡୁ, ଏସବୁ ବାବଦରେ ଯୁବତୀ ତଥା ମହିଳାମାନେ ଅଧିକ ଉପଚାର କରୁଛନ୍ତି। ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ମତରେ ଖାଦ୍ୟପେୟ ଉପରେ ଧ୍ୟାନ ଦେଲେ ଏସବୁର ଅସୁବିଧା ଉପୁଜିନଥାଏ।

ଡାଳିମ୍ବ: ନିୟମିତ ଭାବରେ ସକାଳ କିମ୍ବା ସନ୍ଧ୍ୟାରେ ଡାଳିସମ୍ବ ଖାଇବାର ଅଭ୍ୟାସ କରିବା ଭଲ। ଏହାଦ୍ୱାରା ତ୍ୱଚାରେ ଚମକ ଆସିବା ସହ କେଶର ଘନତ୍ୱ ବଢ଼ିଥାଏ। ଡାଳିମ୍ବରସ ଅଧକପ ସକାଳେ ପିଇବା ମଧ୍ୟ ହିତକାରୀ।



କମଳା: ଏଥିରେ ଭିଟାମିନ ସି ପ୍ରଚୁର ପରିମାଣରେ ଥାଏ। ଏହାକୁ ଖାଇଲେ ତ୍ୱଚା କୋମଳ ହେବା ସହ ରଙ୍ଗ ସଫା ହୋଇଥାଏ।

ଅଲିଭତେଲ: ଅଲିଭ ତେଲରେ ପ୍ରତ୍ୟହ ଖାଦ୍ୟ ରାନ୍ଧିଖାଇବାର ଅଭ୍ୟାସ କରିବା ଉଚିତ। ଏହାସ୍ୱାସ୍ଥ୍ୟ, ତ୍ୱଚା ଓ କେଶ ପାଇଁ ଏକ ଉତ୍ତମ ଉପାଦେୟ। ଏଥିରେ ଓମେଗା ଥ୍ରୀ ଫ୍ୟାଟି ଏସିଡ୍ ତ୍ୱଚା କୋମଳ ରଖିବା ସହ ଭାଙ୍ଗ ପକାଇନଥାଏ ।

ଦହି- ପ୍ରତ୍ୟହ ଦ୍ୱିପ୍ରହର ଭୋଜେନରେ ଦହି ଖାଇବା ଅଭ୍ୟାସକରନ୍ତୁ। ଏହା ମଧ୍ୟ ତ୍ୱଚାପାଇଁ ଏକ ଉତ୍ତମ ଖୋରାକ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ମିଳିତ ଶକ୍ତି...

ବର୍ଷ ୨୦୨୩ ଆଉ ମାତ୍ର ଦିନ କେତେଟା ପରେ ଅଧା ରାସ୍ତା ଅତିକ୍ରମ କରିବ । ପାଖେଇ ଆସୁଛି ୨୦୨୪, ଅର୍ଥାତ୍ ରାଜନୀତିକ ଦଳମାନଙ୍କ ପାଇଁ ଲୋକସଭା ଏବଂ କେତେକ ରାଜ୍ୟର ବିଧାନସଭା ନିର୍ବାଚନରେ ସେମାନଙ୍କ ଶକ୍ତି ପ୍ରଦର୍ଶନ କରିବାର ବେଳ । ତା' ପୂର୍ବରୁ ମଧ୍ୟ ଏଇ ବର୍ଷ ରହିଛି କେତେକ ରାଜ୍ୟର ବିଧାନସଭା ନିର୍ବାଚନ । ବେଶ୍ କିଛି ଦିନ ହେବ କେନ୍ଦ୍ରର ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାର ବିରୁଦ୍ଧରେ ଏକ ମେଣ୍ଟ ଗଠନ କରି ଆସନ୍ତା ଲୋକସଭା ନିର୍ବାଚନରେ ତାକୁ ଗାଦିରୁ ହଟାଇବା ପାଇଁ ବେଶ୍ କିଛି ନେତା ଉଦ୍ୟମ କରି ଆସୁଛନ୍ତି । ଏମାନଙ୍କ ମଧ୍ୟରୁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସମ୍ପ୍ରତି ସର୍ବାଗ୍ରେ ରହିଛନ୍ତି । ଏଇ କ୍ରମରେ ଗତକାଲି ବିହାରର ପାଟନାଠାରେ ଅନୁଷ୍ଠିତ ହୋଇ ଯାଇଛି ବିରୋଧୀ ଦଳମାନଙ୍କର ବ୍ୟାପକ ଅଂଶଗ୍ରହଣ ସହିତ ପ୍ରଥମ ବୈଠକ । ଉଦ୍ଦେଶ୍ୟ- ଲୋକସଭା ନିର୍ବାଚନ ପାଇଁ ଏକ ସାଧାରଣ ମଞ୍ଚ ଏବଂ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା। ତେବେ ଏଇ ସଭାର ଗୁରୁତ୍ୱପୂର୍ଣ୍ଣ ଦିଗଟି ହେଉଛି ମେଣ୍ଟ ପାଇଁ ବିରୋଧୀ ଦଳମାନଙ୍କ ସାମ୍ନାରେ ଅନେକଗୁଡ଼ିଏ ନମୁନା ରହିଥିବା ବେଳେ ଏମାନେ ଯଦି ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କୁ କଡ଼ା ଚ୍ୟାଲେଞ୍ଜ ଦେବା ଉପରେ ବାସ୍ତବରେ ଗୁରୁତର ଭାବରେ ଚିନ୍ତା କରୁଥାନ୍ତି, ତା'ହେଲେ ଏମାନଙ୍କର ନେତୃତ୍ୱ କଂଗ୍ରେସ ନେବା ଆବଶ୍ୟକ ଏବଂ ଏହା ମଧ୍ୟ ସମସ୍ତଙ୍କୁ ନିଜ ଶିବିରରେ ଏକାଠି ନେଇ ଆଗେଇବା ଜରୁରୀ। ଏକଥା ସତ ଯେ କିଛିଦିନ ପୂର୍ବରୁ କଂଗ୍ରେସର ଯେପରି ଶୋଚନୀୟ ଅବସ୍ଥା ଥିଲା, ତାକୁ ଦେଖି ବିରୋଧୀ ଦଳମାନେ ଏହାର ନେତୃତ୍ୱ ନେବା ଉପରୁ ଆସ୍ଥା ତୁଟାଇ ଦେଇଥିଲେ, ଏମିତିକି କଂଗ୍ରେସକୁ ବାଦ୍ ଦେଇ ମେଣ୍ଟ କରିବା କଥା ଚିନ୍ତା କରୁଥିଲେ। କିନ୍ତୁ ଆଜିକା ଦିନରେ କଂଗ୍ରେସର ପରିସ୍ଥିତି ଭିନ୍ନ। ମେଣ୍ଟର ନେତୃତ୍ୱ ନେବା ପାଇଁ ଏହି ସର୍ବପୁରାତନ ଦଳ ପ୍ରମୁଖ ଦାବିଦାର ଏବଂ ଦୁଇଗୋଟି କାରଣରୁ ଏହା ଉପରେ ପ୍ରଶ୍ନ ଉଠାଇବା ସହଜ ନୁହେଁ । କର୍ଣ୍ଣାଟକ ଏବଂ ହିମାଚଳ ପ୍ରଦେଶରେ କଂଗ୍ରେସର ବିପୁଳ ବିଜୟ ପ୍ରମାଣିତ କରି ଦେଇଛି ଯେ ଏବେ ବି ଦଳ ନିକଟରେ ବିଜେପିକୁ ଶକ୍ତ ଧକ୍କା ଦେବା ସହିତ ଏହାର ଡବଲ-ଇଞ୍ଜିନ୍ ତତ୍ତ୍ୱକୁ ପରାଜିତ କରିବାର ଶକ୍ତି ରହିଛି । ଏହା ବାଦ୍ କେତେକ ପ୍ରମୁଖ ରାଜ୍ୟ, ଯଥା ତାମିଲନାଡୁ, ମହାରାଷ୍ଟ୍ର, ବିହାର ଏବଂ ଝାଡ଼ଖଣ୍ଡରେ କଂଗ୍ରେସ ପ୍ରତି ପ୍ରତିବଦ୍ଧ କେତେକ ନିର୍ଭରଯୋଗ୍ୟ ମିତ୍ର ଦଳମାନେ ରହିଛନ୍ତି । ଭାରତ ରାଷ୍ଟ୍ର ସମିତି (ବିଆରଏସ୍)ର ନେତୃତ୍ୱ ନେଉଥିବା ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ ଚନ୍ଦ୍ରଶେଖର ରାଓ ଯିଏକି ପ୍ରଥମେ ବିନା କଂଗ୍ରେସରେ ଏକ ମେଣ୍ଟ କରିବାକୁ ପ୍ରସ୍ତାବ ଦେଉଥିଲେ, ବର୍ତ୍ତମାନ ସେ ତହିଁରୁ ନିବୃତ୍ତ ହେବାର ମନୋଭାବ ପ୍ରଦର୍ଶନ କରିବାକୁ ଆରମ୍ଭ କରିଛନ୍ତି । କଂଗ୍ରେସ ନିଜ ବଳରେ ବା ଏହାର ଦୀର୍ଘକାଳ ଧରି ରହି ଆସିଥିବା ପ୍ରତିବଦ୍ଧ ମେଣ୍ଟ ଦଳମାନଙ୍କ ସହିତ ତାମିଲନାଡୁ, କେରଳ, କର୍ଣ୍ଣାଟକ, ତେଲେଙ୍ଗାନା, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ରାଜସ୍ଥାନ, ହରିୟାନା, ଛତିଶଗଡ଼, ଆସାମ, ବିହାର, ହିମାଚଳ ପ୍ରଦେଶ, ଏବଂ ଜାମ୍ମୁ ଓ କାଶ୍ମୀରରେ ଏହାର ଆଖଦୃଶିଆ ଉପସ୍ଥିତିକୁ ବଜାୟ ରଖୁଛି । ଉତ୍ତରପ୍ରଦେଶ ଏବଂ ପଶ୍ଚିମବଙ୍ଗରେ ଦଳର ଅତି ସ୍ୱଳ୍ପ ନିର୍ବାଚନୀ ଉପସ୍ଥିତି ରହିଛି ଯେଉଁ ଦୁଇ ରାଜ୍ୟରେ ଏହାର ସମାଜବାଦୀ ପାର୍ଟି ଏବଂ ତୃଣମୂଳ କଂଗ୍ରେସ ସହିତ ଯଥାକ୍ରମେ ପ୍ରେମ-ଘୃଣାର ସମ୍ପର୍କ ରଖୁଥିବା ବେଳେ ଦିଲ୍ଲୀ ଏବଂ ପଞ୍ଜାବରେ ଏହାକୁ ସିଧାସଳଖ ଏଏପି ସହିତ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପଡ଼ିବ । ବିରୋଧୀ ଦଳମାନେ ଏକାଠି ହେବା ପାଇଁ ଅନେକଗୁଡ଼ିଏ ବାଧ୍ୟବାଧକତାମୂଳକ କାରଣ ରହିଛି ଏବଂ ବିଭିନ୍ନ ନେତା ଏହାକୁ ଭିନ୍ନ ଭିନ୍ନ ସମୟରେ ପ୍ରକାଶ କରି ଆସିଛନ୍ତି। ସେହିସବୁ କାରଣ ମଧ୍ୟରୁ କେତେକ ସମସ୍ତଙ୍କ ପାଇଁ ସମାନ ହୋଇଥିବା ବେଳେ ଆଉ କେତେକ ରାଜ୍ୟ-ନିର୍ଦ୍ଦିଷ୍ଟ । ବିରୋଧୀ ଦଳର ନେତାମାନଙ୍କ ବିରୋଧରେ ବିଜେପି କେନ୍ଦ୍ରୀୟ ଏଜେନ୍ସିମାନଙ୍କୁ ପ୍ରୟୋଗ କରିବା ସେମାନଙ୍କୁ ଚକିତ କରିଛି । ବିରୋଧୀ ଦଳମାନଙ୍କ ଦ୍ୱାରା ଶାସିତ ରାଜ୍ୟମାନଙ୍କରେ ସରକାରମାନଙ୍କ ବିରୋଧରେ 'ଅପରେସନ୍ ଲୋଟସ୍' ଛଦ୍ମବେଶରେ ନିରନ୍ତର ଆକ୍ରମଣ କରାଯିବା ଗଣତନ୍ତ୍ରର ମୌଳିକ ଧାରଣା ପ୍ରତି ଏକ ଆଘାତ, ଯାହା ବିରୋଧୀମାନଙ୍କୁ ମିଳିତ ଭାବରେ ଲଢ଼େଇ କରିବା ନିମନ୍ତେ ଏକାଠି କରାଇବାର ଏକ ବଡ଼ କାରଣ । ସେହିପରି ଶାସନର ସଂଘୀୟ ବ୍ୟବସ୍ଥା ପ୍ରତି ହେୟଭାବ ପ୍ରଦର୍ଶନ ମଧ୍ୟ ବିରୋଧୀମାନଙ୍କ ଏକାଠି ହେବା ପଛର ଅନ୍ୟ ଏକ କାରଣ । ଏହାର ଏକ ସଦ୍ୟତମ ଉଦାହରଣ ହେଉଛି ଦିଲ୍ଲୀ ସରକାରଙ୍କ ବିରୋଧରେ ଅଣାଯାଇଥିବା ଅଧ୍ୟାଦେଶ କହିବା ବାହୁଲ୍ୟ, ଏହିସବୁ ପ୍ରସଙ୍ଗକୁ ସମାଧାନ କରିବା କଂଗ୍ରେସ ଉପରେ ନିର୍ଭର କରେ । ଏଏପି ତ ଧମକ ଦେଇ ସାରିଛି ଯେ କଂଗ୍ରେସ ଯଦି କେନ୍ଦ୍ରୀୟ ଅଧ୍ୟାଦେଶକୁ ନେଇ ରହିଥିବା ଏହାର ଚିନ୍ତାକୁ ଦୂର ନକରେ, ତା'ହେଲେ ଏହା କଂଗ୍ରେସ ସହିତ ରହିବ ନାହିଁ । ଅପର ପକ୍ଷରେ, କଂଗ୍ରେସ ଯଦି ନିଜର ସାମର୍ଥ୍ୟ ବଳରେ ଏମିତି କିଛି ପ୍ରସ୍ତାବ ଦିଏ ଯାହାକୁ ଏଡ଼ାଇ ଯିବା କଠିନ ହେବ, ତା'ହେଲେ ତୃଣମୂଳ କଂଗ୍ରେସ ଏବଂ ସମାଜବାଦୀ ପାର୍ଟି ବିରୋଧୀ ମଞ୍ଚର ଅଂଶ ହୋଇ ପାରନ୍ତି । ସର୍ବୋପରି, କିଛି ଭରସା ସହିତ ଯଦି ନିର୍ବାଚନ ମଇଦାନକୁ ବିରୋଧୀମାନେ ଓହ୍ଲାଇବାକୁ ଚାହାନ୍ତି, ତା'ହେଲେ ଏକ ସମାନ ରଣକୌଶଳ ସହିତ ୫୪୩ଟିଯାକ ଲୋକସଭା ଆସନ ପାଇଁ ଏନ୍ ?ଡିଏ ବିରୋଧରେ ସେମାନଙ୍କୁ ଜଣେ ମାତ୍ର ପ୍ରାର୍ଥୀ ଦେବା ଅନିବାର୍ଯ୍ୟ। ବିରୋଧୀମାନେ କେତେଦୂର ଏହା କରି ପାରୁଛନ୍ତି, ତା' ଉପରେ ହିଁ ନିର୍ଭର କରେ ଭବିଷ୍ୟତର ଫଳାଫଳ।



## ମଦ ନିଶା ନିବାରଣର ଗୁରୁତ୍ୱ

**ଡକ୍ଟର ଲକ୍ଷ୍ମଣ ସାହୁ**

ଗ୍ରାମାଞ୍ଚଳରେ ନିର୍ମିତ ବିଷାକ୍ତ ବେଆଇନ ମଦ ଜୀବନ ନେବାର ନଜିର କମ୍ ନାହିଁ । ବିଶେଷ କରି ଅବହେଳିତ ପଛୁଆ ଅଞ୍ଚଳ ତଥା ସୀମାନ୍ତରେ ଏହାର ବିକ୍ରି ଫଳରେ ବନ୍ୟ ଅଞ୍ଚଳରେ ପାନ କରୁଥିବା ଅଗଣିତ ଲୋକ ଅସୁସ୍ଥ ହୋଇ ଡାକ୍ତରଖାନାରେ ମୃତ୍ୟୁବରଣ କରିଥିବା ଗଣମାଧ୍ୟମରେ ଦେଖିବାକୁ ମିଳେ । ଯେଉଁମାନେ ଏହାର ଉତ୍କଟ ବିଷ ଦ୍ୱାରା ଅଧିକ ପ୍ରଭାବିତ ହୁଅନ୍ତି, ସେମାନେ ଡାକ୍ତରଖାନାର ଦ୍ୱାର ମଧ୍ୟ ଛୁଇଁ ପାରନ୍ତି ନାହିଁ । କିନ୍ତୁ ବେଆଇନ ମଦ ବିକ୍ରି ବନ୍ଦ କରିବାକୁ ସରକାର ଓ ପ୍ରଶାସନର ମନୋଭାବ ସବୁଠାରେ ସମାନ । କିଛି ଦିନ ପରେ ଏକ ବଡ଼ ଘଟଣାରେ ସରକାରଙ୍କ କଠୋରତା ସେହି ରୂପରେ ଦୃଶ୍ୟମାନ ହେଉଛି ଯେ ମଦ ମୃତ୍ୟୁ ଜନିତ କ୍ଷତିପୂରଣ ହିସାବରେ ମୃତ୍ୟୁବରଣ କରିଥିବା ଲୋକଙ୍କ ପରିବାରକୁ କିଛି ପରିମାଣ ଅର୍ଥ ହସ୍ତାନ୍ତର କରାଯାଇଛି । ବେଆଇନ ମଦ ଡିଷ୍ଟିଲରିଗୁଡିକର ଅଭ୍ୟାସ ଓ ମଦ ମାଫିଆଙ୍କୁ ଗିରଫ କରିବା ପରେ, ପୁରା ସିଷ୍ଟମ୍ ପୂର୍ବ ପରି ପୁନଃ ଶୋଇଯାଏ ଯେପର୍ଯ୍ୟନ୍ତ ଏହି କାହାଣୀ ଅନ୍ୟ ସ୍ଥାନରେ ପୁନରାବୃତ୍ତି ନହୁଏ । ଗୁରୁତ୍ୱ ପୂର୍ଣ୍ଣ ପ୍ରଶ୍ନ ହେଉଛି ଯେ ବିଷାକ୍ତ ମଦ ଭଳି ଘଟଣା ଦେଶର ପଛୁଆ ତଥା ଅବହେଳିତ ଅଞ୍ଚଳରେ ପ୍ରାୟତଃ ଘଟିଥାଏ ।

କେବଳ କାହିଁକି (?) ଗରିବ ଶ୍ରମିକ ଶ୍ରେଣୀର ବ୍ୟକ୍ତି ଏଥିରେ ଶିକାର ହୁଅନ୍ତି ? ଏହାର ଏକ ସରଳ ଉତ୍ତର ହେଉଛି, ସମସ୍ତେ ଜାଣନ୍ତି ଯେ ସରକାରୀ ଚୁକ୍ତିନାମା ବଦଳରେ ସାଧାରଣ ଗ୍ରୋସରୀ ଦୋକାନ ଓ ଢାବା ଇତ୍ୟାଦିରେ ବିକ୍ରି ହେଉଥିବା ଏପରି ଦେଶୀ ମଦର ଗୁଣବତ୍ତା ଯାଞ୍ଚ କରିବା ଆମ ଦେଶରେ କୌଣସି ନୀତିଗତ ପଦ୍ଧତି ନାହିଁ । ଏହି ବ୍ୟବସାୟ ହେଉଛି ପୋଲିସ୍ ଓ ଏକ୍ସାଇଜ୍ ବିଭାଗ ସହିତ ମିଳିତ ଭାବରେ ଚାଲୁଥିବା ମଦ ମାଫିଆମାନଙ୍କର ଏକ ବ୍ୟାପକ ନେଟୱାର୍କର ଫଳାଫଳ । କିନ୍ତୁ ଏହାର ମନିଟରିଂ ସହିତ ଜଡିତ ସିଷ୍ଟମର ପ୍ରତ୍ୟେକ ଅଂଶ ଏହାକୁ ଦେଖିବା ପରେ ମଧ ଅଜ୍ଞାତ ହୋଇ ରହିଥାଏ, ସର୍ବଶେଷରେ ଯେପର୍ଯ୍ୟନ୍ତ ଏକ ବଡ଼ ଦୁର୍ଘଟଣା ଘଟେ । ଦେଖିବାକୁ ଗଲେ ବିହାର ପରି ମଦ ନିଷେଧାଦେଶ ସତ୍ତ୍ୱେ ବି ବୃହତ ଅଞ୍ଚଳରେ ମଧ ସେହି ମାଫିଆ ଲୋକମାନଙ୍କୁ ଶସ୍ତା ମଦ ଯୋଗାଇବାରେ ସକ୍ଷମ ଅଟନ୍ତି । ଏଥିରୁ ସ୍ପଷ୍ଟ ଯେ ପୋଲିସ୍ ଓ ଏକ୍ସାଇଜ୍ ବିଭାଗର ଅଧିକାରୀଙ୍କ ଲାଞ୍ଚ ଓ ଟଙ୍କା ଜମା ହେତୁ ଓ ରାଜନୈତିକ ପୃଷ୍ଠପୋଷକତାରେ ଏହି ନେଟୱାର୍କ ମଦ ବିକ୍ରି କରିବାକୁ ସକ୍ଷମ ହୁଏ ।

କେନ୍ଦ୍ର ଓ ରାଜ୍ୟ ସରକାର ଗୁଡ଼ିକ ଉଭୟ କେବେ ଏହି ପ୍ରଶ୍ନକୁ ବିଚାର କରିଛନ୍ତି କି ନାହିଁ ଜାଣିବା କଷ୍ଟକର । କେବଳ ବସ୍ତିରେ ରହୁଥିବା ଶ୍ରମିକ-ଗରିବ ବିଭାଗ କାହିଁକି ଶସ୍ତା ମଦ ବିଷର ଶିକାର ହେଉଛନ୍ତି ବୋଲି ? ଗରିବ ଲୋକଙ୍କର ମଦ ବିଷାକ୍ତ ହୋଇଥିବାରୁ, ଏପରି ମୃତ୍ୟୁ ଘଟଣା ଘଟୁଥିବା ଉପରେ ତଦନ୍ତ କିଛି ଦିନ ଧରି ଅବହେଳା ହେଉଛି । ମଦ ମାଫିଆର କ୍ଷମତା ଓ ଏହାର ଲୋଭ ବିଷୟରେ ଉଲ୍ଲେଖ କରାଯାଇଛି । ଯେଉଁମାନେ ମଦରେ ମାରାତ୍ମକ ମିଥାନୋଲ ମିଶ୍ରଣ କରି ସେମାନଙ୍କର ଲାଭ ବୃଦ୍ଧି କରିବାକୁ ଚାହୁଁଛନ୍ତି । ସାଧାରଣ ଲୋକମାନେ ମଧ୍ୟ ଏପରି ଘଟଣା ଉପରେ ନୀରବ ରୁହନ୍ତି । ଏହି ଗରିବ ଲୋକମାନେ କାହିଁକି ମଦ୍ୟପାନ ବନ୍ଦ କରନ୍ତି ନାହିଁ, କିମ୍ବା ସରକାରୀ ଚୁକ୍ତିରେ ଧାଡିରେ ଠିଆ ହୋଇ ମହଙ୍ଗା ମଦ କିଣୁ ନାହାଁନ୍ତି । ଅନ୍ୟଥା 'ଯଦି ଆପଣ ପିଅନ୍ତି, ତେବେ ତାହା ସ୍ୱାସ୍ଥ୍ୟ ପ୍ରତି ହାନିକାରକ' ଫଳକ ନାମମାତ୍ର ଟଙ୍ଗା ଯାଏ । ଅନ୍ୟ ପଟରେ କହିବାକୁ ଗଲେ କଥାଟି ହେଲା, ଜଣେ ଧନୀ ବ୍ୟକ୍ତିଙ୍କ ଭଳି ଗ୍ରାହକ ଭାବରେ ଗରିବ ଲୋକଙ୍କର ମଧ କମ୍ ମୂଲ୍ୟରେ, କିନ୍ତୁ ନିରାପଦ ଓ ସିଲ୍ ମଦ କିଣିବା ଓ ଖାଇବା ଅଧିକାର ଅଛି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ପାଶ୍ଚାତ୍ୟ ଦେଶମାନଙ୍କରେ, ଅନ୍ୟ ସମସ୍ତ ଉପଭୋକ୍ତା ସାମଗ୍ରୀ ପରି ମଦ୍ୟପାନକୁ ମଧ୍ୟ ଏକ ଉତ୍ପାଦ ଗ୍ରହଣ କରାଯାଏ । ତେଣୁ ଏହାର ଗୁଣବତ୍ତା, ମୂଲ୍ୟ ଇତ୍ୟାଦି ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ପରି ସେଠାରେ ନଜରରେ ରଖାଯାଏ । ଯେତେବେଳେ ଆମ ଦେଶର ସରକାର ଏହାକୁ ସାମାଜିକ ନୈତିକତା ସହିତ ଯୋଡି ଏହାକୁ ଦେଖନ୍ତି । ଯଦି ମଦ ନିଷେଧ ପଛରେ ଏହା ଦର୍ଶନ ନଥିଲା ଯାହା ୨୦୧୬ ମସିହାରେ ବିହାରରେ ଘୋଷିତ ହୋଇଥିଲା ଓ ବର୍ତ୍ତମାନ ପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହୋଇସାରିଛି । ବିଡମ୍ବନାର ବିଷୟ ଯେ ଆମ ସମାଜ ଏହି ବିଷାକ୍ତ ଦେଶୀ ମଦ ଦ୍ୱାରା ଘଟିଥିବା ଦୁର୍ଘଟଣାକୁ ଦେଖି ଏକ ଜାଲରେ ଫସି ରହିଥିବା ପଶୁ ଭଳି ମୂକ ହୋଇ ବସି ରହିଛି । ତେଣୁ ମଦ ନିଶା ନିବାରଣ ଉପରେ ସଂପୂର୍ଣ୍ଣ ନିଷେଧାଦେଶ ଭଳି ପଦକ୍ଷେପ ଆବଶ୍ୟକ କରେ । ଦେଶର ଅନେକ ଅଞ୍ଚଳରେ ମହିଳାମାନେ ମଦ ନିଷେଧାଦେଶ ନିମନ୍ତେ ଆନ୍ଦୋଳନ ଆରମ୍ଭ କରିଥିଲେ । ଏହାର ପ୍ରଭାବ ଯୋଗୁଁ ଗୁଜରାଟ, ବିହାର, ମିଜୋରାମ, ନାଗାଲାଣ୍ଡ, ମଣିପୁର ଓ ଲକ୍ଷ୍ମାଦୀପ ସରକାର ମଦ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି, ଓଡ଼ିଶା କଥା ନକହିବା ଭଲ । କିନ୍ତୁ ଏସମସ୍ତ ପ୍ରତିବନ୍ଧକ ସତ୍ତ୍ୱେ ଆଧୁନିକତା ନାମରେ ସମାଜରେ ମଦ୍ୟପାନ ବୃଦ୍ଧି ପାଇଛି ।

୨୦୧୯ ମସିହାରେ କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ଏବଂ ଦିଲ୍ଲୀର ଅଲ୍ ଇଣ୍ଡିଆ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ (AIIMS) ଦ୍ୱାରା ୧୮୬ ଟି ଜିଲ୍ଲାର ଦୁଇ ଲକ୍ଷରୁ ଅଧିକ ପରିବାରରେ ହୋଇଥିବା ମିଳିତ ସର୍ଭେରୁ ଜଣାପଡିଛି ଯେ ମଦ୍ୟପାନ କରୁଥିବା ଲୋକଙ୍କ ସଂଖ୍ୟା ପୂର୍ବାପେକ୍ଷା ଯଥେଷ୍ଟ ଗୁଣରେ ବୃଦ୍ଧି ପାଇଛି । ଏପରିକି ୧୦ରୁ ୭୫ ବର୍ଷ ବୟସର ବ୍ୟକ୍ତିଙ୍କ ମଧ୍ୟରେ ଅନେକ ମଦ୍ୟପାନ କରନ୍ତି, ସେମାନଙ୍କ ସଂଖ୍ୟା ହେଉଛି ୧୪୬ । ଯଦି ଲୋକମାନେ ଆଇନଗତ ଓ ଶସ୍ତା ଗୁଣାତ୍ମକ ମଦ ପାଆନ୍ତି, ତେବେ ଘଟିଥିବା ଦୁର୍ଘଟଣାରେ ଯଥେଷ୍ଟ ହ୍ରାସ ଘଟିପାରନ୍ତା । ବାସ୍ତବରେ ନିଷେଧ ସ୍ଥାନାନ୍ତରଣ ଓ ଏହିପରି ସଂକଳ୍ପଗୁଡିକ ବ୍ୟବହାରିକ ସମସ୍ୟା ହେତୁ ଅଧିକ ସମୟ ରହେ ନାହିଁ, ଯାହା ସମସ୍ୟାଗୁଡ଼ିକୁ ସେପରି ରଖେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ନିଷେଧାଦେଶ ସତ୍ତ୍ୱେ ବିହାରରେ ରାଜ୍ୟ ଆୟକର ନିଗମ ଅଧୀନରେ ପ୍ରସ୍ତୁତ ତଥା ବିକ୍ରି ହୋଇଥିବା ବିଦେଶୀ ମଦ ରହିଛି । ଏହା ଏକ ଧାରଣା ଦେଇଥାଏ ଯେ ସାମାଜିକ ଭାବରେ ଦେଖାଯାଇଥିବା ମଦ୍ୟପାନ ଅଧିକ କ୍ଷତି ଘଟାଉଛି ।

ନିଃସନ୍ଦେହ କହିହେବ ଯେ ଅର୍ଥନୈତିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀର ଲୋକମାନେ ଶସ୍ତା ଦେଶ ମଦ ଖାଉଛନ୍ତି । ଯାହା କେବଳ ସେମାନଙ୍କର ପାରିବାରିକ କଳହ ଓ ଆର୍ଥିକ କ୍ଷତି ଭଳି ସମସ୍ୟା ସୃଷ୍ଟି କରିନାହିଁ, ବରଂ ମୃତ୍ୟୁ ସଂଖ୍ୟା ମଧ୍ୟ ଯଥେଷ୍ଟ ରହିଛି । ଯେଉଁ ରାଜ୍ୟଗୁଡିକରେ ମଦ ନିଶା ଉପରେ ପ୍ରତିବନ୍ଧକ ଲାଗୁ ହୋଇସାରିଛି, ସେଠାରେ ଏଭଳି ବଡଧରଣର ସମସ୍ୟା ଦେଖାଯାଉ ନାହିଁ, ବରଂ ସମସ୍ୟା କିଛି କମିଛି । ସୀମାନ୍ତବର୍ତ୍ତୀ ଅଞ୍ଚଳର ଅନ୍ୟ ରାଜ୍ୟରୁ ଦେଶ ମଦ ଯୋଗାଣରେ ନିରବଚ୍ଛିନ୍ନ ଯୋଗାଣ ଚାଲିଛି । ଗୁଜୁରାଟରେ ନିଷେଧାଦେଶ ଲାଗୁ ହୋଇଛି, କିନ୍ତୁ ପଡୋଶୀ ରାଜ୍ୟ ମହାରାଷ୍ଟ୍ରର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ମଦ୍ୟପାନ ବହୁ ମାତ୍ରାରେ ରହିଛି । ବିହାରରେ ମଧ୍ୟ ସମାନ ସମସ୍ୟା ଦେଖାଯାଉଛି । ନେପାଳ ବ୍ୟତୀତ ଝାଡଖଣ୍ଡ, ପଶ୍ଚିମବଙ୍ଗ ଓ ଉତ୍ତରପ୍ରଦେଶକୁ ଲାଗିଥିବା ସୀମାନ୍ତ ଅଞ୍ଚଳରୁ ମଦ କାରବାର ଏହିପରି ନିଷେଧାଦେଶ ପ୍ରମାଣ କରିଛି । ସେହିଭଳି ପ୍ରଭାବ ଏବଂ ଉଚ୍ଚ ରାଜନୈତିକ ସମ୍ପର୍କ ଉପରେ ଚାଲୁଥିବା ବେଆଇନ ମଦ ବିକ୍ରୟ ବନ୍ଦ କରିବା ଏକ ବଡ ମୁଣ୍ଡବ୍ୟଥାର କାରଣ ପାଲଟିଛି ।

ଅଧିକାଂଶ କ୍ଷେତ୍ରରେ ମଦ୍ୟପାନ ନିଷେଧ ପଦକ୍ଷେପ ବିଫଳ ହେବାର ଦୁଇଟି କାରଣ ଅଛି । ପ୍ରଥମ କାରଣଟି ହେଉଛି ସେମାନେ ପ୍ରାୟତଃ ଅପ୍ରାକୃତିକ ଭାବରେ ଚୋରାଚାଲାଣ ଓ ଦ୍ୱିତୀୟ କାରଣ ହେଉଛି ସରକାରମାନେ ଏହି ସମସ୍ୟାକୁ ତୁରନ୍ତ ତଥା ଦୀର୍ଘକାଳୀନ ଦୃଷ୍ଟିକୋଣରୁ ବିଚାର କରନ୍ତି ନାହିଁ । ବରଂ ଏପରି କରାଯାଇଛି, ଯେଉଁମାନଙ୍କ ପାଇଁ ମଦ୍ୟପାନ ଏକ ଆରାମ ଭଳି କାମ କରେ । ସୌଖିନ ବଡ଼ ବଡ଼ ପଞ୍ଚତାରକା ହୋଟେଲ, ବାର୍ ଭିତରେ ବିଦେଶୀ ଦାମୀ ପାନୀୟ ସେବନ କରୁଥିବା ବେଳେ ସାଧାରଣ ବର୍ଗଙ୍କ ପାଇଁ ଖୋଲା ମଦ ଭାଟିରେ ସେମାନେ ନିଶାରେ ଟୁଳ ହୁଅନ୍ତି । ଅନେକ ଶ୍ରମିକ ସହରଗୁଡ଼ିକର ଦୁର୍ଗନ୍ଧଯୁକ୍ତ ପାଇଖାନା ସଂଯୁକ୍ତ ନାଳ ସଫା କରନ୍ତି । ସେମାନେ ପ୍ରାୟତଃ କେବଳ ଠିପି ଖୋଲା ମଦ୍ୟପାନ କରିବା ପରେ ନଳା, ନର୍ଦ୍ଦମା ଭିତରକୁ ପ୍ରବେଶ କରନ୍ତି । ଯାହା ଦ୍ୱାରା ସେମାନେ ଦୁର୍ଗନ୍ଧରୁ ରକ୍ଷା ପାଇବା ସହିତ ସେମାନଙ୍କର କାର୍ଯ୍ୟ କରିପାରିଥାନ୍ତି ।

ମଦ୍ୟପାନରୁ ସେମାନଙ୍କୁ ରୋକାଯାଇପାରିବ, ଯଦି ସେମାନଙ୍କୁ ଦୁର୍ଗନ୍ଧରୁ ରକ୍ଷା କରିବା ପାଇଁ ଓ ଏହି କାର୍ଯ୍ୟ ପାଇଁ ଅତିରିକ୍ତ ମଜୁରୀ ପାଇବା ପାଇଁ ମାସ୍କ ଯୋଗାଇ ଦିଆଯାଏ । ସେମାନଙ୍କୁ କାର୍ଯ୍ୟ କ୍ଷେତ୍ରକୁ ଯିବା ପୂର୍ବରୁ ମାକ୍ସ ପରିଧାନ କରିବାକୁ ସଚେତନ କରାଇବା ସହ ସର୍ତ୍ତ ମୂଳକ ଅତିରିକ୍ତ ମଜୁରୀ ଦିଆଯିବା ଆବଶ୍ୟକ । ତେଣୁ ଦୁର୍ଗନ୍ଧ ପରିପୂର୍ଣ୍ଣ କାମ ପାଇଁ ଯଦି ସେମାନେ ଆଇନଗତ ଉପାୟରେ ମଦ ନ ପାଆନ୍ତି, ତେବେ ସେମାନେ ଏଥିପାଇଁ ବେଆଇନ ଉପାୟ ଅବଲମ୍ବନ କରିବେ । ଯେଉଁଥିପାଇଁ ମଦ ବ୍ୟବସାୟ ଗୁପ୍ତରେ ବୃଦ୍ଧି ପାଇବ ଓ ଶସ୍ତା ମଦ ଅଧିକ ଦାମରେ ବିକ୍ରି ହେବ । ତେଣୁ ଲାଗୁ ହେବା ପଛରେ ପରୋକ୍ଷ ଉଦ୍ଦେଶ୍ୟ ଦେଖାଯାଉଛି ।

ନିଷେଧ କରିବା କେବଳ ପରୋକ୍ଷରେ ତୁଚ୍ଛା ପ୍ରଚାର ଅଟେ, ଅର୍ଥାତ୍ ଲୋକମାନେ ନିଜେ ମଦ ତ୍ୟାଗ କରିବା କିମ୍ବା ଦାମୀ ମୂଲ୍ୟରେ ବିଦେଶୀ ମଦ କିଣିବା ଉଚିତ୍ । ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ କେବଳ ଗରିବ ଲୋକ ମଦରୁ ବଞ୍ଚିତ ହେଉଛନ୍ତି, ଧନୀମାନେ ପୂର୍ବ ପରି ସହଜରେ ବିଦେଶୀ ମଦ ପାଇବାକୁ ଜାରି ରଖିବେ । ଦିଲ୍ଲୀରେ ଖୋଲା ସରକାରୀ ଚୁକ୍ତିନାମା ଏହାର ପ୍ରତୀକ । ଯେପର୍ଯ୍ୟନ୍ତ ସରକାର ଏହା ଉପରେ କଡା କଟକଣା ଜାରି କରିନାହାନ୍ତି, ବା ରାଜକୋଷର ଆୟବୃଦ୍ଧି ନିମନ୍ତେ ପରୋକ୍ଷରେ ମଦକୁ ପ୍ରୋତ୍ସାହନ କରୁଥିବେ ସେପର୍ଯ୍ୟନ୍ତ ଦେଶରୁ କି କୌଣସି ରାଜ୍ୟରୁ ମଦ ନିଶା ନିବାରଣ ସମ୍ଭବ ନୁହେଁ । ଅନ୍ୟ ପକ୍ଷରେ ଏଥିପାଇଁ ପ୍ରତ୍ୟେକ ପରିବାରର ଗୃହକର୍ତ୍ତା ଓ ସଦସ୍ୟମାନେ ମଦ୍ୟ ପାନ ଠାରୁ ଦୂରେଇ ସଚେତନ ରହିଲେ ପରିବାର ସୁସ୍ଥ ସୁନ୍ଦର ରହିପାରିବ..!!

ଅଧକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪

ମୋ:: ୯୦୪୦୧୫ ୧୪୭୫

## ସରକାରଙ୍କ ଜିରୋ ଟଲରେନ୍ସ



**ସୁବ୍ରତ କର**

ରାଜ୍ୟ ଲୋକସଂଖ୍ୟା ସାଢ଼େ ୪ କୋଟି ଏବଂ ସରକାରରେ କାର୍ଯ୍ୟରତ ଅଫିସରଙ୍କ ସଂଖ୍ୟା (ମୁଖ୍ୟ ସଚିବଙ୍କଠୁ ଆରମ୍ଭ କରି ପିଅନ ପର୍ଯ୍ୟନ୍ତ) ପ୍ରାୟ ସାଢ଼େ ୪ଲକ୍ଷ । ସରକାରଙ୍କ ଭିଜିଲେନ୍ସ ବିଭାଗ ସାରା ବର୍ଷରେ ପ୍ରାୟ ୩୦୦ ପାଖାପାଖି କେଶ କରି ପାରୁଛନ୍ତି । ଏବେକାର ଅବସ୍ଥାରେ ସଚ୍ଚୋଟ, ନିୟମନୀତି ଭିତରେ ରହି କାମ କରୁଥିବା କର୍ମଚାରୀର ସଂଖ୍ୟା ବହୁତ କମ ଏବଂ ଏହାର ମାନେ ହେଲା ଅଧିକାଂଶ କର୍ମଚାରୀ (ଯେଉଁ ସ୍ତରରେ ହେଉନା କାହିଁକି) ପ୍ରାୟ ସମସ୍ତେ କମ, ବେଶି ଭ୍ରଷ୍ଟାଚାରରେ ଲିପ୍ତ । ମାନ, ଅପମାନ, ଜେଲ ଏସବୁ ଏମାନଙ୍କ ପାଇଁ କିଛି ଯାଏ ଆସେନା । ସମସ୍ତେ ବ୍ୟସ୍ତ କେମିତି ସାଧାରଣ ଜନତାଙ୍କୁ ଠକେଇ, ଭୂଡେଇ ଦୁଇ ପଇସା କମାଇବା । ଆପଣ ପ୍ରତିଦିନ ଖବର କାଗଜ ଖୋଲିବେ ଦୁଇ ତିନୋଟି କର୍ମଚାରୀଙ୍କ ଘରେ ଭିଜିଲାନ୍ସ ବିଭାଗର ରେଡର ଖବର ମିଳିବ । ଯେଉଁ କର୍ମଚାରୀଙ୍କ ଘରେ ରେଡ କଲା କୋଟି କୋଟି ଟଙ୍କାର ଆୟ ବହିର୍ଭୂତ ଟଙ୍କା ବାହାରୁଛି । ଆଶ୍ଚର୍ଯ୍ୟର କଥା ଏହି ଟଙ୍କା ସବୁ କେସ ଆକାରରେ ଘରେ ରହୁଛି । ଅଫିସରମାନଙ୍କ ସାହସ କଥାକୁ ମାନିବାକୁ ପଡ଼ିବ କାରଣ ସେମାନେ ଦେଖୁଛନ୍ତି ଜେଲ ଗଲା ପରେ କିଛିଦିନ ପରେ ଛଡ଼ା ଫାଇଁ ପୁଣି ଧରାଧରି କରି ଆହୁରି ଭଲ ପୋଷ୍ଟ ଏବଂ ପଇସା ଖାଇବା ଜାଗାରେ ରହିବାକୁ ସକ୍ଷମ ହେଉଛନ୍ତି । ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ନବରଙ୍ଗପୁରରେ ଥିବା ସବ କଲେକ୍ଟର ଦାୟିତ୍ୱରେ ଥିବା ଅଫିସରଟି । ତାଙ୍କ ଘରୁ କେସ ବାହାରିଛି ୩କୋଟିରୁ ଉର୍ଦ୍ଧ୍ୱ ଏବଂ ଏହା ବ୍ୟତୀତ ସୁନା, ରୂପା, ଜମି ଘର, ଘର ପାଇଁ ଜାଗାର ଏପର୍ଯ୍ୟନ୍ତ ହିସାବ ସରିନାହିଁ । ସବ ମିଳିଲା ପରେ କେଉଁଠି ପହଞ୍ଚିବ ଏପର୍ଯ୍ୟନ୍ତ ଠିକଣା ହୋଇପାରିନାହିଁ । ସବୁଠୁ ବଡ଼ କଥା ହେଲା ଏହି ଭଦ୍ର ଲୋକ କିଛିଦିନ ତଳେ ବ୍ଲକରେ ଗୋଷ୍ଠୀ ଉନ୍ନୟନ ଅଫିସର ଥିବାବେଳେ ୧ଲକ୍ଷ ଟଙ୍କା ଲାଞ୍ଚ ନେଉଥିବାବେଳେ ଧରାପଡ଼ି ଜେଲ ଯାଇଥିଲେ ଏବଂ ଏତେ ପାରଙ୍ଗମ ପୁଣି ସେହି ଅଫିସର ଧରାଧରି କରି ଜିଲ୍ଲାର ସବ୍ କଲେକ୍ଟର ଦାୟିତ୍ୱରେ ଅଛନ୍ତି ଏବଂ ଏହି ଦୁଇ ବର୍ଷ ଭିତରେ ଏତେ ଟଙ୍କା ଏବଂ ସମ୍ପତ୍ତିର ମାଲିକ ହେଲେ କେମିତି ? ଏହା କଣ ସମ୍ଭବ, ବିନା ସରକାରଙ୍କ ସାହାଯ୍ୟରେ ?

ଏସବୁ କାମରେ ମହିଳା ଅଫିସର ମଧ୍ୟ କିଛି କମ୍ ନୁହଁନ୍ତି କାରଣ ଏବେ ଏବେ ଜଣେ ମହିଳା ଅଫିସରଙ୍କ (ଡିଏସଡବ୍ଲ୍ୟୁ, ଭଦ୍ରକ) ପାଖରୁ ସାଢ଼େ ୩କୋଟି ଟଙ୍କା ମୂଲ୍ୟର ସମ୍ପତ୍ତି ଜବତ୍ ହେଲା ପରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି । ଦୁଇଦିନ ତଳେ ସେହିପରି ଜଣେ ମହିଳା ଜୁନିଅର ଇଂଜିନିଅର ମଧ୍ୟ ଜେଲ ଗଲେ । ଏତେସବୁ ହେଲା ପରେ ସରକାର କହୁଛନ୍ତି ସେମାନେ କେଉଁଠି ଜିରୋ ଟଲରେନ୍ସରେ ଅଛନ୍ତି, କାରଣ କେତେଜଣ ହାତଗଣତି ଅଫିସରଙ୍କୁ ଚାକିରିରୁ ବହିଷ୍କାର କରି ବାହାଦୁରୀ ନେବାରେ କୌଣସି ମୂଲ୍ୟ ନାହିଁ । ପ୍ରଶ୍ନ ଉଠୁଛି ସରକାର ନିଜେ ବା ରାଜନୈତିକ ଦଳମାନେ ଯେ ପର୍ଯ୍ୟନ୍ତ ଭ୍ରଷ୍ଟାଚାରର ମୁକ୍ତ ନୁହଁନ୍ତି ସେ ପର୍ଯ୍ୟନ୍ତ ଏମିତି ଚାଲିଥିବ । ସରକାରୀ ବାବୁମାନେ ହେଲିକେପ୍ଟରରେ ଘୁରି ବୁଲି ସରକାରୀ କାମ କଲେ ଭ୍ରଷ୍ଟାଚାର କେବେ ବନ୍ଦ ହେବ ନାହିଁ ।




## କାଳିଆ କରୁଣା

**ଜଗଦୀଶ ସାହୁ**



ବାରମାସେ ତେରଯାତ କାଳିଆର
ହୁଏ ଭକତଙ୍କ ମେଳରେ
ପରବରେ ସାର ଶ୍ରୀଗୁଣ୍ଡିଚା ଯାର
ନାମ ପୂଣ୍ୟ ନୀଳାଚଳରେ !

ମଥାରେ ଟାହିଆ ବାନ୍ଧିକି କାଳିଆ
ଆସେ ଯେବେ ଝୁଲି ଝୁଲିକି
ଭକତକୁ ତାର ଦେଖେ ବାରବାର
ଆଗପଛ ବୁଲିବୁଲିକି
ଟେକି ଦୁଇହାତ କର ଦଣ୍ଡବତ
ଜଗାକୁ ପହଣ୍ଡି ବେଳରେ !

ଭାଇ ଭଉଣୀଙ୍କୁ ସାଥିରେ ନେବାକୁ
ଭୁଲିନାହିଁ କଳାକଉଡ଼ି
କାଳିଆ ରଥକୁ ଭକ୍ତ ଟାଣିବାକୁ
ହାତେ ଧରିଛନ୍ତି ଦଉଡ଼ି

ତୁଳସୀ ମାଳିଆ ହସୁଛି କାଳିଆ
ବସି ନନ୍ଦିଘୋଷ କୋଳରେ !

ରଥ ଗଡ଼ିଗଡି ଯିବ ମାଡିମାଡ଼ି
ଭାବର ଶରଧାବାଲିକୁ
ଜଗା ଓହ୍ଲାଇବ ଜନ୍ମବେଦୀ ଯିବ
ଦେଖ ତା' ଗୁଣ୍ଡୁଣୀ ଚାଲିକୁ
ଭକ୍ତ ଭଗବାନ ହୋଇବ ମିଳନ
କାଳିଆ କରୁଣା ବଳରେ !

ସଂଜପଡା, ହିନ୍ଦୋଳ
ଢେଙ୍କାନାଳ,୭୫୯୧୨୮
ମୋ : ୯୦୭୮୧୮୫୬୧୬

## ଏ ରାତି ବି ପାହିଯିବ

**ଝରଣା ବରେନ୍ଦ୍ର ଦାସ**

ଏ ରାତି ବି ପାହିଯିବ
ସ୍ୱାଭାବିକ ପାଲଟିବ ସବୁ
ପବନରୁ ପଚାଗନ୍ଧ ହଟିଯାଇ
ଫେରି ଆସିବ ମୁକୁଳାପଣ ପୁଣି
ମଳୟକୁ ସାଥିରେ ଆସି ।
ବେଶ୍ କେଇ ଦିନର ହଇଚଇ
ହୋହାଲ୍ଲା ପରେ
ଚୁପ୍ ପଡ଼ିଯିବ ଆପେ
ଅନ୍ୟ ଅନେକ କ୍ଷେତ୍ରରେ
ଘଟିଛି ଯେମିତି ସବୁ ।

ସମୟର ସାଉଁଳା ପଣରେ
ଧୋଇ ପୋଛି ନିଶ୍ଚିନ୍ନ ହୋଇଯିବ
ଛାତିକୁ ଦିଫାଳ କରି
ଅନ୍ତନକା ଦୁହିଁ ପକେଇଥିବା
ବ୍ୟଥା ବେଦନାର ଦାଗ ଯେତେ ।

କାନ୍ଦ ବୋବାଳି ହାହାକାର
ଆର୍ତ୍ତ ଚିତ୍କାରରେ ଫାଟିପଡ଼ି
ରାତି ରାତି ପ୍ରସିଦ୍ଧ
ଶବ୍ଦମୟ ପାଲଟିଥିବା ବାହାନଗା
ଡୁବିଯିବି ନିଃଶବ୍ଦ ଅନ୍ଧକାରରେ
ପୁଣି ।
ବିଲକୁଲବି ନାଲିମା ନଥାଇ
ମାଟି ରକ୍ତ ପିଇଥିବା ସ୍ଥାନରେ
କହିଁଲିବ ଯେଉଁ ଘାସ
ତୋଫା ଦିଶୁଥିବ
ସେ ଘାସ ଫୁଲର ରଙ୍ଗ ।

ମୁଣ୍ଡ ଗଣ୍ଡି ଅଲଗା
ହାତ ଗୋଡ଼ ଆଖି ନାକ ଛିଣ୍ଡି ଉପୁଡ଼ି
ତାଜା ତାଜା ଝରିଥିବା
ନିଜ ସନ୍ତାନ ରକ୍ତରେ ମହାସ୍ନାନ
ଭୁଲରେ ବି ଭୁଲିବନି
ମାଆ ମାଟି
ସବୁସାକ୍ଷୀ ବତିଖୁଣ୍ଟ
ଆଖିଦେଖା ଅଙ୍ଗେନିଭା
ଦୁଃଖବାଣ୍ଟି ପରସ୍ପର ।

ସେତେବେଳେ ସେଇଠି
ଅଟକିଥିବା ମୁହୂର୍ତ୍ତ
କଳଙ୍କିତ କାଳରାତ୍ରି
ଲୋମଟାଙ୍କୁରା କଥା ଭାବି
ଛିଙ୍କେଇବ ଡ୍ରାଇଭର ମନ
ପଟ୍ରି ଉପରେ ପୁଣି
ଗାଡ଼ି ଗଡ଼େଇଲା ବେଳେ ।

କଲ୍ୟାଣ ନଗର,
ଅଙ୍ଗାରଗଡ଼ିଆ, ବାଲେଶ୍ୱର
ମୋ: ୮୩୪୨୮୫୬୦୦୧

## ଆଡ଼ପ ମଣ୍ଡପେ ଚତୁର୍ଦ୍ଧାମୂର୍ତ୍ତି

**ସସ୍ମିତା ପଟ୍ଟନାୟକ**

ରତନ ବେଦୀରୁ ଜନମ ବେଦୀକୁ
ନବଦିନାତ୍ମକ ଯାତ୍ରା
ଅଗଣିତ ଭକ୍ତ ଗହଣରେ ପ୍ରଭୁ
ଦର୍ଶନେ ଗୁଣ୍ଡିଚା ମାତା ।

ବରଷକେ ଥରେ ଆଡ଼ପ ମଣ୍ଡପେ
ବିଜେ ନିଳାଦ୍ରୀ ବିହାରୀ
ଆଡ଼ପ ଅବଢ଼ା ପାଇବା ନିମନ୍ତେ
ଭକ୍ତ ମଧେ ପଡେ ହୁରି ।

ଚତୁର୍ଦ୍ଧା ବିଗ୍ରହ ଗୋଟି ପହଣ୍ଡିରେ
ଆଡ଼ପ ମଣ୍ଡପ ବିଜେ
ଗୁଣ୍ଡିଚା ମାତା ଯେ ଆନନ୍ଦେ ବିଭୋର
ବାତ୍ସଲ୍ୟ ପ୍ରେମରେ ସାଜେ ।

ମଙ୍ଗଳ ଆଳତୀ ତଡପଲାଗି ଓ
ଅବକାଶ ନୀତି ପରେ
ଭକତେ ବିଭୋର ଉତ୍କଣ୍ଠା ଚିତ୍ତରେ
ସାହାଣ ମେଲା ଆତୁରେ ।

ମହାପ୍ରଭୁଙ୍କର ବନକ ଲାଗି ଓ
ବଡ଼ସିଂହାରର ବେଶ
ଭକ୍ତ ବିମୋହିତ ଦର୍ଶନେ ସେ ବେଶ
ସମର୍ପଣ ଭାବେ ବଶ ।

ଭାଇ ଭଉଣୀଙ୍କୁ ସଙ୍ଗତରେ ନେଲେ
ନେଲେନି ଲକ୍ଷ୍ମୀମାତାଙ୍କୁ
ରାଗେ ଜର୍ଜରିତା କମଳିନୀ ମାତା
ପାନେ ଦେବେ କଳିଆଙ୍କୁ ।

ପଞ୍ଚମ ଦିବସେ ପାଲିଙ୍କି ଆରୋହୀ
ସଖି ସହଚରୀ ସଙ୍ଗେ
କି ରଙ୍ଗ କରନ୍ତି ଜଗତଗୋସାଇଁ
ଭ୍ରାତା ଭଗ୍ନୀ ଭକ୍ତ ରଙ୍ଗେ ।

ଆଡପମଣ୍ଡପେ ଦେବଶୁର ସାଥେ
କାଳିଆ ହରଷେ ବସି
ବରୁଣ ନନ୍ଦିନୀ କଣେଇ ଚାହାନ୍ତେ
ନାଥେ ଦେଉଥାନ୍ତି ହସି ।

ଅଭିମାନେ ମାତା ଦେଉଳ ଫେରନ୍ତେ
ବାଟେ ଦେଖି ନନ୍ଦିଘୋଷ
ରଥୁ କାଠ ଖଣ୍ଡେ ରାଗେ ଭାଙ୍ଗି ଦ୍ୟନ୍ତି
ମନେ ଅସରନ୍ତି ରୋଷ ।

ଲୁଚି ପଳାଅନ୍ତି ହେରା ଗୋହିରୀରେ
ହେରାପଞ୍ଚମୀ ତା ନାମ
କାଳିଆ ସାଆଁନ୍ତ ଧନ୍ୟ ତୁମ ଲୀଳା
ଧନ୍ୟ ହେ ପୁରୁଷୋତ୍ତମ ।

ରାସୋଳ, ଢେଙ୍କାନାଳ



## ଜଗା

**କମଳ ଲୋଚନ ପଣ୍ଡା**

ଲୀଳାମୟ ଠାକୁର
ଭକ୍ତଙ୍କ ଦୁଃଖରେ ଦୁଃଖୀ ସେ ନକରି
ପଣ।

ନାମଟି ତାର କେଡ଼େ ମଧୁର
ପାଖେଗଲେ ସତେ କୋଳେଇ ନିଏ
ନାହିଁ ବାଛ ବିଚାର।

ବାଟବଣା ହୋଇ ଚାଲିଆସିଛି ମୁଁ
ପ୍ରଭୁ ହେ ମୋତେ ଅବାଟରୁ
ବାଟକୁ ଆଣ।

ସେ ଚକା ଆଖି ଦେଖିଲେ ଥରେ
ଲାଖିଯାଏ ମୋ ଆଖି
ଜଗତର ନାଥ ତୁ କରିଦେ ମୋତେ
ତୋ ଭାବେ ପ୍ରୀତି।

ନୀଳଗିରି, ବାଲେଶ୍ୱର
ମୋ: ୮୯୧୭୩୪୦୮୮୯

# ଗଳ୍ପମାଳା

ସାପ୍ତାହିକ ଗଳ୍ପ ଫର୍ଦ୍ଦ

୫ ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ୨୬ ଜୁନ୍, ସୋମବାର, ୨୦୨୩


# ଜୀବନର ସୂର୍ଯ୍ୟାସ୍ତ




ଲଳିତ ମୋହନ ମିଶ୍ର




ସୂର୍ଯ୍ୟ ପୂର୍ବ ଦିଗରେ କେତେବେଳୁ ଉଦୟ ହୋଇ ଗଲେଣି । ପ୍ରସନ୍ନ ବାବୁ ଦାଣ୍ଡ ଘରଟାରେ ବସି ରହିଛନ୍ତି । ମଝିରେ ମଝିରେ ପିଠି ବୁଲାଇ ବାଡିପଟ ଆଡକୁ ଟିକେ ନଜର କରି ଦେଉଛନ୍ତି । ପୁଣି ଚଷମାଟିକୁ ସଜାଡି ଦାଣ୍ଡ ଆଡକୁ ନଜର କରି, ଖବର କାଗଜ ପଢାରେ ନିମଗ୍ନ ରହୁଛନ୍ତି । ବୁଢୀଟା ଥିଲେ ମନର କଥା କହିଥାନ୍ତେ, ସେ ତ ଏକା କରି କେଉଁ ଦିନଠାରୁ ଚାଲିଗଲାଣି । ଗୋଟିଏ ବୋଲି ପୁଅ ତାକୁ ତ ଆଶ୍ରା କରି ଚଳିବା କଥା । ସମୟର ଭାର ଆଉ ଜୀବନର ଜଞ୍ଜାଳ, ମଣିଷକୁ ବେଳେ ବେଳେ ଭାରାକ୍ରାନ୍ତ କରିଦିଏ । ବୟସ ଥିଲା ସମୟ ନ ଥିଲା, ଏବେ ସମୟ ଅଛି ବୟସ ନାହିଁ।

କାହାକୁ ଭଲରେ ସୁଖ ଦୁଃଖ ଦି'ପଦ କଥା ହେବାକୁ ସେତେବେଳେ ବେଳ ମିଳୁ ନ ଥିଲା । ଏବେ ସମୟ କଟୁ ନାହିଁ । କିଏ ଟିକେ ଭଲରେ କଥାବାର୍ତ୍ତା ହେବା ପାଇଁ ମଧ୍ୟ ଏବେ ଲୋକଟିଏ ମିଳୁ ନାହାଁନ୍ତି । ପୁଅ ବୋହୁ ଦୁହେଁ ଚାକିରୀଆ । ବାସ୍ତବ ଦୁନିଆରେ ଥାଇ ବି ସତେ ଯେମିତି ଏକ ଅସହାୟ ଓ ଅପ୍ରାକୃତିକ ଦୁନିଆରେ ଥିଲା ଭଳି ମନେହୁଏ । ଯେମିତି ଏକ ଲୋତକ ଧାରର ସୁଅରେ ଅସହାୟ ପିମ୍ପୁଡି ପରି ଖୋଜି ବୁଲେ ରଙ୍ଗୀନ ଦୁନିଆରେ ରଙ୍ଗ ଛିଟାଟିଏ ପାଇଁ। ହେଲେ ସବୁ ରଙ୍ଗକୁ ସେ ଲୋତକ ଧାର କରିଦେଇଛି ଶ୍ୱେତ ।

ସବୁ ସ୍ୱପ୍ନ ଯେମିତି ପାଲଟି ଯାଇଛି ଅନ୍ଧକାରମୟ ମରୀଚିକା। ଆଉ ଜୀବନର ଜଳୁଥିବା ବତୀରେ ସତେ ଯେମିତି ପଡି ଚାଲିଛି ଜଳର ଅନବରତ ଛିଟା । କେଉଁ ମୁହୂର୍ତ୍ତରେ ସେ ଦୀପ ଲିଭିଯିବ, ଆଉ ସେ ଶ୍ୱେତ ରଙ୍ଗ ପାଲଟିଯିବ ସ୍ୱଚ୍ଛ, ରଙ୍ଗ ହୀନ, ବର୍ଣ୍ଣହୀନ, ନିର୍ଜୀବ ଶରୀରଟିଏ... କିଏ କହିପାରିବ ? ପୁଅ ବୋହୂଙ୍କୁ ଦାୟିତ୍ୱରୁ ମୁକ୍ତ କରାଇବାର ମାନସିକତା ଏକ ରକମର ସ୍ଥାଣୁତ୍ୱ ପ୍ରଦାନ କରିଛି ପ୍ରସନ୍ନ ବାବୁଙ୍କୁ। ପରିଣତ ବୟସରେ ଉଦାସ ଚେହେରା ସୀମାଲଙ୍ଘି ଅପେକ୍ଷା କରିଛି ମୃତ୍ୟୁର ଅମୋଘ ସ୍ୱର୍ଶ । ଏକଲା ଜୀବନକୁ ଦୁଃଖ ନାହିଁ। ଦୁଃଖ ତ ସେଇଠି , ଏ ବୁଢା ବାପାର ବୋଝ । ଜୀବନ ତମାମ ବୟସକୁ ଜୀଇଁ ସାରିବା ପରେ ପାଦ ଦୁଇଟି ଏବେ ସୀମାନ୍ତର ଶେଷ ପର୍ଯ୍ୟାୟରେ। ଜୀବନ ଯାକର ଝଡ ଝଞ୍ଜାକୁ ପିଠି ଦେଖାଇ, କ୍ଷତ ବିକ୍ଷତ ଏବେ ସଂପୂର୍ଣ୍ଣ ଅବୟବ। ଉପଶମର ମଲମ ଆଢୁଆଳେ ଛୁଟିଆସେ ପିଲାର ସ୍ୱାର୍ଥନ୍ୱେଷି ଚିନ୍ତାଧାରା । ଯେତେ ହେଲେ ବି ସେ ପରିପକ୍ୱ । ତାର ହାତ ପାଇଲାଣି ମଥା ଉପରକୁ । ଆଉ ଲୋଡା ପଡୁନି ଏ ବୁଢା ବାପାର କାନ୍ଧ । ତେଣୁ ଏ ବୁଢା ବାପାଟି ବୋଝ ହୋଇ ପଡିଛି ତା ପାଖରେ । ଅସହାୟ ହାତ ଓ ପାଦର ଭାରସାମ୍ୟ ରକ୍ଷା ପୂର୍ବକ ପ୍ରସନ୍ନ ବାବୁ ଆସି ବସି ରହିଛନ୍ତି ଘରଟିରେ । ଘରର କିଛି ଦୂରରେ ଅର୍ଜୁନ ଗୁଡ଼ିଆର ସେ ପୁରୁଣା ଅମଳର ଜଳଖିଆ ଦୋକାନ । ସାଥିରେ ଅଛନ୍ତି ଦୁଇ ଜଣ ବାଲ୍ୟ ବନ୍ଧୁ । ପିଲା ଦିନର ସ୍ମାରକୀ ସାଜି ଦଣ୍ଡାୟମାନ ଏହି ଜଳଖିଆ ଦୋକାନ । ଦିନେ ନିଜ ବାପାଙ୍କ ହାତ ଧରି ଠୁକୁ ଠୁକୁ ପାଦରେ ଚାଲି ଆସୁଥିଲି ବରା ଖାଇବା ଲାଳସାରେ । ପୁଣି ସ୍କୁଲ ଜୀବନର କେତେ ଯେ ଅଭୁଲା ଇତିହାସ ପରସ୍ତ ପରସ୍ତ ହୋଇ ଛପି ରହିଛି ଏହି ଦୋକାନର କାନ୍ଥ ବାଡରେ । ସେତେବେଳେ ଥିଲା ଅର୍ଜୁନର ବାପାର ଦୋକାନ । ସେ ଗଲାପରେ ପୁଅ ସମ୍ଭାଳିଛି ବାପାର କୌଳିକ ବୃତ୍ତିକୁ । ଏବେ ଜୀବନର ଶ୍ରେଷ୍ଠତମ ଅଭିନୟ , ପିତା ଭୂମିକାରେ । ପିଲାକୁ ନେଇ ପିତୃତ୍ୱର ଅଭିମାନରେ ଆଙ୍କି ଦେଇଥିବା କିଛିଟା ଅଭୁଲା ଖୁସି ଆଜି ବି ସ୍ମୃତି ଚାରଣ କରେ ଏହି ଜଳଖିଆ ଦୋକାନ । ସାଥିରେ ଥିବା ଅନ୍ୟ ଦୁଇ ବନ୍ଧୁ ମଧ ବୁଝି ସାରିଲେଣି ଜୀବନର ବାସ୍ତବତା । ମନ ମଧରେ 'ବେନି ଜନେ ସମ ଦଶା'ର ମନ୍ତ୍ର ଟିକୁ ଗୁଣୁଗୁଣୁ ହୋଇ ଚାହିଁ ହସୁଛନ୍ତି ପରସ୍ପରର ମୁହଁକୁ। ଅକୁହା ଭାଷାରେ ପଢି ପାରୁଛନ୍ତି ଲୁକ୍କାୟିତ ମନର ଅସମ୍ଭାଳ ବ୍ୟଥା ସବୁକୁ । କୋଳାହଳର ଅନ୍ତରାଳେ ବେଢି ବସିଛି କେମିତି କେଜାଣି ଏକ ଅଜବ ନୀରବତା । ଯିଏ ବିନା ଶବ୍ଦର ଉଚ୍ଚାରଣରେ ବି ଜଣାଇ ଦେଉଛି ଅନେକ କିଛି। ପାଦତଳେ ନିଃଶବ୍ଦ ପୃଥିବୀ । ଉପରେ ନିରବ ଆକାଶ । ଏବଂ ଆଖି ସାମ୍ନାରେ ଅସ୍ୱଷ୍ଟ ଦୁନିଆ। ଚଷମାର ମୋଟା ଲେନ୍ସ ମଧ ପଡି ଯାଉଛି ଫିକା ସମୟର ସ୍ରୋତ ଆଗରେ । ଗଡି ଚାଲେ ଦିନ । ବିତିଚାଲେ ସମୟ । ତା ସହ ବିତିଯାଏ ବୟସର କ୍ରମାଙ୍କ । ଯେମିତି ଆଖି ସାମ୍ନାରେ ବିତି ଯାଇଛି କୈଶୋର ରୁ ବାର୍ଦ୍ଧକ୍ୟ। ବାଙ୍କୁଲି ବାଡିର ବକ୍ର ଅଂଶ ପରି ବଙ୍କି ଯାଇଛି ଶରୀରର ମେରୁଦଣ୍ଡ । ଯାହା ଦିନେ ସରଳ ରେଖାର ଉଦ୍ଦାମତାରେ ନିଜକୁ ସକ୍ରିୟ କରି ଗଢି ତୋଳିଥିଲା । ଆଜି ସେ ନିଷ୍କ୍ରିୟତାର ଖୋଳପା ମଧରେ କରିଛି ଆତ୍ମ ସମର୍ପଣ । ଗୋଡ ହାତର ପାକଳ ନଖ ଗୁଡିକ ଦର୍ଶାଇ ଦେଉଛନ୍ତି ଅଦରକାରୀ ପଦାର୍ଥର ମାନ୍ୟତା । ବ୍ୟଥା , ସଂଘର୍ଷ ଏବଂ ଜୀର୍ଣ୍ଣ ଶୀର୍ଣ୍ଣ ଶରୀର ଜଣାଇ ବାକୁ ବାଧ କରୁଛି ଏ ବାର୍ଦ୍ଧକ୍ୟର ବଳିଷ୍ଠତା । ସତରେ କେତେ ଦୁଃଖଦ ଏ ବାର୍ଦ୍ଧକ୍ୟ !

ମଣିଷ ଜୀବନର ଏଇ ନିଛାଟିଆ ସମୟରେ ଖୋଜିବ ସେ ଜଣେ କେହି ସହଯାତ୍ରୀ । ଅଗନା ଅଗନି ବନସ୍ତ ମଧରେ ଥକ୍କା ମାରି ବସି ପଡିଲେ ଲୋଡା ପଡନ୍ତି ଆତ୍ମୀୟ ସ୍ୱଜନଙ୍କ ଆଞ୍ଜୁଳାଏ ଆଶ୍ୱାସନା । ନିଜ ପିଲା ମାନଙ୍କ କର୍ମମୟ ଜୀବନ ଭିତରୁ କାଣିଚାଏ ସମୟ ର ଆଶା ଓ ପଦୁଟିଏ ମିଠା ଉତ୍ତର ର ଆଶାରେ ନିରାଶାର ସ୍ୱାଦ କେତେ ଯେ ଉତ୍କଟ ! ବାର୍ଦ୍ଧକ୍ୟ; ଏମିତି ଏକ ଅନିଚ୍ଛାକୃତ ସମୟ ଯାହା ଆପଣା ଛାଏଁ ଜମାଇ ବସେ ନିଜର ପ୍ରାଧାନ୍ୟ । ନା ଦେହରେ ବଳ ଥାଏ , ନା ପାଖରେ ସମୟ । ଯାହା ଜୀବନ ବ୍ୟାପୀ ସୟଳ କରିଥାଏ ମାନ ସମ୍ମାନ ଓ ପ୍ରତିଷ୍ଠା। ପ୍ରତିପତି ମୁହଁ ମାଡି ପଡିଥାନ୍ତି ଚତୁଃପାର୍ଶ୍ୱରେ। ସକାଳୁ ଖବରକାଗଜ ପଢିବାକୁ ଇଛାକରି ଦାଣ୍ଡ ଘରଟିରେ ବସିଛନ୍ତି ପ୍ରସନ୍ନ ବାବୁ। ପ୍ରାୟତଃ ପ୍ରତ୍ୟେହ ଏହି ଠାରେ ହିଁ ସକାଳର ଜଳଖିଆ ଶେଷ କରନ୍ତି ସେ । ଗତ ରାତିରୁ କାହିଁକି କେଜାଣି ଏ ରୋଗୀଣା ଶରୀରଟା ଅଧିକ ରୁ ଅଧିକ ବିଷର୍ଣ୍ଣ ମନେ ହେଉଛି । ଛାତି ଭିତରେ ଅଜବ ଏକ ଶୀହରଣ। ଅଣ ନିଶ୍ୱାସୀ କରି ପକାଉଛି ତାଙ୍କୁ। ହେଲେ ଏଠି ଶୁଣିବାକୁ କିଏ ଅଛି ?

ପୁଅ ବୋହୂ ଦୁଇଜଣ ଯାକ ଚାକିରୀଆ । ସମୟର ଘୋର ଅଭାବ ସେମାନଙ୍କ ପାଖରେ। ଭୋକରେ ପେଟ ଭିତରଟା ଆଉଟୁ ପାଉଟୁ ହେବାକୁ ଲାଗିଲାଣି , ଅଥଚ ଏ ଯାଏଁ ଚା' ରୁ କପେ କି ଜଳଖିଆ ଟିକେ ମିଳିଲା ନାହିଁ । ମୁଣ୍ଡ ଭିତରଟା ଝାଇଁ ଝାଇଁ କରି ଦେଉଛି ଯେମିତି । ଉଠିବାକୁ ବଳ ପାଉନି । ତରବର ହୋଇ ଘରୁ ବାହାରି ଆସିଲେ ପୁଅ ବୋହୂ । ହାତରେ ଏକ ବଡ ବ୍ୟାଗ । ଗଲାବେଳେ କହିଗଲେ ' ବାପା ବହୁତ ଡେରି ହୋଇ ଗଲାଣି । ଜଳଖିଆ ବନାଇ ପାରି ନାହୁଁ । ଟିକେ ଅର୍ଜୁନ ଦୋକାନ ଯାଇ ଜଳଖିଆ ଖାଇନେବ । ଆମେ ଟିକେ ଶଳା ପାଖକୁ ଯାଉଛୁ କାମ ଅଛି । କହି ଚାଲିଗଲେ ସେମାନେ। ସାଥିରେ ନେଇଗଲେ ସେମାନଙ୍କ ମାନବିକତା।

ପ୍ରକୃତରେ ଜୀବନର ସୂର୍ଯ୍ୟାସ୍ତ ବଡ ବିଚିତ୍ର। ନା ଥାଏ ସେଥିରେ ସୂର୍ଯ୍ୟଙ୍କ ପ୍ରକୃତ ଔଜଲ୍ୟ, ନା ଥାଏ ସୂର୍ଯ୍ୟଙ୍କ ଭୀଷଣ ତେଜ । ଖାଲି ଯାହା ଅସ୍ତମିତ ରଙ୍ଗ ସୂଚାଉଥାଏ ସମୟର ସମାପ୍ତି । ବୋଝ ଟିକୁ ଓହ୍ଲାଇ ଦେଲେ ଦୁଃଖ ସରେ । ସରିଯାଏ ଚିନ୍ତା ଓ ଭାବନା । ଯେମିତି ସେ ନେଇ ବସିଛନ୍ତି ଏକ ବୋଝର ଆକାର । ପାଖରେ ଆଉ କିଏ ଅଛି ଯେ କାହାକୁ କହିବେ ? କଣ ଅବା ହେବ ? ଖବର କାଗଜଟିକୁ ପଢିବାକୁ ପ୍ରଯନ୍ ହେଲେ ପ୍ରସନ୍ନ ବାବୁ । କାଗଜର ପ୍ରଥମ ପୃଷ୍ଠାରେ ବଡ ବଡ ଅକ୍ଷରରେ ବିଦିତ ହୋଇଥିଲା ' ପିତୃ ଦିବସର ଅଭିନନ୍ଦନ ' । ଖବର ଟିକୁ ପଢିବା ମାତ୍ରେ ଛାତି ଭିତରେ ଏକ ଅଜବ ଶିହରଣ ସୃଷ୍ଟି ହେଲା । ଭୋକିଲା ପେଟ କୁ ଅନାଦର କରି ଲୋକ ଦେଖାଣିଆ ସେବା କରିବାରେ କି ଆତ୍ମସନ୍ତୋଷ ? ଏକଥା ବୁଝିବାକୁ ବାକି ନଥିଲା ତାଙ୍କର । କାହିଁକି କେଜାଣି ଖୁବ୍ ବ୍ୟସ୍ତ ବିବ୍ରତ ଲାଗୁଛି । କିଛି ଜାଣି ପାରୁ ନାହାଁନ୍ତି ସେ । ଆଖି ଆଗରେ ସବୁକିଛି ଧୁମ୍ରମୟ । ବୋଧହୁଏ ରକ୍ତଚାପ କମି ଯାଇଛି । ପାଟି ଖୋଲି ବଡ ପାଟିରେ ଡାକିବାକୁ ବଳ ପାଉନି। ପାଇଲେ ବା ଲାଭ କଣ ? ଆଜି ବି ମନେ ପଡେ ପିଲାର କଥା । ଥଣ୍ଡା ଜ୍ୱର ହେଲେ ବେଳ ଉଣା ନକରି ରାତି ଅଧରେ କିପରି ଦଉଡି ଯାଉଥିଲେ ଡାକ୍ତର ଙ୍କ ପାଖକୁ । ଟ୍ରଚ୍ ଲାଇଟରେ ସାପ ବେଙ୍ଗ କୁ ଖାତିର ନ କରି ସାଇକଲରେ ଅତିକ୍ରମ କରୁଥିଲେ ମାଇଲ ମାଇଲ ଦୂରତା । ହେଲେ ଆଜି ... । ମନ ଉଣା କରିବା ଛଡା ଆଉ ଉପାୟ କଣ ? ନିଜ ପୁଅ ଦୁଃଖ କଲେ ତା ଉପରେ ଅଭିଶାପ ପଡିବ, ନା ନା.. ଯାହା ହେଲେ ଜନ୍ମ କରିଛି । ମୋ ପୁଅ ବୋହୂ ତ...। ଶୋଇବା ଘରକୁ ଯିବାପାଇଁ ଆଉ ସାହସ ପାଉନି । କେହି ଟିକେ ସାହାରା ଦେଲେ ହୁଏତ ଯାଇ ପାରନ୍ତେ । ହାମୁଡେଇ ପଡନ୍ତେ ତକିଆଟା ଉପରେ । କାଗଜଟିକୁ ଏପାଖ ସେପାଖ କରି ଦୁଇଥର ପଢିଲା ଭିତରେ ଆଖି ଲାଖି ଯାଇଛି କେତେବେଳେ । ତାଙ୍କ କ୍ଲାନ୍ତ ଶରୀର ଶୋଇ ଯାଇଛି ଶାନ୍ତିରେ । ତା ସହ ଶୋଇ ଯାଇଛି ଶାରୀରିକ ଯନ୍ତ୍ରଣା । ଦୀର୍ଘ ପାଞ୍ଚ ଘଣ୍ଟା ପରେ ପୁଅ ବୋହୂ ପ୍ରତ୍ୟାବର୍ତ୍ତନ କଲେ ଘରକୁ । ବାପାଙ୍କୁ ଦାଣ୍ଡ ଘରେ ଶୋଇଥିବାର ଦେଖି ଚେଷ୍ଟା କଲେ ଉଠାଇବାକୁ । ହେଲେ ତାଙ୍କ ଶବ୍ଦର ଘନତା ଶୁଷ୍କ ହୋଇ ମିଳାଇ ଗଲା ଶୂନ୍ୟରେ । ଶୂନ୍ୟ ହୋଇଗଲା ବୋଝର ଟୋକେଇ । ବୋଝ ମୁକ୍ତ ହୋଇ ପୁଅ ବୋହୂ ଝରାଉଥିଲେ ଲୋକ ଦେଖାଣିଆ ଲୁହ..... । ଜୀବନର ସୂର୍ଯ୍ୟାସ୍ତରେ ଜୀବନ ପ୍ରଦୀପ କେତେବେଳୁ ଲିଭିଗଲାଣି । ଯାହା ଦୀପ ଖଣ୍ଡିକ ପଡି ରହିଛି.... ।


+କୁରାଳ, ନୟାଗଡ଼

ମୋ: ୯୪୩୭୯୮୪୮୬୬


# ଫାଇଲ୍




ଆଦ୍ୟାଶା ମହାପାତ୍ର




-'ହଇଓ, ଦୁଇ ମାସ ଧରି ମୁଁ ଚେଷ୍ଟା କରୁଛି, ମୋତେ ଟିକିଏ ଦେଖା କରିବାକୁ ଡାକୁ ବି ନାହାନ୍ତି। ଯାଙ୍କର କ'ଣ ଟିକିଏ ବିବେକ ନାହିଁ। ବିଭାଗୀୟ ନିର୍ଦ୍ଦେଶକ ବୋଲି ଯାହା ଇଛା କରିବେ ! ଏଗାରଟାରୁ ବାରଟା, ବାରଟାରୁ ଗୋଟିଏ, ଗୋଟିଏରୁ ଆସି ସାଢ଼େ ଦି'ଟା ହେଲା। ମୋତେ ନଡାକି ମଧ୍ୟାହ୍ନ ଭୋଜନ ପାଇଁ ଚାଲିଗଲେ।' ସେକ୍ସନ ଅଫିସର ନିମାଇଁ ବାବୁ ଚିଡିମିଡି ହୋଇ ଏସବୁ କଥା ଶୁଣାଉଥିଲେ ଚପରାଶି ମାଧବକୁ।

-'ହଉ.. ବଡ଼ବାବୁ, ଆପଣ ଯାଆନ୍ତୁ। ଖାଇପିଇ ସିଟରେ ବସି କାମ କରୁଥାନ୍ତୁ। ସାର୍ ଆସିଲେ ମୁଁ ନିଜେ ଯାଇ କହିବି ଆପଣ ଦେଖା କରିବାକୁ ଚାହୁଁଛନ୍ତି ବୋଲି।' ମାଧବର ଏତିକି କଥାରେ ଚିହିଁକି ଉଠିଲେ ନିମାଇଁ ବାବୁ ।

-' ତୁମେ ଛେନାଗୁଡଟା କହିବ। ଏ ଲୋକଟାର ବୋଧହୁଏ ମତିଗତି କିଛି ଠିକ୍ ନାହିଁ। ଯେତେଥର ଫାଇଲ୍ ଯାଉଛି, କ'ଣ ନା କ'ଣ ଲେଖି ଆପତ୍ତି କରି ଦେଉଛନ୍ତି। ଯଦି ସେମିତି କିଛି ଭାବୁଛ, କ୍ଲିଅର ନକରି ଯାଡୁସାଡୁ ଲେଖିଦିଅନ୍ତ ! ତେଣିକି ମୋ ଇଛା ଯାହା କରନ୍ତି। ସଂଘର କର୍ମକର୍ତ୍ତାଙ୍କୁ ଜଣାନ୍ତି। ସତେ ଯେମିତି ମୋ ଇନକ୍ରିମେଣ୍ଟ ପଇସାଟା ପକେଟରୁ ଦେଉଛନ୍ତି ସାହାବ... ?' ମଧ୍ୟାହ୍ନ ଭୋଜନ ପାଇଁ ସେଇଠୁ ଉଠିଯାଇଥିଲେ ନିମାଇଁ ବାବୁ।

ସ୍ଲିପ ଦେବାର ଦୀର୍ଘ ସାଢ଼େ ପାଞ୍ଚଘଣ୍ଟା ପରେ ନିମାଇଁ ବାବୁଙ୍କୁ ଡାକରା ଆସିଲା। ମାଧବ ତୁରନ୍ତ ବଡ଼ବାବୁଙ୍କୁ ଖବର ଦେଲା। ଭିତରକୁ ଯିବା ସଙ୍ଗେ ସଙ୍ଗେ ବସିବାକୁ କହିଲେ ନିର୍ଦ୍ଦେଶକ ମହାଶୟ।

-' ଆପଣ କେତେ ଦିନ ହେଲା କାମ କରୁଛନ୍ତି ଏଷ୍ଟାବ୍ଲିସମେଣ୍ଟ ସେକ୍ସନରେ ?'

-' ସାର, ପାଞ୍ଚବର୍ଷ ହେଲା।'

-'କ'ଣ କାମ ଅଛି ମୋ ପାଖରେ ?'

-'ସାର୍ ମୋ ଇନକ୍ରିମେଣ୍ଟଟା ରହିଯାଇଛି।'

-' କେତେ ଦିନ ହେଲା ଇନକ୍ରିମେଣ୍ଟ ବାକି ଅଛି ?'

-' ସାର, ଗୋଟିଏ ବର୍ଷର ।'

-' ଗୋଟିଏ ବର୍ଷର ଇନକ୍ରିମେଣ୍ଟ ପାଇଁ ଏତେ ବ୍ୟସ୍ତ କାହିଁକି ?'

-'ସାର, ଦରଦାମ ସବୁ ବଢିଗଲାଣି। ଚଳିବା ପାଇଁ ଏବେ ବହୁତ ଅସୁବିଧା ହେଉଛି।'

-' ଠିକ୍ ଅଛି, ଆପଣ କହିଲେ, ଆପଣଙ୍କ ପାଖରେ କେତୋଟି ପେନସନ ଆଉ ଗ୍ରାଚୁଇଟିର ଫାଇଲ୍ ପଡ଼ିରହିଛି ?'

-' ସାର, ପ୍ରାୟ ପଚିଶ ତିରିଶଟି ହେବ ।'

-' କେତେଦିନ ହେଲା ପଡିଛି ?'

-' ସାର, ପ୍ରାୟ ବର୍ଷେରୁ ଦୁଇ ବର୍ଷ ହେବ।'

-' କେତେଜଣ ଅବସରପ୍ରାପ୍ତ କର୍ମଚାରୀ ଆପଣଙ୍କୁ କେତେ ଥର ଦେଖାକରି ସେମାନଙ୍କ ଫାଇଲ୍ କ୍ଲିଅର କରିବାକୁ ଅନୁରୋଧ କରିଛନ୍ତି ? ସେମାନେ ଏ ସମୟରେ କିପରି ପରିସ୍ଥିତିରେ ଅଛନ୍ତି, ଆପଣ ଜାଣିବାକୁ ଚେଷ୍ଟା କରିଛନ୍ତି ?'

-' ସାର, ଏଷ୍ଟାବ୍ଲିସମେଣ୍ଟ ସେକ୍ସନରେ ବହୁତ କାମ। ସେଥିପାଇଁ ଫାଇଲ୍ କିଛି ରହିଯାଇଛି।'

-'ରହିଯାଇଛି ନା ଜାଣିଶୁଣି ରଖିଦେଇଛନ୍ତି ? ଆପଣଙ୍କ ନାଁରେ ମୋ ପାଖରେ ବହୁତ ଅଭିଯୋଗ ଅଛି। ଅବସରପ୍ରାପ୍ତ କର୍ମଚାରୀଙ୍କୁ ବାରମ୍ବାର ଦଉଡେଇବା ଆପଣମାନଙ୍କର ଅଭ୍ୟାସରେ ପରିଣତ ହୋଇଗଲାଣି।'

-' ସାର୍ ବିଶ୍ୱାସ କରନ୍ତୁ, ମୋର ସେମିତି କିଛି ଉଦ୍ଦେଶ୍ୟ ନାହିଁ।'

-' ଭଲ କଥା, ଆପଣଙ୍କ ଇନକ୍ରିମେଣ୍ଟ ଫାଇଲ୍ କାମ ମୁଁ କରିଦେଉଛି। ଆପଣ ଏବେ ଯାଆନ୍ତୁ ଆଉ...'

-' ସାର, ସାର, ଆପଣଙ୍କୁ ବହୁତ ବହୁତ ଧନ୍ୟବାଦ।'

ନିର୍ଦ୍ଦେଶକଙ୍କ କଥା ପୁରା ନଶୁଣି ଖୁସିରେ ନିଜର କୃତଜ୍ଞତା ଜଣାଇବା ପାଇଁ ତତ୍ପର ହୋଇ ଉଠିଲେ ବଡ଼ବାବୁ।

-' ପ୍ରଥମେ ମୋ କଥା ଭଲଭାବରେ ଶୁଣି ନିଅନ୍ତୁ ନିମାଇଁ ବାବୁ। ଯେତେ ଗୁଡିଏ ଫାଇଲ୍ ଆପଣଙ୍କ ପାଖରେ ପଡିଛି, ସେସବୁକୁ ଯେଉଁଦିନ ଆପଣ କ୍ଲିଅର କରିଦେବେ, ସେଇଦିନ ହିଁ ଆପଣଙ୍କ ଫାଇଲ୍ ଆପେ ପୁଟ ଅପ୍ ହୋଇଯିବ। ଆପଣଙ୍କୁ ଏଠାକୁ ଆସିବାକୁ ପଡିବ ନାହିଁ।'

ଏଥର ସିଟରୁ ଆପଣା ଛାଏଁ ଉଠିଲେ ନିମାଇଁ ବାବୁ। ଚନ୍ଦା ମୁଣ୍ଡକୁ ଆଉଁସି ଆଉଁସି ଚ୍ୟାମ୍ବର ବାହାରକୁ ଆସିଲେ ତ ତାଙ୍କ ବିଷର୍ଣ୍ଣ ମୁହଁକୁ ଚାହିଁ ମୁରୁକି ହସିଲା ମାଧବ... !


+ନୂଆପଡା, କଟକ


# ବେଳାଭୂମିର ସାଧବବୋହୂ


ସୁନନ୍ଦା ମହାନ୍ତି





ଏ ବର୍ଷ ରଜରୁ ମୌସୁମୀ ବର୍ଷା ଆରମ୍ଭ ହେଇଯାଇଛି ତ ରଥଯାତ୍ରା ମଧ ସରିବା ଉପରେ ତଥାପି ସାଧବବୋହୁଟେ କୋଉଠି ଦେଖିବାକୁ ମିଳୁନି ତ ତୁଷାର ଦଉଡିଲା ସମୁଦ୍ରକୂଳକୁ। କାହିଁକି ତାର ଏ ମାୟା କେଜାଣି ସାଧବବୋହୁ ପ୍ରତି ! ସମୁଦ୍ର ବାଲିରେ ଗେଣ୍ଡା,ଶାମୁକା,କଙ୍କଡା ଆଦି ମିଳିପାରେ। ମିଳିପାରେ ମାଛ ଚୁଙ୍ଗୁଡ଼ି ଓ ଜାତି ଜାତି କଙ୍କଡା। ମିଳିବି ପାରେ ହୀରା, ଲୀଳା, ମୋତି, ମାଣିକ ଓ ଦାମୀ ପଥର, ହେଲେ ସାଧବବୋହୁ କୋଉଠି ମିଳିବ? ତୁଷାର ଖୋଜୁଥିଲା ଲାଗିପଡି ଖୋଜୁଥିଲା ଭରା ଭରା ବାଲିରେ ସାଧବବୋହୁ କିନ୍ତୁ ସାଧବବୋହୁ ବୋଲି ଯାହା ପାଇଲା ସେ ଥିଲା ଗୋଟେ ଛୋଟ ସୁନ୍ଦର ଝିଅର ନେଲପଲିସ ଲଗା ଦୁଇ ହାତ। ଆଉ ପଛରେ ଠିଆହୋଇଥିବା ତା ମାଆକୁ ଦେଖି ଚମକି ପଡିଲା ତୁଷାର। ତୁଷାର କିଛି କହିବା ପୂର୍ବରୁ କୁନି ଝିଅଟିର ମାଆ କହୁଥିଲା, ଅଙ୍କଲଙ୍କୁ ପ୍ରଣାମ କର ଲିସା। ଅଙ୍କଲ ? ଲିସାର ଅଙ୍କଲ ଡାକିବା, କେଇପଦ ଗୁଲୁଗୁଲୁ କଥା କହିବା ଭିତରେ ସ୍ଥାଣୁ ପାଲଟି ଯାଇଥିଲା ତୁଷାର। ଯାହା ସନ୍ଧାନରେ ଆଜି ଯାଏଁ ସାଧବବୋହୁ ପଛରେ ପଡିଥିଲା ସେ, ସେହି ନାଲି ଗୁଲୁ ଗୁଲୁ, ଜୀବନ୍ତ କଣ୍ଢେଇ ସାଧବବୋହୁ ଆଜି ତା ସାମ୍ନାରେ ! ଲିସାକୁ ନେଇ ତା ମାଆ ଫେରିଯିବା ବେଳେ ତୁଷାରକୁ ହାତ ହଲେଇ ହଲେଇ ଟା ଟା, ବାୟ ବାୟ କରୁଥିଲା ଲିସା, ଆଉ ତୁଷାରର କଲିଜା ଚିରି ହୋଇଯାଇଥିଲା। ଡିଭୋର୍ସ ବେଳେ ଲିସା ପେଟରେ ଥିଲା। ତା ମାଆ ପଲ୍ଲବର ଏକାଜିଦ ସେ ଡିଭୋର୍ସ ନେବ ହିଁ ନେବ କିନ୍ତୁ ତୁଷାରର ଇଛାଥିଲା ହେଉ ପଛେ ଡିଭୋର୍ସ ଅନ୍ତତଃ ଛୁଆଟାର ଜନ୍ମ ପରେ କିନ୍ତୁ ପଲ୍ଲବର ଏକାଜିଦ ସେ ଡିଭୋର୍ସ ନେଇକି ହିଁ ରହିବ। ଛୁଆ ଜନ୍ମ ପରେ କିଏ କହିବ,ପୁଅଟିଏ ଚାହୁଁନଥିବା ତୁଷାର ପଲ୍ଲବଠୁ ତା ପୁଅକୁ ଛଡ଼ାଇ ନନେବେ ବୋଲି। ପଲ୍ଲବ, ଲିସାକୁ ନେଇ ଚାଲିଯିବାପରେ କିଛିବାଟ ତୁଷାର ଦଉଡି ଯାଇଥିଲେ ବି କିଛି କହିପାରିନଥିଲେ। ଭଗବାନ ତାଙ୍କ ଇଛା ପୁରଣ କରି ତାଙ୍କୁ ଝିଅଟିଏ ଦେଇଛନ୍ତି କିନ୍ତୁ ତାକୁ ନିଜର କରିବା ଅଧିକାର ସେ ହରେଇ ସାରିଛନ୍ତି। ଭାଙ୍ଗି ପଡୁଥିଲେ ତୁଷାର ଖଣ୍ଡ ଖଣ୍ଡ ହୋଇ ନିଶବ୍ଦରେ। ସେଦିନଠୁ ତୁଷାର ବୁଲିଛନ୍ତି କୋର୍ଟ କଚେରୀ, ପରାମର୍ଶ ନେଇଛନ୍ତି ସାଙ୍ଗ ସାଥି, ସହଦୋର ଓ ଓକିଲମାନଙ୍କର କିନ୍ତୁ ପଥ ଜଟିଳ। ତାଙ୍କୁ ଲିସା ଦରକାର। ପାଗଳ ପରି ତୁଷାର ଖୋଜିଛନ୍ତି ପୁରୁଣା ଫୋନରୁ ନମ୍ବର, ପୁରୁଣା ଡାଇରୀରୁ ଠିକଣା କିନ୍ତୁ କିଛି ବି ପାଇନାହାନ୍ତି। ଶେଷକୁ ସେହି ସମୁଦ୍ର କୂଳରେ ବାଲୁକା ଶଯ୍ୟାରେ ବସି ଲିସାର ଛବି ଆଙ୍କି, ତା ତଳେ ସାଧବବୋହୁ ଲେଖୁ ଲେଖୁ ଦଉଡି ଆସିଛି ଲିସା ପଚାରିଛି ଅଙ୍କଲ ଏତ ମୋ ଛବି କିନ୍ତୁ ମୋ ନାମ ସାଧବବୋହୁ ନୁହେଁ ଲିସା। ହଁ ତୋ ନାମ ଲିସା କିନ୍ତୁ ତୁ ମୋ ସାଧବବୋହୁ। ପଲ୍ଲବ ସେଠାରେ ପହଞ୍ଚିବା ପରେ, ଲିସାକୁ ଟାଣି ନେଇଯାଉଥିବା ବେଳେ ତୁଷାର ଦଉଡ଼ିଛି ତା ପଛରେ ଆଉ କହିଛି ଟିକିଏ କଥା ଥିଲା। ମୋ ମାନସ କନ୍ୟା ସାଧବବୋହୁକୁ ମୋ ଠାରୁ ଅଲଗା କରନା। ଏତିକି ଦୟା କର ପଲ୍ଲବ। ପଛକୁ ବୁଲି ଚାହିଁଥିଲା ପଲ୍ଲବ ଆଉ କହିଥିଲା, ଆଖିରେ ଆଖିଏ ଅଶ୍ରୁ ଭରି କହିଥିଲା,ସେଦିନ ବି କହିପାରିଥାନ୍ତ ତୁଷାର,ଟିକିଏ ଶୁଣ ପଲ୍ଲବ କହି ବୁଝାଇ ପାରିଥାନ୍ତ ! ତୁଷାର କହୁଥିଲେ ମୋର ସବୁ ଭୁଲ ପଲ୍ଲବ। କ୍ଷମା କରିଦିଅ ମତେ,ମୋ ଝିଅକୁ ମତେ ବାପା ଡାକିବାର ଅଧିକାର ଦିଅ। ଲିସା ଦଉଡି ଆସି ଗଳାରେ ଝୁଲିପଡ଼ି ତୁଷାରକୁ ଡାକୁଥିଲା ବାପା। ବେଳାଭୂମିରେ, ତୁଷାର ଓ ପଲ୍ଲବ,ଦୁହେଁ ଦୁହିଁଙ୍କୁ ଚାହିଁ କାନ୍ଦୁଥିଲେ ଖୁବ।


+ସାକ୍ଷୀଗୋପାଳ, ପୁରୀ

ମୋ: ୯୦୪୦୯୭୭୩୨୭

# ମହାନତା ଦେଖାଇଲେ ୧୦ ବର୍ଷର ମାନକୀ: ଫେରାଇଲେ ହଜି ଯାଇଥିବା ମୋବାଇଲ

ବଲାଣି, ୨୫/୦୬ (ନି.ପ୍ର): ବର୍ତମାନ ସ୍ଥିତିରେ ମୋବାଇଲ ଚୋରୀ ଘଟଣା ସାମ୍ନାକୁ ଆସୁଥିବା ବେଳେ ମାତ୍ର ୧୦ ବର୍ଷର ଏକ ବାଳକ ହଜି ଯାଇଥିବା ଦାମୀକିଆ ମୋବାଇଲ ଫେରାଇ ମହାନତା ଦେଖାଇବା ସହିତ ପ୍ରଶଂସା ସାଉଁଟି ପାରିଛନ୍ତି । ବଲାଣି ଥାନା ଅନ୍ତର୍ଗତ ବଲାଣି ଟାଉନସିପ୍ ରେ ରହୁଥିବା ଡିଏଭି ବଲାଣି ସ୍କୁଲର ଅବସରପ୍ରାପ୍ତ ଶିକ୍ଷକ କମଳଲୋଚନ ମହାନ୍ତି ବଲାଣି କଲୋନୀ ଅଂଚଳରେ ତାଙ୍କର ଦାମୀକିଆ ସ୍ମାର୍ଟ ଫୋନ ଟିକୁ ହଜାଇ ଦେଇଥିଲେ । ତେବେ ଅନେକ ଖୋଜିବା ପରେ ମଧ ପାଇ ପାରି ନଥିଲେ । ଅନ୍ୟପକ୍ଷରେ ଶାନ୍ତି ନଗରରେ ରହୁଥିବା ତୁଳସୀ ମୁଣ୍ଡା ଓ ମୁନକା ମୁଣ୍ଡାଙ୍କ ୧୦ ବର୍ଷୀୟ ପୁଅ ଯେ କି ଡିଏଭି ବଲାଣି ସ୍କୁଲର ପଂଚମ ଶ୍ରେଣୀର ଛାତ୍ର ସିଭିଲ ଅଫିସ ନିକଟ ମଙ୍ଗଳା ମନ୍ଦିର ନିକଟରେ ଉକ୍ତ ଫୋନଟିକୁ ପାଇଥିଲେ । ତେବେ ମାତ୍ର ୧୦ ବର୍ଷର ବାଳକ ଲୋଭ ସମ୍ୱରଣ କରି ହଜି ଯାଇଥିବା ମୋବାଇଲଟିକୁ ଶ୍ରୀ ମହାନ୍ତିଙ୍କୁ ଫେରାଇ ମହାନତା ଦେଖାଇବା ସହିତ ମାନବିକତା ଦେଖାଇ ଏକ ଉଦାହରଣ ସୃଷ୍ଟି କରି ପାରିଛନ୍ତି । ଏ ନେଇ ଶ୍ରୀ ମହାନ୍ତି ପିଲାଟିର ପ୍ରଶଂଶା କରିବା ସହିତ ଉତରତୋର ଉନ୍ନତି କରିବାର ଆଶୀର୍ବାଦ କରିଛନ୍ତି । ତେବେ ସମାଜରେ ଦିନକୁ ଦିନ ମାନବିକତା ହଜି ଯାଉଥିବା ବେଳେ ମାନକୀ ମୁଣ୍ଡା ଭଳି କମ୍ ବୟସର ବାଳକ ମହାନତା ପ୍ରଦର୍ଶନ କରିବା ସମାଜ ପାଇଁ ଏକ ବାର୍ତା ଓ ଉଦାହରଣ ସୃଷ୍ଟି କରିବ ବୋଲି ସାଧାରଣରେ ଆଶା ସୃଷ୍ଟି କରିଛି ।

# ପୃଥକ୍ ପୃଥକ୍ ୩ ମାମଲାରେ ୩ ଅଦାଲତ ଚାଲାଣ

କୋରେଇ, ୨୫/୦୬ (ନି.ପ୍ର): ପାଣିକୋଇଲି ପୁଲିସ ଆଜି ୩ଟି ମାମଲାରେ ୩ଜଣଙ୍କୁ ଗିରଫ କରି ସେମାନଙ୍କୁ ଡାକ୍ତରୀ ପରୀକ୍ଷା ପରେ ଅଦାଲତ ଚାଲାଣ କରିଛି । ଗତ ୨୦୨୨ ମସିହାର ଏକ ଚୋରି ମାମଲାର ପର୍ଦାଫାସ ହୋଇଥିବା ବେଳେ ୨୦୨୩ ଏକ ପାଇପ ଚୋରି ଓ ଗଣ୍ଡଗୋଳ ମାମଲାରେ ସମୁଦାୟ ୩ଜଣଙ୍କୁ ଗିରଫ କରାଯାଇଥିଲା । ପ୍ରକାଶଯେ ଗତ ୨୦୨୨ ଅକ୍ଟୋବର ୨୬ ତାରିଖ ପାଣିକୋଇଲି ଦୁର୍ଗା ମାର୍କେଟରେ ଥିବା ଗୋବିନ୍ଦ ସାହୁଙ୍କ ପୁଅ ସୁକାନ୍ତ ସାହୁଙ୍କ ଘର ପାଖରୁ କେହି ଦୁର୍ବୃତ ଏକ ପିକଅପ ଗାଡି ଯୋଗେ ତାଙ୍କ ସିମେଂଟ ଗୋଳା ମିକଷ୍ଟର ମେସିନକୁ ଟିକୁ ଚୋରାଇ ନେଇଥିଲା । ଏନେଇ ସୁକାନ୍ତ ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା ୨୬୩/୨୨ରୁଜୁ ହୋଇ ତଦନ୍ତ ଚାଲିଥିଲା । ଟୋଲ ଗେଟ ଦେଇ ମିକଷ୍ଟର ମେସିନ ନେଇ ଯାଇଥିବା ପିକଅପକ (ଓଡି୦୫ଏପି ୩୯୩୭) ପୁଲିସ ତଦନ୍ତ ଭୁକ୍ତ କରିବା ପରେ ଘଟଣାର ଗୁମର ଖୋଲିଥିଲା । କେନ୍ଦ୍ରାପଡା ଜିଲ୍ଲା ଉଦନଗରି ଥାନା ଅନ୍ତର୍ଗତ ଖନ୍ତାପଡା ଗ୍ରାମର ଅନାମ ଚରଣ ମହାନ୍ତିଙ୍କ ପୁଅ ଦିପ୍ତିରଂଜନ ଓରଫ ଶିତାଂଶୁ ମହାନ୍ତି (୨୬) ଏହି ଚୋରିର ମୁଖ୍ୟ ବୋଲି ଜଣାପଡିଥିଲା । ସେ ନିଜକୁ ଏକ ଚଳଚିତ୍ର ପ୍ରଯୋଜକ କହୁଥିବା ବେଳେ ରାସ୍ତା ପାର୍ଶ୍ୱରେ ମିକଷ୍ଟର ମେସିନଟି ଦେଖି ଚୋରି ବାଟ ଖୋଜିଥିଲା । ପିକଅପକୁ ଫୋନ ଯୋଗେ ଡକାଇ ମେସିନଟିକୁ ରାତ୍ରୀରେ ନେଇ ପଳାଇଥିଲା । ବାଟରେ କେହିବି ଏହାକୁ ସନ୍ଦେହ କରିନଥିଲେ । ପୁଲିସ ପିକଅପକୁ ଧରିବା ପରେ ସମସ୍ତ ଘଟଣା ଜଣାପଡିଥିଲା । ଏନେଇ ପୁଲିସ ଦିପ୍ତିରଂଜନକୁ ଗିରଫ ଖରିବା ସକ୍ଷମ ହୋଇଥିଲା । ଆଜି ତାକୁ ଦଫା ୩୭୯ରେ ଅଦାଲତ ଚାଲାଣ କରିଛି । ସେହିପରି ଗତଜୁନ ୪ ତାରିଖ ପାଣିକୋଇଲି ଥାନା ଅର୍ନ୍ତଗତ ନମିଟିକିରି ଗ୍ରାମ ନିକଟରେ ଫାଇପ ଷ୍ଟକ ୟାର୍ଡରୁ ଏକ ଟ୍ରକ ଯୋଗେ ପାଇପ ବୋଝେଇ କରି ଚୋରି କରୁଥିବା ବେଳେ ଗ୍ରାମବାସୀ ମାନେ ଧରି ପୁଲିସ ଜିମା ଦେଇଥିଲେ । ଏହି ଘଟଣା ରେ ଏକ ମାମଲା ୧୩୩/୨୩ ରୁଜୁ କରି ପୂର୍ବରୁ ୩ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଆଜି ଏହି ମାମଲାରେ ସମ୍ପୃକ୍ତ ବାଲେଶ୍ୱର ଜିଲ୍ଲା ଗୋପାଳପୁର ଥାନା ଅନ୍ତର୍ଗତ କଲ୍ୟାଣୀ ଗ୍ରାମର ଶ୍ରୀକାନ୍ତ ଦତଙ୍କ ପୁଅ ହରେକୃଷ୍ଣ ଦତ(୪୫)କୁ ୩୭୯, ୩୪, ୧୨୦(ବି) ଦଫାରେ ଅଦାଲତ ଚାଲାଣ କରାଯାଇଛି । ସେହିପରି ତାଲୁଙ୍ଗା ଗ୍ରାମରେ ଘଟିଥବା ଗଣ୍ଡଗୋଳ ମାମଲାରେ ୨ଟି ମାମଲା ରୁଜୁ କରାଯାଇଥି ପୂର୍ବରୁ ଜଣଙ୍କୁ ଗିରଫ କରି ଅଦାଲତ ଚାଲାଣ କରାଯାଇଥିବା ବେଳେ ପ୍ରତିପକ୍ଷ ମଣି ସାହୁଙ୍କ ପୁଅ ନାରାୟଣ ସାହୁଙ୍କୁ ମାମଲା ୧୪୮/୨୩ ଦଫା ୨୯୪, ୩୨୩, ୪୨୭, ୩୭୯, ୫୦.୩୪ ଆଇପିସିରେ ଅଦାଲତ ଚାଲାଣ କରାଯାଇଛି ।

# ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ଗର୍ଜିଲେ ନରସିଂହ



ବଲାଙ୍ଗିର, ୨୫/୦୬ (ନି.ପ୍ର): ବଲାଙ୍ଗିରରେ ବିପର୍ଯ୍ୟୟ ପରିଚାଳନା ପାଇଁ ସରକାରଙ୍କ ଠାରୁ ଲଢେଇ କରି ଅନେକ ଅନୁଦାନ ଅଣାଯାଇଛି । ହଠାତ ମାତ୍ରାଧିକ ବର୍ଷା ଦ୍ୱାରା ଗନ୍ଥେଲ ଡ୍ୟାମରୁ ପାଣି ଆସି ଲକ୍ଷ୍ମୀ ଜୋର୍ ଉଛୁଳି ବହୁ ବିପର୍ଯ୍ୟୟ ସୃଷ୍ଟି କରିଥିଲା । ସେ ଅସୁବିଧାକୁ ଆଖି ଆଗରେ ରଖି ପୁଣି ଲକ୍ଷ୍ମୀ ଯୋରରେ ବନ୍ୟା ପ୍ରତିରୋଧକ ବାଡ, ଉଭୟ କଡରେ ରାସ୍ତା ଓ ନାଳ ସହ ଗନ୍ଥେଲ ଡ୍ୟାମର ମଧ ମରାମତି ଓ ଉନ୍ନତିକରଣ ପାଇଁ କୋଟି କୋଟି ଟଙ୍କାର ଅନୁଦାନ ଅଣାଯାଇଛି । କିନ୍ତୁ, ସରକାର ଦେଉଥିବା ଅନୁଦାନ ଏଠାରେ ପ୍ରଶାସନିକ ଅବହେଳା ଯୋଗୁଁ ଖର୍ଚ୍ଚ ହୋଇପାରୁ ନାହିଁ । ହଠାତ ପୁଣି ଥରେ ଯଦି ରେକର୍ଡ ପରିମାଣର ବର୍ଷା ହୁଏ ତେବେ ବଲାଙ୍ଗିରରେ ଯେ ଏକ ବଡ ବିପର୍ଯ୍ୟୟ ସୃଷ୍ଟି ନହେବ ତାହା କିଏ କହି ପାରିବ । କେବଳ ପ୍ରଶାସନିକ ଅବହେଳା ନୁହେଁ ଏଥିରେ ସ୍ଥାନୀୟ ସରକାରୀ ଦଳର ବଡପଣ୍ଡା ମାନେ ମଧ ବିପର୍ଯ୍ୟୟ ପରିଚାଳନା ପାଇଁ ଆସିଥିବା ଅର୍ଥ ବିନିଯୋଗ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରୁଛନ୍ତି ତେଣୁ, ଏହା ପ୍ରମାଣିତ କରୁଛି ଯେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଜାତୀୟ ସ୍ତରରେ ପୁରସ୍କୃତ ହୋଇଥିବା ରାଜ୍ୟ ସରକାର ବଲାଙ୍ଗିରର ବିପର୍ଯ୍ୟୟ ପରିଚାଳନା ବେଳକୁ ଏକ ଅପାରଗ ସରକାର ଭାବରେ ନିଜକୁ ପ୍ରମାଣିତ କରୁଛି ବୋଲି ଆଜି ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବିପର୍ଯ୍ୟୟ ପରିଚାଳନା ବୈଠକରେ ସ୍ଥାନୀୟ ଓସ୍ୱାନ ସମ୍ମିଳନୀ କକ୍ଷରୁ ଭିଡିଓ କନ୍ଫରେନ୍ସ ମାଧ୍ୟମରେ ଯୋଗଦେଇ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର କ୍ଷୋଭର ସହ ପ୍ରକାଶ କରିଛନ୍ତି । ସେ ଆହୁରି ମଧ କହିଛନ୍ତି ଯେ, ଗତବର୍ଷ ର ବିପର୍ଯ୍ୟୟ ରିଚାଳନା କମିଟି ବୈଠକରେ ବଲାଙ୍ଗିର ପାଇଁ ପଚରା ଯାଇଥିବା ପ୍ରଶ୍ନର ବିଭାଗ ପକ୍ଷରୁ ଦିଆଇଥିବା ଉତର ସମ୍ପୂର୍ଣ୍ଣ ଭାବେ ମନଗଢା ଓ ମିଥ୍ୟା । ଯେପରିକି ଉତରରେ କୁହାଯାଇଛି ଯେ, ଲକ୍ଷ୍ମୀ ଯୋର ପାର୍ଶ୍ୱରେ ଜବର ଦଖଲରେ ଥିବା ଲୋକଙ୍କୁ ଉଚ୍ଛେଦ କରାଯିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଆବଶ୍ୟକ ପଦକ୍ଷେପ ନିଆଯାଉଛି । କିନ୍ତୁ, ବିଡମ୍ବନାର ବିଷୟ ଏଠାରେ ବାସ କରୁଥିବା ଭୂମୀହିନ ଓ ଗରୀବଙ୍କୁ ଜାଗା ଓ ଘର ଦିଆଯାଇଥିଲେ ହେଁ , ଧନୀ ଜବରଦଖଲକାରୀ ଏବଂ ମ୍ୟୁନିସିପାଲିଟିର ଚାପରେ ବେଆଇନ ଧନୀ ଜବରଦଖଲକାରୀଙ୍କୁ ହଟା ଯାଉ ନାହିଁ । ତେଣୁ ଏଥିରୁ ସ୍ପଷ୍ଟ ଯେ, ଯୋଜନା କାର୍ଯ୍ୟକାରୀତା କ୍ଷେତ୍ରରେ ସରକାରଙ୍କ ଡାହାଣ ଓ ବାମ ହାତ ମଧ୍ୟରେ ଶାସକ ଦଳର ଚାପ ଯୋଗୁଁ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ବ୍ୟାଘାତ ସୃଷ୍ଟି ହେଉଛି । ଏହାର ଜଳନ୍ତ ଉଦାହରଣ ହେଉଛି ମହାରଣୀ ସାଗର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ । ଯେଉଁ ପ୍ରକଳ୍ପ ପାଇଁ ଦେଢ ବର୍ଷ ପୂର୍ବରୁ ଆଠ କୋଟି ଟଙ୍କା ଅନୁଦାନ ଆସି ପୌର ପରିଷଦ ଓ ସ୍ଥାନୀୟ ବିଜେଡି ନେତାଙ୍କ ଚାପ ଯୋଗୁଁ କାମ ନହୋଇ ପଡି ରହିଛି । ବୈଠକରେ ବିଧାୟକ ଶ୍ରୀ ମିଶ୍ର ନାଇକେନ ଯୋର ଠାରେ ଚେକଡ୍ୟାମରେ ଫଟକରା ନୂଆପଡାରୁ କୁଡାସିଂହା ମଧରେ ବଡ ଅଂଚଳରେ ମାଟି ଜମି ଯାଉଥିବାରୁ ଲୋକଙ୍କ ଅନେକ ଅସୁବିଧା ହେଉଛି । ତେଣୁ ଏହି ମାଟି ଉଠାଇବା ପାଇଁ ପଦକ୍ଷେପ ନିଆଯାଉ ବୋଲି ପ୍ରସ୍ତାବ ଦେଇଥିଲେ । ଠିକ ସେହିପରି ଶୋନଗଡ ନଦୀ ଉପରେ ଶିକୁଆଁ- ଭୁଡିଆର ବାହାଲ ବ୍ୟାରେଜର ମଞ୍ଜୁରି ଚୂଡ଼ାନ୍ତ ପର୍ଯ୍ୟାୟରେ ଥିଲା କିନ୍ତୁ, ଏହା ଯୋଗୁଁ ଏକ ଗାଁ ପାଣିଘେରରେ ରହିଯିବା ଭୟ ଥିବାରୁ ତାର ଡିପିଆରରେ କିଛି ପରିବର୍ତର୍ତନ କରାଯାଇଥିଲା । ଯାହାକି ଆଜି ପର୍ଯ୍ୟନ୍ତ ବୈଷୟୀକ କମିଟିର ମଞ୍ଜୁରି ପାଇଁ ଅଟକି ରହିଛି । ଏହି ପ୍ରକଳ୍ପକୁ ପ୍ରାଥମିକତା ଭିତିରେ ଶିଘ୍ର ଆରମ୍ଭ କରାଯାଉ । ଆନ୍ତଃନଦୀ ଜଳ ସଂରକ୍ଷଣ ପ୍ରକଳ୍ପ ଯୋଗୁଁ ଚିର ମରୁଡି ପ୍ରପିଡିତ ବଲାଙ୍ଗିର ଜିଲ୍ଲାର ଜମି ଆଦ୍ରତା, ଉର୍ବରତା ବଢିବାର ଯଥେଷ୍ଟ ସମ୍ଭାବନା ରହିଛି ।

# ବେଆଇନ ଭାବେ ସରକାରୀ ଜାଗା ଜବରଦଖଲ କରି ନିର୍ମିତ କୋଠା ଭାଙ୍ଗିଲା ପ୍ରଶାସନ

ମାଲକାନଗିରି, ୨୫/୦୬ (ନି.ପ୍ର): ବେଆଇନ ଭାବେ ସରକାରୀ ଜାଗା ଜବରଦଖଲ କରି କୋଠା ନିର୍ମାଣ କରିଥିବା ଯୋଗୁଁ ମାଲକାନଗିରି ତହସିଲ ଅନ୍ତର୍ଗତ ଏମଭି-୪୨ ଗ୍ରାମର ପିୟୁସ୍ ବରାଳଙ୍କ କୋଠାକୁ ପ୍ରଶାସନ ପକ୍ଷରୁ ଭଙ୍ଗା ଯାଇଛି । ଏଣୁ ମାଲକାନଗିରି ତହସିଲଦାର ସୟଦ ସବୀର ସାହଙ୍କ କାର୍ଯ୍ୟାନୁଷ୍ଠାନ କ୍ରମେ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନର ଉପସ୍ଥିତିରେ ସରକାରୀ ଜାଗାରେ ନିର୍ମାଣ କରାଯାଇଥିବା କୋଠାକୁ ଭଙ୍ଗା ଯାଇଛି । ଏଥି ନିମନ୍ତେ ଉପ ଜିଲ୍ଲାପାଳ ଡଃ. ଅକ୍ଷୟ କୁମାର ଖେମୁଣ୍ଡୁ ମାଜିଷ୍ଟ୍ରେଟ ନିୟୋଜିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ନିର୍ଦ୍ଦେଶ କ୍ରମେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଅତିରିକ୍ତ ତହସିଲଦାର ଜଗଦୀଶ କର୍ତାମୀ ଉପସ୍ଥିତ ଥିଲେ । ସୂଚନା ଥାଉ କି, ଏଥି ନିମନ୍ତେ ମାଲକାନଗିରି ତହସିଲ୍ କାର୍ଯ୍ୟାଳୟ ତରଫରୁ ଶ୍ରୀ ବରାଳଙ୍କୁ ତିରିଶ ଦିନିଆ ନୋଟିସ୍ ପ୍ରଦାନ କରାଯାଇଥିଲା । ନୋଟିସ୍ ସମୟ ଅତିକ୍ରମ ହୋଇଯାଇଥିଲେ ସୁଦ୍ଧା ସରକାରୀ ଜାଗାକୁ ଖାଲି କରାଯାଇନଥିଲା । ତେଣୁ ସରକାରୀ ଜାଗାକୁ ଜବରଦଖଲ କରିଥିବାରୁ ଶୁକ୍ରବାର କୋଠାଟିକୁ ଭଙ୍ଗା ଯାଇଛି । ଏହି ଉଚ୍ଛେଦ ବେଳେ ଅନ୍ୟ ମାନଙ୍କ ମଧ୍ୟରେ ରାଜସ୍ୱ ପରିଦର୍ଶକ ରଣଦା ପ୍ରସାଦ ମଣ୍ଡଳ, ରାଜସ୍ୱ ନୀରିକ୍ଷକ ଶ୍ରୀନିବାସ ପଟ୍ଟନାୟକ ଏବଂ ତହସିଲ୍ କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀମାନେ ସେଠାରେ ଉପସ୍ଥିତ ଥିଲେ ।

# ସମୁଦ୍ର କୂଳରେ ଶୌଚାଳୟ ବ୍ୟବସ୍ଥା

ପୁରୀ , ୨୫/୦୬ (ନି.ପ୍ର): ପୁରୀ ସମୁଦ୍ର କୂଳ ଦିଗବାରେଣୀ ଠାରେ ଗ୍ୟାସ ଅଥରିଟି ଅଫ ଇଣ୍ଡିଆ ବା ଗେଲର ସି ଏସ ଆର ଫଣ୍ଡ ପକ୍ଷରୁ ଆଜି ସୁଲଭ ଇଣ୍ଟରନ୍ୟାସନାଲ ସହଯୋଗ ରେ ଦେୟ ମୁକ୍ତ ଶୌଚାଳୟ ବ୍ୟବସ୍ଥା ର ଉଦଘାଟନ କରାଯାଇଛି । ପୁରୀ ପୌରପାଳିକା ପକ୍ଷରୁ ସୁଲଭ ଇଂଟରନ୍ୟାସନାଲକୁ ଏହାର ପରିଚାଳନା ଦାୟିତ୍ୱ ଦିଆଯାଇଛି । ଏହାକୁ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ଉଦଘାଟନ କରି ଏହାର ଆବଶ୍ୟକତା ଥିଲା । ତେଣୁ ଗେଲ ଓ ପୌରପାଳିକା ପକ୍ଷରୁ ଏପରି ପଦକ୍ଷେପ ଅତ୍ୟନ୍ତ ସ୍ୱାଗତ ଯୋଗ୍ୟ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ,ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ମନୋଜ କୁମାର ବେହେରା, ସୁଲଭ ଇଂଟରନ୍ୟାସନାଲ ପ୍ରତିନିଧି ବିନୋଦ ଶର୍ମା, ପୁରୀ ସଦର ବିଡ଼ିଓ ସମ୍ୱିତ ଶତପଥୀ ପ୍ରମୁଖ ଯୋଗ ଦେଇ ପର୍ଯ୍ୟଟକ ମାନଙ୍କ ପାଇଁ ଏହି ଶୌଚାଳୟ, ସ୍ନାନାଗାର, ୱାସିଂ ବେସିନ ବେଶ ଉପଯୋଗୀ ସାବ୍ୟସ୍ତ ହେବ ବୋଲି କହିଥିଲେ । ତେବେ ଏହାର ସ୍ୱଛତା, ପରିଷ୍କାର, ପରିଛନତା ପ୍ରତି ସମସ୍ତେ ସଚେତନ ହେବାକୁ ସେମାନେ ଅନୁରୋଧ କରିଥିଲେ ।

# ଜୁନ ୨୭ରେ ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ କରିବ କଂଗ୍ରେସ

କେନ୍ଦ୍ରାପଡ଼ା, ୨୫/୦୬ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଓ ନଗର କଂଗ୍ରେସର ଏକ ମିଳିତ ବୈଠକରେ ଚଳିତ ମାସ ୨୭ତାରିଖରେ ଟାଟା ବିଦ୍ୟୁତ୍ ବିତରଣ କମ୍ପାନୀ କାର୍ଯ୍ୟାଳୟ ଗେରଉ କରିବା ନିଷ୍ପତି ନୀଆଯିବା ସହ ଆଗାମୀ ଜୁଲାଇ ୧୪ରେ କେନ୍ଦ୍ରାପଡା ବ୍ଲକ ଘେରାଉ କରାଯିବା ନିଷ୍ପତି ନିଆଯାଇଛି । ଘନ ଘନ ବିଜୁଳି କାଟ ଓ ଅହେତୁକ ବିଜୁଳି ଦର ପ୍ରତିବାଦରେ ପିସିସି ସଭାପତି ଶରତ ପଟ୍ଟନାୟକ ଆହ୍ୱାନରେ ଜିଲ୍ଲା କଂଗ୍ରେସ ତରଫରୁ ଆସନ୍ତା ଜୁନ୍ ୨୭ ତାରିଖ କେନ୍ଦ୍ରାପଡା ନଗର ଓ ବ୍ଲକ କଂଗ୍ରେସ ତରଫରୁ ଶତାଧିକ କଂଗ୍ରେସ କର୍ମୀ ସାମିଲ ହୋଇ ଏହି କର୍ଯ୍ୟକ୍ରମକୁ ସଫଳ କରିବାକୁ ବୈଠକରେ ନିଷ୍ପତି ନିଆଯାଇଛି । ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ବ୍ଲକ ଓ ନଗର କଂଗ୍ରେସର ଯୋଗଦେଇ କହିଥିଲେ ଯେ ରାଜ୍ୟସରକାରଙ୍କ ବିଜୁଳି ବିଭାଗର ଅପାରଗତା ଓ ଦାୟିତ୍ୱହୀନତା ଯୋଗୁଁ ରାଜ୍ୟ ତଥା କେନ୍ଦ୍ରାପଡା ବାସୀ ହନ୍ତସନ୍ତ ହେଉଛନ୍ତି । ନିରବଛିନ ତଥା ଉନ୍ନତମାନର ବିଜୁଳି ଯୋଗାଣର ପ୍ରତିଶ୍ରୁତି ସମ୍ପୂର୍ଣ୍ଣ ଅର୍ଥହୀନ ହୋଇପଡିଛି । ଏଥି ସାଙ୍ଗକୁ ସରକାରଙ୍କ ଖାଉଟି ଶୋଷଣ ନୀତି ଯୋଗୁଁ ପୂର୍ବ ସଂଗ୍ରେସ ସରକାର ଅମଳରେ ଥିବା ବିଜୁଳି ଦର ବର୍ତମାନ ୨୫୦ ପ୍ରତିଶତ ବୃଦ୍ଧି ପାଇଛି । ଏହାର ଦୃଢ ପ୍ରତିବାଦ ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଏକାନ୍ତ ଆପରିହାର୍ଯ୍ୟ । ବହୁ ସଂଖ୍ୟାରେ ସାମିଲ ହୋଇ କଂଗ୍ରେସ ବନ୍ଧୁମାନେ ଜୁନ୍ ୨୭ ଟାଟା ଅଫିସ ଘେରାଉ ଆନ୍ଦୋଳନ ସଫଳ କରିବାକୁ ନିବେଦନ କରିଥିଲେ । କେନ୍ଦ୍ରାପଡା ବିଡିଓଙ୍କ ମନମୁଖୀ ସାସନ ଓ ବିଭିନ୍ନ ହିତାଧିକାରୀ ଯୋଜନାରେ ହିତାଧିକାରୀଙ୍କୁ ଆଖିବୁଜା ଶୋଷଣ ଓ ରାଜନୈତିକ ବାଛବିଚାରରେ ଦଳିୟ କର୍ମୀଙ୍କୁ ଶୋଷଣର ପ୍ରତିବାଦ ପାଇଁ ବ୍ଲକ ଘେରାଉ ଆନ୍ଦୋଳନ କଂଗ୍ରେସ ପାଇଁ ଏକାନ୍ତ ଅପରିହାର୍ଯ୍ୟ ହୋଇପଡିଛି । ସୁତରାଂ ଜୁଲାଇ୧୪ କେନ୍ଦ୍ରାପଡା ବ୍ଲକ ଘେରାଉ କାର୍ଯ୍ୟକ୍ରମକୁ ପ୍ରଭାବଶାଳୀ ଢଙ୍ଗରେ କରିବାକୁ ଶ୍ରୀ ବେହେରା ମତ ରଖିଥିଲେ । ଏହି ବୈଠକରେ ପୂର୍ଭତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଜିଲ୍ଲା କଂଗ୍ରେସ ଉପ ସଭାପତି ପ୍ରଫୁଲ୍ଲ ଦାସ, ମୁକ୍ତାର ଖାଁ, ନାରାୟଣ ପରିଡା, ରତିକାନ୍ତ ସାମଲ, ବୈକୁଣ୍ଠ ନାଥ ସେନାପତି, ଅଜୟ ପ୍ରଧାନ, ପ୍ରଭାତ କୁମାର ଉଡାନ ସିଂ, ବାବାଜୀ ଚରଣ ମଲ୍ଲିକ, ଅନନ୍ତ କୁମାର ସାହୁ, ସନ୍ତୋଷ ବେହେରା, ଲକ୍ଷ୍ମୀଧର ପଲାଇ, ଉମାଶଙ୍କର ଜେନା ପ୍ରମୁଖ ଆଲୋଚନାରେ ଭାଗନେଇ ଜୁନ ୨୭ ଟାଟା କାର୍ଯ୍ୟାଳୟ ଓ ଜୁଲାଇ ୧୪ କେନ୍ଦ୍ରାପଡା ବ୍ଲକ ଘେରାଉ କାର୍ଯ୍ୟକ୍ରମ ସଫଳ କରିବାକୁ ପରାମର୍ଶ ଦେଇଥିଲେ ।

# ଗଞ୍ଜେଇ ଚାଲାଣ ବେଳେ ଚଢାଉ: ୩ ଗିରଫ



ଜୟପୁର, ୨୫/୦୬ (ନି.ପ୍ର): ଗଞ୍ଜେଇ ଚାଲାଣ ବେଳେ ଜୟପୁର ସଦର ପୋଲିସ ଚଢାଉ କରି ୩ ଅଭିଯୁକ୍ତ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ରାୟପୁରର ଜୟନ୍ତ ୟାଦବ (୨୪) ମଧ୍ୟପ୍ରଦେଶର ରାଜେଶ କାଚେର (୪୬) ବୈପାରିଗୁଡା ଝଡିଆଗୁଡାର ରବି ଖିଲ (୨୬) ପୋଲିସ ସୁଚନ ଅନୁଯାଇ ବୈପାରିଗୁଡାରୁ ଗଞ୍ଜେଇ ଚାଲାଣ ହେଉଥିବା ବିଷୟ ଜୟପୁର ସଦର ପୋଲିସ ସୁଚନା ପାଇଥିଲା । ସୂଚନା ଆଧାରରେ ସୁନା ନଗର ନିକଟରେ ପୋଲିସ ତରଫରୁ ବ୍ଲକିଙ୍ଗ କରାଯାଇଥିଲା । ସେହି ସମୟରେ ସୁନା ନଗର ଛକ ଠାରେ ଏକ କାରରେ ରାୟପୁରର ଜୟନ୍ତ ୟାଦବ (୨୪) ମଧ୍ୟପ୍ରଦେଶର ରାଜେଶ କାଚେର (୪୬) ବସିଥିବା ବେଳେ ପୋଲିସ ଯାଂଚ କରିଥିଲା । କାର ଆଗରେ ବାଇକରେ ବୈପାରିଗୁଡା ଝଡିଆଗୁଡାର ରବି ଖିଲ (୨୬) ଆସୁଥିଲା। ଯାଂଚ କରିବାରୁ ପୋଲିସ ୨୫ ପ୍ୟାକେଟରେ ୨୨୦ କେଜି ଗଞ୍ଜେଇ ଜବତ କରିଛି । କାର, ବାଇକ, ଗଞ୍ଜେଇ, ୩ଟି ମୋବାଇଲ କୁ ଜବତ କରି ୩ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।

# ଝିପି ଝିପି ବର୍ଷା ସତ୍ତ୍ୱେ ଭକ୍ତଙ୍କ ଆଡ଼ପ ଦର୍ଶନ

ପୁରୀ, ୨୫/୦୬ (ନି.ପ୍ର): ଭକ୍ତର ଡ଼ୋରିରେ ବନ୍ଧା ଭାବଗ୍ରାହୀ । କାଳିଆ ଯେଉଁଠି ଗହଳି ସେଇଠି । ଶ୍ରୀମନ୍ଦିର ଏବେ ଖାଁ ଖାଁ । ହସୁଛି ଶ୍ରୀଗୁଣ୍ଡିଚା ମନ୍ଦିର । ଶରଧାବାଲି ଏବେ ଲୋକାରଣ୍ୟ । ଆଜି ସକାଳୁ ଝିପି ଝିପି ବର୍ଷା ଲାଗି ରହିଛି । ପ୍ରଭୁ ଇନ୍ଦ୍ର ଦେବ ପୁଷ୍ପ ବୃଷ୍ଟି କରି ଜଳ ସିଂଚନ କରୁଛନ୍ତି । ବ୍ରହ୍ମାଣ୍ଡ ଠାକୁର ଜନ୍ମବେଦିରେ ବିରାଜମାନ କରିଛନ୍ତି । ରଥଯାତ୍ରା ଦେଖିବା ପାଇଁ ସ୍ୱର୍ଗପୁରରେ ତେତିଶି କୋଟି ଦେବତା ଚାହିଁ ରହିଛନ୍ତି । ଏଣେ ଭକ୍ତ ମାନେ ବଡ଼ଶଙ୍ଖ ଠାରୁ ଲମ୍ୱା ଧାଡ଼ିରେ ଯାଇ ପ୍ରଭୁଙ୍କ ଆଡ଼ପ ଦର୍ଶନ କରୁଛନ୍ତି । ଶାନ୍ତି ଶୃଙ୍ଖଳା ପାଇଁ ବ୍ୟାପକ ପୋଲିସ ମୁତୟନ ହୋଇଛନ୍ତି । ଆଡ଼ପ ଅବଢା ପାଇ ଭକ୍ତ ଆନନ୍ଦିତ ହୋଇଛନ୍ତି । ଆଜି ହେରା ପଂଚମୀ ଥିବାରୁ ଶରଧାବାଲିରେ ହେରାପଂଚମୀ ଭଜନ ଓ ମା ଲକ୍ଷ୍ମୀ ନନ୍ଦିଘୋଷ ରଥକାଠ ଭାଙ୍ଗିବା ନୀତି ଦର୍ଶନ ପାଇଁ ଭକ୍ତ ଅଟକି ରହିଛନ୍ତି । ଆସନ୍ତାକାଲି ବାହୁଡ଼ାଯାତ୍ରା ପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ ହେବ । ଏଥିପାଇଁ ତିନି ରଥକୁ ଶ୍ରୀଗୁଣ୍ଡିଚା ମନ୍ଦିର ସିଂହଦ୍ୱାରରୁ ଦକ୍ଷିଣମୋଡ଼ କରାଯାଇ ନାକଚଣା ଦ୍ୱାର ଠାରେ ରଖାଯିବ । ଶରଧାବାଲି ପିଚୁ ହୋଇ ଯାଇଥିବାରୁ ଦକ୍ଷିଣମୋଡ଼ ପାଇଁ ପିଚୁ ଉପରେ ବାଲି ବିଛାଯାଇଛି ।

# ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବରଗାଁର ବାର୍ଷିକ ଉତ୍ସବ

ବଲାଙ୍ଗିର, ୨୫/୦୬ (ନି.ପ୍ର): ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବରଗାଁ ର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ କୈସ୍ ରସୁଲ ଖାନ୍ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବଲାଙ୍ଗିର ବ୍ଲକର ପୂର୍ବତନ ଅଧକ୍ଷ ତଥା କଳାକାର ଗୋଲାପ ବାଗ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଶିକ୍ଷା ସହିତ ସହ ପାଠ୍ୟକ୍ରମର ଉପାଦେୟତା ବାବଦରେ ଛାତ୍ର ଛାତ୍ରୀଙ୍କୁ ଧାରଣା ଦେଇଥିଲେ । ବିଦ୍ୟାଳୟର ସହ ଶିକ୍ଷକ ରବି ନାରାୟଣ ପୁରୋହିତ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ପୁରସ୍କାର ବିତରଣ ରେ ସହଯୋଗ କରିଥିଲେ । ବିଦ୍ୟାଳୟ କମିଟିର ଚେୟାରମେନ ପୁଷ୍ପା ଭୁଏ, ସଭ୍ୟ ଦିର୍ଜୁ ସାହୁ, ସହ ଶିକ୍ଷକ ମନୋଜ କୁମାର ବେହେର ଏବଂ ଶିକ୍ଷୟତ୍ରୀ ଭାରତୀ ପରିଡା ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ମନୋଜ କୁମାର ବେହେରା ଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ରୋଶନୀ ପଟେଲ, ଭାଗ୍ୟଶ୍ରୀ ପଟେଲ, ଦୀପକ ସାହୁ, ଅଙ୍କିତ ବଢେଇ, ଝରଣା ଗୁରୁ, ସୃତି କୁଅଁର, ସୁଚିସ୍ମିତା ନାଗ, ପଦ୍ମିନୀ ବାରିକ, ମନିଷା ବାରିକ, ନନ୍ଦିନୀ ବାରିକ, ସନ୍ତୋଷିନୀ ବାରିକ, ଦିପନ ବିଶି, ପାୟଲ ପରିଣିତା ଭୋଇ, ଅର୍ପିତା, ସାଲିନୀ ଭୁଏ, ହିମାଂଶୁ ପଟେଲ ଏବଂ ରାହୁଲ ସାହୁ ଆଦି ପୁରସ୍କାର ପ୍ରାପ୍ତ କରିଥିଲେ ।

# ଶ୍ରୀ ଗୋପୀନାଥଜୀଉ ମନ୍ଦିର ପ୍ରାଙ୍ଗଣରେ ସଂକୀର୍ତ୍ତନ ମଣ୍ଡଳୀ ସମାବେଶ

କେନ୍ଦ୍ରାପଡ଼ା, ୨୫/୦୬ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ତଳବାରଙ୍ଗ ଗ୍ରାମର ଶ୍ରୀ ଶ୍ରୀ ଗୋପୀନାଥଜୀଉ ଙ୍କ ମନ୍ଦିର ପ୍ରାଙ୍ଗଣରେ ସଂର୍କୀତନ ମଣ୍ଡଳୀ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ସିଦ୍ଧ ବଳଦେବଜୀଉ ଗଉଡ ସୁନ୍ଦର ସମିତି ଛଘରିଆ ଗ୍ରାମର ସଂର୍କୀତନ ମଣ୍ଡଳୀ ଓ ଜମପଡାର ରାଧୁ ମହାରାଜ, ଅନାଦି ଚରଣ ଦାସ, ଶ୍ରୀ ଗୋପୀନାଥ ସଂର୍କୀତନ ମଣ୍ଡଳୀ ଓ ଅଙ୍ଗୁଳାଇର ସଂର୍କୀତନ ମଣ୍ଡଳୀ ପ୍ରମୁଖ ଏଥିରେ ଯୋଗ ଦେଇ ମହାମନ୍ତ୍ର ନାମ ସଂର୍କୀତନ ପରିବେଷଣ କରିଥିଲେ । ପବିତ୍ର ହେରାପଂଚମୀ ତିଥି ଉପଲକ୍ଷେ ବଡପଣ୍ଡା ମାଧବ ଚନ୍ଦ୍ର ପତ୍ରୀ ଓ ଧରଣୀଧର ସୁଆରଙ୍କ ଉଦ୍ୟମରେ ସଂର୍କୀତନ ମଣ୍ଡଳୀ ସମାବେଶ ହୋଇଥିଲା । ତଳବାରଙ୍ଗ ଗ୍ରାମର ସମସ୍ତ ସଂର୍କୀତନ ପ୍ରେମୀ ଓ ଯୁବକ ସଂଘର କର୍ମକର୍ତା ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।

# ବେହେରାପାଲି ବନ୍ଧର ପୁନଃଉଦ୍ଧାର ଦାବିରେ କ୍ରିୟାନୁଷ୍ଠାନ କମିଟିର ଜଳସତ୍ୟାଗ୍ରହ

## ପୌରାଧକ୍ଷା ଓ ଜିଲ୍ଲାପାଳଙ୍କୁ ବନ୍ଧରେ ଗାଧୋଇବା ପାଇଁ ନିମନ୍ତ୍ରଣ କଲେ ଅଂଚଳବାସୀ

ବଲାଙ୍ଗିର, ୨୫/୦୬ (ନି.ପ୍ର): ବେହେରାପାଲି ବନ୍ଧ ଆଜି ସହରର ଅଳିଆଗଦା ପାଲଟିଛି । ବନ୍ଧର ପଙ୍କ ଉଦ୍ଧାର କରି ସଫେଇ କରିବା ପରିବର୍ତେ ସହର ବାହାରକୁ ଯାଉଥିବା ନାଳ ନର୍ଦ୍ଦମାକୁ ଏଥିରେ ଯୋଡି ଦିଆ ଯାଇଛି । ଫଳରେ ଲୋକେ ନିତ୍ୟ ବ୍ୟବହାର୍ଯ୍ୟ ପାଣି ପାଇ ହଇରାଣ ହେବା ସହ ଏଠାରେ ଗାଧୋଉଥିବା ଲୋକେ ବିଭିନ୍ନ ଚର୍ମରୋଗରେ ପିଡିତ ହେଉଛନ୍ତି । ଅଂଚଳବାସୀଙ୍କ ନ୍ୟାୟୋଚିତ ଦାବୀକୁ ବାରମ୍ୱାର ଅଣଦେଖା କରୁଥିବା ଜିଲ୍ଲାପାଳ ଓ ପୌରାଧକ୍ଷା ଥରୁ ଟିଏ ଆସି ଏଠାରେ ଗାଧୋଇ ଦେଖାନ୍ତୁ । ନା ଏହି ଅଂଚଳବାସୀ ପ୍ରୟତଃ ପଛୁଆ ଓ ଗରିବ ଶ୍ରେଣୀର ବୋଲି ତାଙ୍କର ବଂଚିବାର କୌଣସି ଅଧିକାର ନାହିଁ ବୋଲି ଜିଲ୍ଲାପ୍ରଶାସନ ଭାବି ନେଇଛି ବୋଲି ଆଜି ସହରର ୱାର୍ଡ ନଂ ୯ର ସ୍ଥିତ ବେହେରା ପାଲି ବାସୀ ଜିଲ୍ଲାପ୍ରଶାସନ ଓ ପୌର ପରିଷଦଙ୍କୁ ପ୍ରଶ୍ନ କରିଛନ୍ତି । ବଲାଙ୍ଗିର ୱାର୍ଡ ନଂ ୯ ସ୍ଥିତ ବେହେରାପାଲି ବନ୍ଧର ପଙ୍କୋଦ୍ଧାର ଓ ସଫେଇ ଦାବୀରେ କିଛି ଦିନ ପୂର୍ବରୁ କ୍ରୀୟାନୁଷ୍ଠାନ କମିଟିର ଡାକରାରେ ଅଂଚଳବାସୀ ଜିଲ୍ଲାପଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲ୍ଲାପାଳ ଓ ପୌରାଧକ୍ଷାଙ୍କୁ ଲିଖିତ ଭାବେ ଜଣାଇ ଥିଲେ । ଲୋକଙ୍କ ଅସୁବିଧାକୁ ନଜରରେ ରଖି ଗାଧୋଇବା ତୁଠ ର ସଫେଇ ପାଇଁ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ନଜ ବିଧାୟକ ପାଣ୍ଠିରୁ ଦୁଇ ଲକ୍ଷ ଟଙ୍କା ଅନୁଦାନ ଦେଇଥିଲେ । ଅନ୍ୟପଟେ ରାଜ୍ୟ ସରକାର ମଧ ସହରରେ ବନ୍ଧ କନ୍ଧର ଉନ୍ନତିକରଣ ପାଇଁ କୋଟି କୋଟି ଟଙ୍କାର ଅନୁଦାନ ଦେଇଛନ୍ତି । କିନ୍ତୁ ଅଂଚଳବାସୀଙ୍କ ଦାବୀକୁ ଦୁଇ ମାସ ବିତି ଜାଇଥିଲେ ସୁଦ୍ଧା ବନ୍ଧର ପଙ୍କ ଉଦ୍ଧାର, ସଫେଇ ଓ ପୁନଃଉଦ୍ଧାର ଦିଗରେ ପ୍ରଶାସନ ପକ୍ଷରୁ କେଉଁ କାରଣରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଯାଇ ନାହିଁ ତାହ ଜଣା ପଡୁ ନାହିଁ । ସମାନ ଦାବୀରେ ଆଜି କ୍ରୀୟାନୁଷ୍ଠାନ କମିଟି ଓ ଅଂଚଳବାସୀଙ୍କ ପକ୍ଷରୁ ବେହେରା ପାଲି ବନ୍ଧରେ ଜଳ ସତ୍ୟାଗ୍ରହ କରାଯାଇଛି । ଯଥା ଶିଘ୍ର ବେହେରାପାଲି ବନ୍ଧର ପୁନଃ ଉଦ୍ଧାର କରା ନଗଲେ ଆଗାମୀ ଦିନରେ କ୍ରୀୟାନୁଷ୍ଠାନ କମିଟି ଓ ଅଂଚଳବାସୀ ଦୁର୍ବାର ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବାଧ ହେବେ ବୋଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କୁହା ଯାଇଛି । ଆଜିର ଏହି କାର୍ଯ୍ୟକ୍ରମରେ ୱାର୍ଡ ନଂ ୯ର କ୍ରୀୟାନୁଷ୍ଠାନ କମିଟିର ସଭାପତି ସମୀର କୁମ୍ଭାର, ରାଜେନ୍ଦ୍ର ସାଏ, ଜିତେନ୍ଦ୍ର ପଟେଲ, ଖଗେଶ୍ୱ ବିଶ୍ୱାଲ, ସଚ୍ଚିଦାନନ୍ଦ ମହାନନ୍ଦ, ପ୍ରଶାନ୍ତ ରାଏ, ରଘୁନାଥ ମୁଣ୍ଡୀ, ରବୀ ଖମାରି, ସନ୍ତୋଷିନି କୁମ୍ଭାର, ଅନୀତା ରାଏ, ଯାଜ୍ଞ ଭୋଇ, ଶିବାନୀ ପଟେଲ, ସସ୍ମିତା ସାଏ, ରୁପକାନ୍ତି ବିଶ୍ୱାଲ, ଲାଏବଣି ଭାଟି, ଜିଲ୍ଲା କଂଗ୍ରେସ ଉପସଭାପତି ମନୀଷ ମିଶ୍ର, ସନ୍ତକ ବହିଦାର, ନଗର କଂଗ୍ରେସ ସଭାପତି ବୁଲୁ ଦାନୀ, ଜିଲ୍ଲା ସେବାଦଳ ମୁଖ୍ୟ ଅସିତ ମିଶ୍ର, ସାନନ୍ଦ ମିଶ୍ର, ଜୁଲୁ ପଟ୍ଟନାୟକ, ଲୋପନ ମିଶ୍ର, ଅଙ୍କିତ ସାହୁ, ନାସିର ଖାନ, ଅନ୍ତ ମଛଖଣ୍ଡ, ବର୍ଜ ସେଠି ଓ ଅଜିତ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

# ମହାବାହୁର ନବମ ବାର୍ଷିକ ଉତ୍ସବ

ଉଦଳା, ୨୫/୦୬ (ନି.ପ୍ର):- ପ୍ରତିବର୍ଷ ପରି ଚଳିତ ବର୍ଷ ଭକ୍ତି ଜ୍ଞାନ ସଂଚାର ସେବା ସମିତି ଆନୁକୁଲ୍ୟରେ ପ୍ରକାଶ ପାଉଥିବା ଆଧାତ୍ମିକ ପତ୍ରିକା 'ମହାବାହୁ'ର ନବମ ବାର୍ଷିକ ଉତ୍ସବ ଜୁନ ୨୫ ତାରିଖ ରବିବାର ଦିନ ସ୍ଥାନୀୟ 'ସନ୍ଧାନ ଗୃହ' ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ 'ଜଗନ୍ନାଥ ଚେତନାରେ ଦେବୀ ସୁଭଦ୍ରା' ଶିର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଅବସର ପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼କ୍ଟର ଦିଲୀପ କୁମାର ଦୀକ୍ଷିତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଭକ୍ତି ଜ୍ଞାନ ସଂଚାର ସେବା ସମିତିର ଜନ୍ମ ଇତିହାସ ସମ୍ପର୍କରେ ଅବଗତ କରାଇଥିଲେ । ପରେ ପୁର୍ବତନ ମନ୍ତ୍ରୀ ଓ ରାଜ୍ୟସଭା ସାଂସଦ ବିରଭଦ୍ର ସିଂ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିବା ସହିତ ଏହାର ଆବଶ୍ୟକତା ବର୍ତମାନ କେତେ ଜରୁରୀ ହୋଇ ପଡ଼ିଛି ବ୍ୟକ୍ତ କରିଥିଲେ । ମୟୂରଭଞ୍ଜ ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ 'ମହାବାହୁ'ର ନବମ ଅର୍ଘ୍ୟକୁ ଲୋକାର୍ପିତ କରିବା ସହ ବର୍ତମାନ ସମଗ୍ର ବିଶ୍ୱ କିପରି ଜଗନ୍ନାଥମୟ ହୋଇ ଉଠିଛି ସେ ସମ୍ପର୍କରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଭଦ୍ରକ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, କପ୍ତିପଦା ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି, ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ପ୍ରମୁଖ ଦେବୀ ସୁଭଦ୍ରାଙ୍କ ସମ୍ପର୍କରେ ଶାସ୍ତ୍ରରେ ବର୍ଣ୍ଣନା କରାଯାଇଥିବା



ବିଷୟ ଉପସ୍ଥାପନ କରିଥିଲେ । 'ମହାବାହୁ'ର ସଂପାଦକ ରବିକା' ମହାପାତ୍ର ବିବରଣୀ ପାଠ କରିଥିବା ବେଳେ ଅଧ୍ୟାପକ ଦିଲୀପ କୁମାର ପ୍ରମାଣିକ ମଂଚ ପରିଚାଳନା ଦାୟିତ୍ୱ ତୁଲାଇଥିଲେ । ଅଧ୍ୟାପକ ସୌମେନ୍ଦ୍ର କୁମାର ଦାଶ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କବୟିତ୍ରୀ ନମିତା ରାଉତ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ସଂଚାର ସେବା ସମିତିର ପ୍ରତିଷ୍ଠାତା ଲକ୍ଷ୍ମୀଧର ପୁଥାଳ, ଲଳିତ କୁମାର ବେହେରା, ସର୍ବେଶ୍ୱର ମହାପାତ୍ର, ଅନିତା ବିଶ୍ୱାଳ, ରୁକମଣି ସାହୁ, ପ୍ରଭାତ ପରିଡ଼ା, ପ୍ରଫୁଲ୍ଲ କୁମାର ଖିଲାର , ରାମଚନ୍ଦ୍ର ସାହୁ, ପ୍ରଫୁଲ୍ଲ ମହାଳିକ, ଡ଼କ୍ଟର ଶ୍ୟାମସୁନ୍ଦର ପଣ୍ଡା, ରାଜାରାମ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

## ହେରା ପଂଚମୀରେ ପଂଚମର ୨୮ତମ ଭଜନ ସମାରୋହ

ବଲାଙ୍ଗୀର, ୨୫/୦୬ (ନି.ପ୍ର): ପବିତ୍ର ହେରାପଂଚମୀ ଅବସର ରେ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସଙ୍ଗୀତ ବିଦ୍ୟାଳୟ 'ପଂଚମ' ର ବାର୍ଷିକ ଭଜନ ସମାରୋହ ରାଧାରାଣୀ ପଡା ସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସରରେ ମହାସମାରୋହରେ ପାଳିତ ହୋଇ ଯାଇଛି । ଏହାକୁ ଅନୁଷ୍ଠାନିକ ଭାବରେ ଜିଲ୍ଲା ଲେଖକ ପରିଷଦର ସମ୍ପାଦକ ଗୀତିକାର କପିଳେଶ୍ୱର ଖମାରି, ଅଭିନେତା ସଂଗୀତଜ୍ଞ ଉଗ୍ରସେନ ଷଡ଼ଙ୍ଗୀ, ସଂସ୍କୃତି ଗବେଷକ ମଧୁସୂଦନ ନାୟକ ପ୍ରମୁଖ ପ୍ରଭୂ ଜଗନ୍ନାଥଙ୍କ ଆଗରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ । ପ୍ରାରମ୍ଭରେ ଅନୁଷ୍ଠାନର ଅଧ୍ୟକ୍ଷ ଗୁରୁ ମୁରଲି ଧାରି ପତି ଏକ ହୃଦୟସ୍ପର୍ଶୀ ଗୀତ 'ମିଛଦୁନିଆଁରେ ଗୋଟିଏ ସତ' ପରିବେଷଣ କରିବା ପରେ ଭାରତ ସରକାରଙ୍କର ସଂସ୍କୃତି ମନ୍ତ୍ରଣାଳୟ ତରଫରୁ ଲୋକଗୀତ ଗବେଷଣା ପାଇଁ ବରିଷ୍ଠ ବିଭାଗରେ ଫେଲୋସିପ ପାଇଁ ମନୋନୀତ ହୋଇଥିବାରୁ ଅନୁଷ୍ଠାନର ଛାତ୍ରଛାତ୍ରୀ, ଅଭିଭାବକ ତଥା ସଭ୍ୟ ମାନଙ୍କ ଦ୍ୱାରା ତାଙ୍କୁ ମାନପତ୍ର, ଉପଢ଼ୌକନ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇ ଥିଲା । ପରେପରେ ଅନୁଷ୍ଠାନର ଛାତ୍ରଛାତ୍ରୀ ସଂଚିତା ନାହାକ, ବାସନ୍ତୀ ବାରିକ, ସିଲୁ ସାଣ୍ଡ, ସାମନ୍ତ ବେହେରା, ସୁଜାତା ପୁଟେଲ,ସ୍ୱରୂପ ସିଂ, ଦେବାଶିଷ ମିଶ୍ର ତଥା ଅନୁଷ୍ଠାନ ର କୁନିକୁନି କଳାକାର ମାନଙ୍କ ସହ ଲୋକପ୍ରିୟ କଣ୍ଠ ଶିଳ୍ପୀ କ୍ରିସନା, ନବୀନ ବର୍ମା, ସ୍ୱରୂପା ସିଂ ପ୍ରମୁଖ ଜଗନ୍ନାଥ ଭଜନ ପରିବେଷଣ କରି ଶ୍ରୋତାଙ୍କ ମନମୋହି ନେଇଥିଲେ ।

## ହାତିଆଡିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ରୂପସା , ୨୫/୦୬ (ନି.ପ୍ର): ଆଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନି ଜୀ ଙ୍କ ସଭାପତିତ୍ୱରେ,ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ସହିତ,ଦିବଙ୍ଗତ ପ୍ରାନ୍ତୀୟ ଅଧ୍ୟକ୍ଷ ଯୋଗାଚାର୍ଯ୍ୟ କାଳିଚରଣ ମୁନି ଜୀଙ୍କର ଶ୍ରଦ୍ଧାଞ୍ଜଳି ଦିବସ ଏବଂ ଆଶ୍ରମର ଯୋଗ ସାଧିକା ବିମଳା ଲେଙ୍କାଙ୍କ ନାତି ଆୟୁଷ୍ମାନ ମୁନିକୁମାର ଦିବ୍ୟାସର ୪ର୍ଥ ଶୁଭ ଜନ୍ମଦିନ ଏକ ସଙ୍ଗରେ ମହା ସମାରୋହରେ ପାଳିତ ହୋଇଯାଇଛି । ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ କରାଯାଇ ,ଦିବ୍ୟାସର ଦୀର୍ଘ ନିରୋଗ




ନିରାମୟ ଆନନ୍ଦମୟ ଜୀବନ ସହିତ ଉଜ୍ଜ୍ୱଳ ଭବିଷ୍ୟତ ର ସମୂହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା । ୨ମିନିଟ ସମୂହ ନୀରବ ଧ୍ୟାନ ମାଧ୍ୟମରେ ,ଦିବଙ୍ଗତ ଆତ୍ମାର କାଳ୍ପନିକ ସ୍ଥୁଳ ଶରୀରରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା ।ତାପରେ ଆଶ୍ରମର କୋଷାଧ୍ୟକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି ,ଯୋଗାଚାର୍ଯ୍ୟ କାଳିଚରଣ ମୁନିଜୀ ଙ୍କର ମୁନି ସମାଜ ପ୍ରତି ଅବଦାନ ଉପରେ ଆଲୋକପାତ କରିଥିଲେ । ଆଶ୍ରମର ସମ୍ପାଦକ ଯୋଗୀ ରାମଚନ୍ଦ୍ର ବେହେରା, ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଉପରେ ଆଲୋକପାତ କରିଥିଲେ । ଆଶ୍ରମର କଣ୍ଠଶିଳ୍ପୀ ଯୋଗଶିକ୍ଷୟତ୍ରୀ ମଞ୍ଜୁଲତା ବେହେରା ଯୋଗ ଉପରେ ଆଧାରିତ ଏକ ସଙ୍ଗୀତ ଗାନ କରିଥିଲେ ।ଶେଷରେ ଆଶ୍ରମର ଯୋଗଶିକ୍ଷୟତ୍ରୀ ଆତ୍ମଜ୍ଞାନୀ କଳ୍ପନା ମିସ୍ତ୍ରୀ ମହୋଦୟା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ମୁନିରାଜ୍ଞୀ ବିମଳା ଲେଙ୍କା ସମସ୍ତଙ୍କୁ ଏକାତ୍ମ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।ଉପସ୍ଥିତ ଥିଲେ, ଆଶ୍ରମର ଉପାଧ୍ୟକ୍ଷା ମୁନିରାଜ୍ଞୀ କନକଲତା ମହାପାତ୍ର, ବାସନ୍ତୀ ମହାଳିକ, ଶକୁନ୍ତଳା ପରିଡ଼ା , ମୁନି ଚିତ୍ତରଞ୍ଜନ ବର , ଯମୁନା ପାତ୍ର, ପୂର୍ଣ୍ଣମା ବର, ସୁମତୀ ଦଳାଇ, ମୁନିକୁମାରୀ ମିନତୀ ଦଳାଇ, ମୁନିକୁମାର ତ୍ରୀଶାନ୍ ଇତ୍ୟାଦି ବହୁ ସଦସ୍ୟ-ସଦସ୍ୟା ବୃନ୍ଦ ।

## ସାନଖୁଡୀ ଶିବମୁନି ଯୋଗାଶ୍ରମର ଆନୁକୁଲ୍ୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ

ସାନଖୁଡୀ , ୨୫/୦୬ (ନି.ପ୍ର): ସାନଖୁଡୀ ଶିବମୁନି ଯୋଗାଶ୍ରମର ସଦସ୍ୟ ସଦସ୍ୟା ମାନେ ସକାଳ ୭ ଟା ସମୟରେ, ସୁସ୍ଥ ସମାଜ ଗଠନରେ ଯୋଗର ଆବଶ୍ୟକତା ନିମନ୍ତେ ପ୍ରଚାର ପାଇଁ ,ଏକ ଶୋଭାଯାତ୍ରାରେ, ଆଶ୍ରମ ଠାରୁ ବାହାରି ପ୍ରଜଏକ୍ଟ ନିକଟରେ ଏକ ସଭାର ଆୟୋଜନ କରିଥିଲେ । ଉକ୍ତ ସଭାରେ ସଭାପତି ଆସନ ଅଳଙ୍କୃତ କରିଥିଲେ, ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନିସମାଜ ଓଡ଼ିଶା ପ୍ରାନ୍ତ ର ସହ ସମ୍ପାଦକ ,ଗୁଡ଼ିଖାଳ ଜୋନ୍ ସଙ୍ଗଠକ ଆତ୍ମଜ୍ଞାନୀ ଯୋଗୀ




ଚିତ୍ତରଞ୍ଜନ ମୁନିଜୀ ମହୋଦୟ । ଉପସ୍ଥିତ ଥିଲେ ଆଶ୍ରମର ବରିଷ୍ଠ ଯୋଗ ସାଧକ ଆତ୍ମଜ୍ଞାନୀ ଯୋଗୀ ନରେନ୍ଦ୍ର ମୁନିଜୀ ମହୋଦୟ , ଯୋଗଶିକ୍ଷୟତ୍ରୀ ସୁବାସିନୀ, ମୁନିରାଜ ଅମୂଲ୍ୟ ମୁନି ,ମୁନିରାଜ ସୃଷ୍ଟିଧର ମୁନି ଇତ୍ୟାଦି । ସମସ୍ତେ ସେମାନଙ୍କ ବକ୍ତବ୍ୟରେ, ଯୋଗ ଦ୍ୱାରା ପରିବେଶର ସନ୍ତୁଳନ ସହିତ, ସୁସ୍ଥ ସୃଙ୍ଖଳିତ ଆଦର୍ଶ ସମାଜ ଗଠନ ହୋଇ ପାରିବ, ସମସ୍ତେ ନିରୋଗ ନିରାମୟ ଆନନ୍ଦମୟ ଯୋଗମୟ ଜୀବନ ଯାପନ କରି ପାରିବେ ବୋଲି ପ୍ରକାଶ କରିଥିଲେ ।

## ଜରୁରୀକାଳୀନ ସ୍ଥିତି ସ୍ମରଣରେ ବିଜେପିର କଳାଦିବସ ପାଳନ




ବାଲେଶ୍ୱର, ୨୫/୦୬ (ନି.ପ୍ର): ୧୯୭୫ ମସିହା ଜୁନ୨୫ ତାରିଖରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ଜାରି ଜରୁରୀକାଳୀନ ପରିସ୍ଥିତି ସ୍ମରଣରେ ଏହି ଦିନକୁ ବିଜେପି ସମଗ୍ର ଦେଶରେ କଳାଦିବସ ପାଳନ କରିଥିବା ବେଳେ ବାଲେଶ୍ୱରରେ ଅନୁରୂପ ପ୍ରିଫଳନ ଦେଖିବାକୁ ମିଳିଛି । ବିଜେପି ଜିଲା କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଯୋଗଦେଇ ୧୯୭୫ ମସିହାର ଜରୁରୀକାଳୀନ ପରିସ୍ଥିତି ଭାରତୀୟ ଗଣତନ୍ତ୍ର ପାଇଁ ଏକ କଳଙ୍କିତ ଅଧ୍ୟାୟ ବୋଲି କହିଥିଲେ । ତତ୍କାଳୀନ କଂଗ୍ରେସ ସରକାର ଗଣତନ୍ତ୍ରର କଣ୍ଠରୋଧ ଓ ଦେଶବାସୀଙ୍କ ସହ ବିଶ୍ୱାସଘାତକତା କରିଥିଲେ ବୋଲି ସେ ଆରୋପ କରିଛନ୍ତି । ନିଜ ରାଜନୈତିକ ଅଭିଳାଷା ଚରିତାର୍ଥ ଉଦ୍ଦେଶ୍ୟରେ ଗଣତନ୍ତ୍ରରେ କଳାଦାଗ ଲଗାଇବାକୁ ଭୂତପୂର୍ବ ପ୍ରଧାନମନ୍ତ୍ରୀ ପଛାଇ ନଥିଲେ ।ଏହାର ପରିଣାମ ସାଧାରଣ ଲୋକଙ୍କୁ ଭୋଗିବାକୁ ପଡ଼ିଥିଲା ବୋଲି ବିଜେପି କର୍ମକର୍ତ୍ତାମାନେ କହିଛନ୍ତି । ଜିଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେପି ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର ଓ ଶୋଭନା ମହାନ୍ତି, ରାଜ୍ୟ ମହିଳା ମୋର୍ଚ୍ଚା ଉପ-ସଭାନେତ୍ରୀ ସୁଷମା ବିଶ୍ୱାଳ, କରୁଣା କର ପଣ୍ଡା, ଗଙ୍ଗାଧର ମିଶ୍ର, ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା, ଜିଲା ସମ୍ପାଦକ ଆଶିଷ ଘୋଷ, ବିଜୟ ସାହୁ, ମମତା ମହାପାତ୍ର, ସିପ୍ରା ମହାପାତ୍ର, କମଳା ବିନ୍ଧାଣୀ, ଜିଲା ଉପ-ସଭାପତି କମଳ ଲୋଚନ ଦାସ, ରେଣୁ ବିଶ୍ୱାଳ, ପ୍ରଶାନ୍ତି ପଣ୍ଡା, ଅରୂପ ଜେନା, ଅନୀଲ ମହାନ୍ତି, ମଦନ ମୋହନ ଦାସ ମହାପାତ୍ର, ବିନ ମାର୍ଣ୍ଡି, କ୍ରିଷ୍ଣା ସାହା, ନାରାୟଣ ମହନ୍ତ, ସୁବୋଧଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ କଳା ଦିବସ ପାଳନର ଯଥାର୍ଥତା ସମ୍ପର୍କରେ ଆଲୋଚନା କରିଥିଲେ । ଭବିଷ୍ୟତରେ ଦେଶବାସୀଙ୍କ ପାଇଁ ସେଭଳି ସ୍ଥିତି ନ ଆସୁ ବୋଲି ସେମାନେ କହିଥିଲେ ।

## ଭାରତ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ସରେ ଆରମ୍ଭ ଏମସିଏ ପାଠ୍ୟ

ବାଲେଶ୍ୱର,୨୫।୬(): ସହର ଉପକଣ୍ଠ ଦହପଡ଼ା ସ୍ଥିତ 'ଭାରତ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ସ'ରେ ଚଳିତ ଶିକ୍ଷାବର୍ଷରୁ ଏମସିଏ ଶିକ୍ଷାଦାନ ହେବାକୁ ଯାଉଥିବା ସମ୍ପର୍କରେ ସୂଚନା ଦେଇଛନ୍ତି କର୍ତ୍ତୃପକ୍ଷ । ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ଚେୟାରମ୍ୟାନ ଡ. ଶ୍ରୀମାନ ଶ୍ରୀଚନ୍ଦନ ଯୋଗଦେଇ 'ଭାରତ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ସ'ର ଏମସିଏ ଶିକ୍ଷାଦାନ ପାଇଁ 'ଅଲ ଇଣ୍ଡିଆ କାଉନସିଲ ଫର ଟେକ୍ନିକାଲ ଏଜୁକେସନ' (ଏଆଇସିଟିଇ) ଅନୁମୋଦନ କରିଥିବା ବେଳେ 'ରାଜ୍ୟ ସ୍କିଲ ଡେଭେଲୋପମେଣ୍ଟ ଏଣ୍ଡ ଟେକ୍ନିକାଲ ଏଜୁକେସନ'(ଏସଡିଟିଇ) ଏବଂ ବିପିୟୁଟି ପକ୍ଷରୁ ଏନଓସି ପ୍ରାପ୍ତ ହୋଇଛି ବୋଲି କହିଥିଲେ । ଏହି ଶିକ୍ଷାନୁଷ୍ଠାନରେ ପୂର୍ବରୁ ମାର୍କେଟିଂ, ଫାଇନାନ୍ସ, ଏଚଆର, ଅପରେସନ ମ୍ୟାନେଜମେଣ୍ଟ, ସିଷ୍ଟମ ମ୍ୟାନେଜମେଣ୍ଟ, ରୁରାଲ ମ୍ୟାନେଜମେଣ୍ଟ, ଏଗ୍ରି ବିଜିନେସ ମ୍ୟାନେଜମେଣ୍ଟ ଓ ଇଣ୍ଟରନ୍ୟାସନାଲ ବିଜିନେସ ମ୍ୟାନେଜମେଣ୍ଟ ପ୍ରଭୃତି ବିଭାଗର 'ଏମବିଏ'ଶିକ୍ଷାଦାନ ଥିଲା । ଏଥିରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ଶିକ୍ଷା ସମାପ୍ତକୁ ଗୋଟିଏ ବର୍ଷ ବାକି ଥିବା ବେଳେ କର୍ତ୍ତୃପକ୍ଷଙ୍କ ପ୍ରତିଶ୍ରୁତି ଅନୁସାରେ ପ୍ରତିଷ୍ଠିତ କମ୍ପାନୀଙ୍କ ଦ୍ୱାରା କ୍ୟାମ୍ପସ ଚୟନ ମାଧ୍ୟମରେ ୪୦ ପ୍ରତିଶତ ଛାତ୍ରଛାତ୍ରୀ ନିଯୁକ୍ତି ପାଇଁ ଚୁକ୍ତିବଦ୍ଧ କରାଯାଇଥିବା ଡ. ଶ୍ରୀଚନ୍ଦନ କହିଛନ୍ତି । କ୍ୟାମ୍ପସ ଚୟନପ୍ରକ୍ରିୟାରେ ମନୋନୀତ ଛାତ୍ରଛାତ୍ରୀମାନେ ଅନୁଷ୍ଠାନରେ ଶିକ୍ଷାଗ୍ରହଣ ସାଙ୍ଗକୁ କମ୍ପାନୀ ଠାରୁ ଏବେ ଅନଲାଇନ ଟ୍ରେନିଂ ନେଉଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ରାଜ୍ୟରେ ପ୍ରବଳ....

ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ସୋନପୁର, ଦେବଗଡ଼, କେନ୍ଦୁଝର, ଅନୁଗୁଳ, ବୌଦ୍ଧ, କନ୍ଧମାଳ, ବଲାଙ୍ଗୀର, ନୂଆପଡ଼ା ଓ କଳାହାଣ୍ଡି ପ୍ରଭୃତି ୧୩ଟି ଜିଲ୍ଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେଥିପାଇଁ ଏହିସବୁ ଜିଲ୍ଲାକୁ ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଏତଦ୍‌ବ୍ୟତୀତ ଏହି ସମୟ ମଧ୍ୟରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଢ଼େଙ୍କାନାଳ, କଟକ, ଖୋର୍ଦ୍ଧା, ନୟାଗଡ଼ ଓ ନବରଙ୍ଗପୁର ପ୍ରଭୃତି ୯ଟି ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଏହି ସମସ୍ତ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯିବା ସହ ବଜ୍ରପାତ ସମୟରେ ଲୋକଙ୍କୁ ପାଣିପାଗ ଉପରେ ନଜର ରଖି ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବାକୁ ପରାମର୍ଶ ଦିଆଯାଇଛି । ଏହି ସମୟ ମଧ୍ୟରେ ଟୁଇନ୍ ସିଟି ଭୁବନେଶ୍ୱର ଓ କଟକ ଏବଂ ଏହାର ଆଖପାଖ ଅଂଚଳରେ ଅପରାହ୍ନ/ସନ୍ଧ୍ୟାରେ ବର୍ଷା/ବଜ୍ରପାତ ହେବାର ସମ୍ଭାବନା ରହିଥିବା କୁହା ଯାଇଛି ।

## ୫-ଟି ସଚିବଙ୍କୁ ନେଇ....

ଏହାସହ କେତେକ ସ୍କୁଲ ବସଗୁଡ଼ିକୁ ମଧ୍ୟ ନିୟୋଜିତ କରାଯାଇଛି । ଏସବୁ କାର୍ଯ୍ୟ ଯଦି ମୁଖ୍ୟମନ୍ତ୍ରୀଙ୍କ ବିନା ସମ୍ମତିରେ ହେଉଛି ତେବେ ଏହା ସଚିବଙ୍କ କଣ୍ଡକ୍ଟ ରୁଲର ସମ୍ପୂର୍ଣ୍ଣ ଉଲ୍ଲଂଘନ । ଏଭଳି କରିବାର ଅଧିକାର ତାଙ୍କୁ ଦେଲା କିଏ କିଏ ବୋଲି ସେ ପ୍ରଶ୍ନ କରିଛନ୍ତି । ସେ ଆହୁରି କହିଛନ୍ତି ଯେ ତାଙ୍କର ଦ୍ୱିତୀୟ ପ୍ରଶ୍ନ ହେଲା, ଯଦି ମୁଖ୍ୟମନ୍ତ୍ରୀଙ୍କ ବିନା ସମ୍ମତିରେ ହେଉଛି । ଏ ସବୁ ଘଟଣା ମୁଖ୍ୟମନ୍ତ୍ରୀ ଦେଖୁଛନ୍ତି ନା ନାହିଁ । ଟିଭି କିମ୍ବା ଖବରକାଗଜ, ସୋସିଆଲ ମିଡ଼ିଆ ଚାରିଆଡ଼େ ପ୍ରଚାର ହେଉଛି । ମୁଖ୍ୟମନ୍ତ୍ରୀ ତ ଦେଖୁଥିବେ । ତାହେଲେ ମୁଖ୍ୟମନ୍ତ୍ରୀ କଣ କିଛି ଜାଣିପାରୁ ନାହାଁନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି । ସେ କହିଛନ୍ତି ଯେ ଯଦି ମୁଖ୍ୟମନ୍ତ୍ରୀଙ୍କ ବିନା ସମ୍ମତିରେ ଏସବୁ କାର୍ଯ୍ୟକ୍ରମ ଚାଲୁଛି, ତେବେ ଏଗୁଡ଼ିକୁ ମୁଖ୍ୟମନ୍ତ୍ରୀ ବନ୍ଦ କାହିଁକି କରୁନାହାନ୍ତି ? ଯଦି ଜଣେ ଅଫିସର ବିନା ଅନୁମତିରେ କାର୍ଯ୍ୟ କରୁଛନ୍ତି, ତେବେ ତାଙ୍କୁ ବନ୍ଦ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କେତେ ସମୟ ଲାଗିବ ? ଏ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ବନ୍ଦ କାହିଁକି କରିନାହାନ୍ତି, ଏ ପ୍ରଶ୍ନର ଉତ୍ତର ମଧ୍ୟ ମୁଖ୍ୟମନ୍ତ୍ରୀ ଦେବା ଉଚିତ୍ । ଯଦି ଗସ୍ତ ସମୟରେ କୌଣସି ଲୋକ ଆସି ସଚିବଙ୍କୁ ଅପ୍ରତ୍ୟାଶିତ ଭାବରେ ଭେଟି କିଛି କହିଲେ, ତେବେ ତାହା ଅଲଗା କଥା । କିନ୍ତୁ ସଚିବଙ୍କ ଏବେର ସବୁ ଗସ୍ତ ତ ସଂପୂର୍ଣ୍ଣ ଭାବେ ପ୍ରାୟୋଜିତ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ କାରଣ ବିଭିନ୍ନ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି ଯେ କିଏ କେତେ ସଂଖ୍ୟକ ଲୋକଙ୍କୁ ଗାଡ଼ିରେ ବୋହିକି ଆଣିବେ । ଏହା ବଡ଼ ବିଚିତ୍ର କଥା । ଏଭଳି କରିବା ସଂପୂର୍ଣ୍ଣ ଭାବେ ନିୟମ ବିରୋଧୀ । ଯେଉଁ ନିୟମ ସବୁ ସଚିବ ଭଙ୍ଗ କରୁଛନ୍ତି, ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବା ଦରକାର ବୋଲି ସେ କହିଛନ୍ତି ।

## ୫ଟି ସଚିବଙ୍କୁ ସାଧା....

ମୁଖ୍ୟ ଶାସନ ସଚିବ)ଏବଂ ଉନୟନ ଅଯୁକ୍ତ ଙ୍କ ପାଇଁ କେଉଁ ସ୍ତରର ସୁରକ୍ଷା ବ୍ୟବସ୍ଥା ରହିଛି ? ଯଦି ଜଣେ ସରକାରୀ କର୍ମଚାରୀ ବିକାଶ ମୂଳକ ପ୍ରକଳ୍ପ ପରିଦର୍ଶନ ପାଇଁ ଯାଉଥିବା ବେଳେ ଅତ୍ୟଧିକ ଭୟ ଏବଂ ଅସୁରକ୍ଷା କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି ।

## ଗଣଶିକ୍ଷା ମନ୍ତ୍ରୀଙ୍କ....

ଚାଉଳ ଶେଷ ହୋଇଯାଇଥିବାରୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ଜିଲ୍ଲାର ଏହି ସ୍କୁଲରେ ଏଭଳି ସ୍ଥିତି ଉପୁଜିଥିବା ଜଣାପଡ଼ିଛି । ତେବେ ବିଇଓଙ୍କ ସୂଚନା ଅନୁଯାୟୀ, ଗତକାଲି ସକାଳ ୮ଟା ସୁଦ୍ଧା ସ୍କୁଲରେ ଚାଉଳ ପହଞ୍ଚି ଯାଇଥିଲା । ତଥାପି ପିଲାଙ୍କୁ ମୁଢ଼ି ଓ ତରକାରୀ ଖାଇବାକୁ ଦିଆଯାଇଥିଲା । ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନାରେ ଭାତ ଓ ତରକାରୀ ଦିଆଯାଇପାରିଲା ନାହିଁ ବୋଲି ଜଣାଯାଇଛି । ବେତନଟୀ ବ୍ଲକ ବିଇଓ ମାଳତୀ ଟୁଡୁ କହିଛନ୍ତି ଯେ ଏହା ଜମା ବି ଠିକ୍ ନୁହେଁ । ସରକାରୀ ବ୍ୟବସ୍ଥାରେ ପ୍ରଧାନ ଶିକ୍ଷକ ଦାୟିତ୍ୱ ନେଇ ବିକଳ୍ପ ବ୍ୟବସ୍ଥା କରିବା ଉଚିତ । ଏହି ଘଟଣା ସାମ୍ନାକୁ ଆସିବା ପରେ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ତଦନ୍ତ ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦିଆଯିବ ।

## ହିଂସା ଦମନ ନେଇ ଗୃହମନ୍ତ୍ରୀ....

ନରେନ୍ଦ୍ର ମୋଦିଙ୍କ ପାଖକୁ ଚିଠି ଲେଖି ଏନ୍ ବୀରେନ୍ ସିଂହଙ୍କ ସରକାର ଉପରେ ଲୋକେ ଅସ୍ଥା ହରାଇଥିବା ଉଲ୍ଲେଖ କରିଥିଲେ । ଏହି ସରକାର ଉପରେ କାହିଁକି ଲୋକେ ବିଶ୍ୱାସ ହରାଇଛନ୍ତି ସେନେଇ ପ୍ରମୁଖ ୫ କାରଣ ମଧ୍ୟ ଚିଠିରେ ଉଲ୍ଲେଖ କରିଥିଲେ । ଅନୁସୂଚିତ ଜନଜାତି ସ୍ୱତନ୍ତ୍ର ଷ୍ଟାଟସ୍ ଦାବି କରି ଦୁଇ ଆଦିବାସୀ ଗୋଷ୍ଠୀ ଭିତରେ ଦେଖାଦେଇଥିବା ବିବାଦ ଏବେ ମଣିପୁରରେ ହିଂସାର ରୂପ ନେଇଛି । ଏହାକୁ ଦମନ କରିବାରେ ସରକାର ନାକେଦମ ହେଲେଣି ।

## ଏମିତି କେଉଁ...

ଆଉ କିଛି ଦିନ ମନ୍ତ୍ରୀ ପଦରେ ରହିଥିଲେ ସେହି ୩ଟି ସ୍ଥାନରେ କଲେଜ କରିଦେଇଥାଆନ୍ତି । ସେଇଟା ମୋର ବଡ଼ ଦୁଃଖ । ଆଗକୁ ବିଧାୟକ ଭାବେ ସେଥିପ୍ରତି ଉଦ୍ୟମ କରିବି ବୋଲି ପୂଜାରୀ କହିଛନ୍ତି । ରୋହିତ ପୂଜାରୀ ଆହୁରି କହିଛନ୍ତି, ଆଜି କିଛି ରାଜନୈତିକ ଦଳ ଭୁଆଁ ବୁଲାଇ ୟୁଏସ୍, କଶ୍ମୀର ଓ ପାକିସ୍ତାନ କଥା କହୁଛନ୍ତି । ହେଲେ ସେମାନେ ରେଢାଖୋଲ ପାଇଁ କ'ଣ କରିଛନ୍ତି ? ପିଲାଙ୍କ ପାଇଁ କ'ଣ କରିଛନ୍ତି ? ସେ ବିଷୟରେ କିଛି କହୁନାହାନ୍ତି । ମୁଁ ଚାହିଥିଲି ଏଠାରେ ଗୋଟିଏ ଏମ୍‌ଏସ୍‌ଏମଇ ପାର୍କ ହେଉ । ହେଲେ କିଛି ଲୋକ ବିରୋଧ କରିଥିଲେ । ସ୍ଥାନୀୟ ଲୋକ ଚାହୁଁନଥିବାରୁ ତାହା ହେଲା ନାହିଁ । ମୋର ବଳ ହେଉଛନ୍ତି ଆପଣମାନେ(ରେଢାଖୋଲବାସୀ) । ମୋତେ ଆପଣମାନେ ଯେତେବଳ ଦେବେ, ସେତେ ସ୍ପିଡ୍‌ରେ ମୁଁ ଦୌଡିବି । ଆପଣ(ରେଢାଖୋଲବାସୀ) ସହଯୋଗ ନରହିଲେ ମୁଁ ହୀରୋରୁ ଜିରୋ ହେବାକୁ ବେଶୀ ସମୟ ଲାଗିବନାହିଁ । ମୁଁ ଆପଣମାନଙ୍କ ସହିତ ରହିଛି ବୋଲି ଶ୍ରୀ ପୂଜାରୀ କହିଛନ୍ତି ।

## ଦୁଇ ଟ୍ରେନ ମଧ୍ୟରେ....

ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ପ୍ଲାଟଫର୍ମ ଓ ସିଗ୍ନାଲ ରୁମ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । ସାମ୍ନାକୁ ଆସିଥିବା ଫଟୋ ଓ ଭିଡିଓରେ ଦେଖିବାକୁ ମିଳିଛି ଯେ ଦୁର୍ଘଟଣା ପରେ ଗୋଟିଏ ମାଲବାହୀ ଟ୍ରେନ ଅନ୍ୟଟି ଉପରେ ଚଢ଼ି ଯାଇଛି । ସେହିପରି ୧୨ଟି ବଗି ଲାଇନଚ୍ୟୁତ ହୋଇ ତଳେ ପଡ଼ି ରହିଛି । ସ୍ଥାନୀୟ ଲୋକ ଓ ରେଳ ବିଭାଗ ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି । ରେଳବାଇ ପକ୍ଷରୁ କୁହାଯାଇଛି ଯେ ଦୁର୍ଘଟଣାଗ୍ରସ୍ତ ଦୁଇଟି ଯାକ ମାଲବାହୀ ଟ୍ରେନ ଖାଲି ରହିଥିଲା । କ'ଣ ପାଇଁ ଦୁଇ ଟ୍ରେନ ମଧ୍ୟରେ ଧକ୍କା ହେଲା, ତା'ର କାରଣ ଜଣାପଡ଼ିନି । ଘଟଣା ପରେ ଅଦ୍ରା ଡିଭିଜନରେ ଟ୍ରେନ ସେବା ପ୍ରଭାବିତ ହୋଇଛି । ଅଦ୍ରା ଡିଭିଜନ ଅଧୀନରେ ପଶ୍ଚିମବଙ୍ଗର ପଶ୍ଚିମ ମେଦିନାପୁର, ବଙ୍କୁରା, ପୁରୁଲିଆ ଓ ବୃନ୍ଦାବନ ରହିଥିବା ବେଳେ ଝାରଖଣ୍ଡର ଧନବାନ, ବୋକାରୋ ଓ ସିଂହଭୂମୀ ରହିଛି । ଏହି ସବୁ ଜିଲ୍ଲାରେ ଟ୍ରେନ ସେବା ପ୍ରଭାବିତ ହୋଇଛି । ରେଳ ଅଧିକାରୀମାନେ ସ୍ଥିତିକୁ ସ୍ୱାଭାବିକ କରିବାକୁ ଚେଷ୍ଟା କରୁଛନ୍ତି । ଖୁବଶୀଘ୍ର ଯାତାୟାତ ସ୍ୱାଭାବିକ ହେବ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି । ସୂଚନାଯୋଗ୍ୟ, ଓଡ଼ିଶାର ବାଲେଶ୍ୱର ଅନ୍ତର୍ଗତ ବାହାନଗାରେ ଜୁନ ୨ରେ ଭୟଙ୍କର ଟ୍ରେନ ଦୁର୍ଘଟଣା ଘଟିଥିଲା । ଏଥିରେ ୨୯୧ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୦୦୦ରୁ ଅଧିକ ଯାତ୍ରୀ ଆହତ ହୋଇଥିଲେ ।

## ସଚିବଙ୍କ ଗସ୍ତବେଳେ ଛାତ୍ରଛାତ୍ରୀ ସମ୍ମିଳନୀ ଆୟୋଜନ କାହା ନିର୍ଦ୍ଦେଶରେ: ଛାତ୍ର କଂଗ୍ରେସ

ବାଲେଶ୍ୱର, ୨୫/୦୬ (ନି.ପ୍ର): ୫-ଟି ସଚିବଙ୍କ ଜିଲାଗସ୍ତ କାଳରେ କଲେଜ ଛାତ୍ରଛାତ୍ରୀଙ୍କୁ ନେଇ ସମ୍ମିଳନୀ ଆୟୋଜନକୁ ନେଇ ଶିକ୍ଷା ବିଭାଗ ନିକଟରୁ ସ୍ପଷ୍ଟୀକରଣ ମାଗିଛି ଜିଲା ଛାତ୍ର କଂଗ୍ରେସ । ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଛାତ୍ର କଂଗ୍ରେସର କର୍ମକର୍ତ୍ତାମାନେ ୫-ଟି ସଚିବଙ୍କ ପାଇଁ ଚିନ୍ତିତ ଜିଲା ପ୍ରଶାସନ ଛାତ୍ରନେତାଙ୍କୁ ୨୪ ଘଣ୍ଟିଆ ନଜରବନ୍ଦୀରେ ରଖିବାକୁ ଦୃଢ ନିନ୍ଦା କରିଥିଲେ । ଅନ୍ୟପକ୍ଷରେ କେଉଁ ନିୟମ ବଳରେ କଲେଜ ପିଲାଙ୍କୁ ନେଇ ସମ୍ମଳନୀ ଆୟୋଜନ ହେଲା, ଯୋଗ ଦେଇଥିବା ଛାତ୍ରଛାତ୍ରୀଙ୍କୁ କିଏ ବସ ଓ ଅନ୍ୟାନ୍ୟ ଗାଡ଼ି ବ୍ୟବସ୍ଥା କରିଥିଲା, ସେମାନଙ୍କୁ କିଏ ଟି-ସାର୍ଟ ଟୋପି ଆଦି ଦେଇଥିଲା, ସେମାନଙ୍କ ଯା'ଆସ ଓ ଖିଆପିଆ ପ୍ରଭୃତି ପାଇଁ ଖର୍ଚ୍ଚ ଭାର କେଉଁ ବିଭାଗ ବହନ କରିଛି ବୋଲି ଛାତ୍ର କଂଗ୍ରେସ ନେତାମାନେ ପ୍ରଶ୍ନ କରିଛନ୍ତି । ତେବେ ସେହି ସମ୍ମିଳନୀରେ ପିଲାଙ୍କ ସମସ୍ୟା ଶୁଣିବାକୁ ଆଗ୍ରହ ପ୍ରକାଶ ପରିବର୍ତ୍ତେ ସଚିବ କେବଳ ନବୀନ ବାବୁଙ୍କ ଗାଥା ଶୁଣାଇଥିଲେ । ଏପରିକି ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାରେ ସୃଷ୍ଟି ବିଭିନ୍ନ ସମସ୍ୟା ବାବଦରେ ଜଣାଇବା କୌଣସି ଛାତ୍ରଛାତ୍ରୀଙ୍କୁ ଏହି ସମ୍ମିଳନୀରେ ସୁଯୋଗ ଦିଆ ନଯିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ଛାତ୍ର କଂଗ୍ରେସ କର୍ମକର୍ତ୍ତାମାନେ ଆରୋପ କରିଛନ୍ତି । ଜିଲ୍ଲାର ଛାତ୍ରଛାତ୍ରୀଙ୍କ ସମସ୍ୟା ସମାଧାନ, ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଏକକ ବିଶ୍ୱ ବିଦ୍ୟାଳୟର ମାନ୍ୟତା ସହିତ ସୋର ୟୁଏନ କଲେଜ ଓ ଜଳେଶ୍ୱର ଡିକେ କଲେଜକୁ ସ୍ୱୟଂଶାସିତ ମହାବିଦ୍ୟାଳୟର ମାନ୍ୟତା ପ୍ରଦାନ ପାଇଁ ଛାତ୍ରକଂଗ୍ରେସ ନେତାମାନେ ଏହି ସାମ୍ବାଦିକ ସମ୍ମିଳନୀରେ ଦାବି ଉପପସ୍ଥାପନ କରିଛନ୍ତି । ଜିଲାର ବିଭିନ୍ନ ବ୍ଲକରେ ଶହଶହ ଶିକ୍ଷକ ପଦ ଖାଲି ପଡିଥିବା ବେଳେ କଲେଜଗୁଡ଼ିକରେ ଅତିଥି ଅଧ୍ୟାପକ ଭରସା ହୋଇଛନ୍ତି ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଏକୋଏନ୍ ଓଡ଼ିଶା ଆସୋସିଏସନର ଷଷ୍ଠତମ ବାର୍ଷିକ ଉତ୍ସବ ଅନୁଷ୍ଠିତ



ଖୋର୍ଦ୍ଧା, ୨୫/୦୬ (ନି.ପ୍ର): ଏକୋଏନ୍ ଓଡିଶା ଆସୋସିଏସନର ଷଷ୍ଠତମ ବାର୍ଷିକ ଉତ୍ସବ ଖୋର୍ଦ୍ଧା ଟାଉନ ହଲ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡିଶା ଏବଂ ଓଡିଶା ବାହାରୁ ୧୫୦ ଜଣ ଚକ୍ଷୁ ଡାକ୍ତର ପିଜି ଛାତ୍ର ଏବଂ ଚକ୍ଷୁ ସହାୟକ ଯୋଗ ଦେଇଥିଲେ। ଚକ୍ଷୁର ଯତ୍ନ ଓ ଚକ୍ଷୁର ସମସ୍ୟା ପାଇଁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା ଏହା ଉପରେ କିଭଳି ସବୁ ଗ୍ରାମାଞ୍ଚଳ ଲୋକମାନଙ୍କର ଚକ୍ଷୁ ସମସ୍ୟାର କି ଭଳି ଯତ୍ନବାନ୍ କରାଯିବ ଏହା ଉପରେ ଆଲୋଚନା ଚକ୍ର କରାଯାଇଥିଲା ଏହି ସମ୍ମିଳନୀରେ ଡ଼ଃ ବି ଏନ୍ ଆର ସୁବୁଦ୍ଧି, ଡ଼ଃ ପ୍ରଶାନ୍ତ ନନ୍ଦ, ଡ଼ଃ ସରୋଜ ତ୍ରିପାଠୀ, ଡ଼ଃ ସବ୍ୟସାଚି ପଟ୍ଟନାୟକ, ତତ୍ତ୍ୱ ବଧାନରେନରେ ଆୟୋଜନ କରାଯାଇଥିଲା ଏଥିରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ଜୋତୀନ୍ଦ୍ର ନାଥ ମିତ୍ର ଏବଂ ଅତିରିକ୍ତ ଅତିଥି ଭାବେ ଖୋର୍ଦ୍ଧା ସି ଡି ଏମ୍ ଓ ଆର୍ତ୍ତବନ୍ଧୁ ନାୟକ ଯୋଗ ଦେଇ ଅଭିଭାଷଣରେ କହିଥିଲେ ଆଖିର ସମସ୍ୟା କିଭଳି ସୁଚାର ରୂପେ ଚକ୍ଷୁ ଯତ୍ନ ନିଆଯାଇ ପାରିବ ସମସ୍ତ ଡାକ୍ତର ଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଉପଦେଷ୍ଟା ଭାବେ କଲିକତାର ଡ଼ଃ ସପନ ସାମନ୍ତ ଯୋଗଦେଇଥିଲେ।ଏହି କାର୍ଯ୍ୟ କ୍ରର୍ମ କୁ ଖୋର୍ଦ୍ଧା ମୁଖ୍ୟ ଚକ୍ଷୁ ଡାକ୍ତର ଡ଼ଃ ଅଜୟ କୁମାର ସିଂ ସୁଚାର ରୂପେ ତୁଲାଇଥିଲେ। ଖୋର୍ଦ୍ଧା ଚକ୍ଷୁ ବିଭାଗ ର ସମସ୍ତ ସଦସ୍ୟ ଓ ସଦସ୍ୟା କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ।

# ଓଡିଶା ମେଡିକାଲ କର୍ମଚାରୀ ସଂଘ ମୟୂରଭଞ୍ଜ ଜିଲ୍ଲା ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା



ମୟୂରଭଂଜ, ୨୫/୦୬ (ନି.ପ୍ର): ରବିବାର ଦିବା ୧୧ ଘଟିକା ସମୟରେ ଓଡିଶା ମେଡିକାଲ କର୍ମଚାରୀ ସଂଘ ମୟୂରଭ ଜିଲ୍ଲା ଶାଖା, ବାରିପଦା ସଂଘ ଗୃହଠାରେ ଦୁଇଜଣ କର୍ମଚାରୀ ଚାକିରୀରୁ ଅବସର ଯୁଗ୍ମ ସମ୍ପାଦକ ଶ୍ରୀ ଦିଲ୍ଲୀପ କୁମାର ମିଶ୍ର ଏବଂ ପରମେଶ୍ୱର ମୁଖିଙ୍କୁ ସଂଘ ତରଫରୁ ଅବସର କାଳିନ ପୁଷ୍ପଗୁଚ୍ଛ ଏବଂ ଉତରୀ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ଉକ୍ତ ବୈଠକରେ ରାଜ୍ୟ ଉପ-ସଭାପତି ଶ୍ରୀଯୁକ୍ତ ଶ୍ୟାମସୁନ୍ଦର ଦେଓ, ଜିଲ୍ଲା ସମ୍ପାଦକ- ଶ୍ରୀ ସୁଶିଲ କୁମାର ସାହୁ, କୋଷାଧକ୍ଷ ସୁବୋଧ କୁମାର ଜେନା, ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏଣ୍ଡ ହସ୍ପିଟାର ସମ୍ପାଦକ ଶ୍ରୀ ମହେନ୍ଦ୍ର ପଲେଇ ତଥା ସଦର ଡାକ୍ତର ଖାନାର ସମସ୍ତ ସଭ୍ୟ, ସଭ୍ୟା କର୍ମକର୍ତା ମାନଙ୍କର ଉପସ୍ଥିତରେ ଦିଲ୍ଲୀପ କୁମାର ମିଶ୍ରଙ୍କୁ ଦୁଇ ବର୍ଷପାଇଁ ସର୍ବ ସମ୍ମତି କ୍ରମେ ସହ-ସମ୍ପାଦକ ନିଯୁକ୍ତି ପାଇଁ ସମସ୍ତ ସଭ୍ୟ ସଭ୍ୟା ପ୍ରସ୍ତାବ ଗ୍ରହଣ କରିଥିଲେ। ଏଥିରେ ବିଶ୍ୱଶଙ୍କର କଲିଆ, ଫୁଲକୁଲି ମୁଖି, ପ୍ରଭାସ କୁମାର ଦେ, ପ୍ରଭାସ ମହାଭୋଇ, ଅଜନ୍ତା ସାଠିଆ, ସୁଦର୍ଶନ ମିଶ୍ର, ଦେବାଶିଷ ବେହେରା, ପ୍ରଜ୍ଞାରାଣୀ ସାମନ୍ତରାୟ, ଲକ୍ଷ୍ମୀ ମହାନ୍ତ, ଦେବକୀ ଦାଶ, ଅକତର ଖାନ, ଶ୍ରୀମତି ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ: ଯୁବକ ଗିରଫ

ବଲାଙ୍ଗିର, ୨୫/୦୬ (ନି.ପ୍ର): ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ଗତକାଲି ପୁଇଁନ୍ତଲା ପୋଲିସ ହାତରେ ଜଣେ ଯୁବକ ବନ୍ଧା ହୋଇଥିବା ନେଇ ଖବର ମିଳିଛି । ସୂଚନା ଅନୁସାରେ, ପୁଇଁନ୍ତଲା ଥାନା କୁରେଭନା ଗ୍ରାମର ରାଜା ଭେଶ୍ରା (୨୩) ସେହି ଗାଁର ୧୪ ବର୍ଷିୟା ରୀତା(ଛଦ୍ମନାମ)ଙ୍କୁ ନିଜ ପ୍ରେମ ଜାଲରେ ଫସାଇ ଶାରୀରିକ ସଂପର୍କ ରଖିଥିବା ବେଳେ ଗତ କିଛି ଦିନ ତଳେ ନାବାଳିକା ରୀତାକୁ ତାର ବିନା ସହମତିରେ ଦୁଷ୍କର୍ମ କରିଥିଲା ।

# ଶିମିଳିପାଳ ସୁରକ୍ଷା ଦାବିରେ ପୁଣିଥରେ ମୟୂରଭଂଜ ବନ୍ଦ ଡ଼ାକରା ଦେଲା ଭଞ୍ଜସେନା



ଉଦଳା, ୨୫/୦୬ (ନି.ପ୍ର): ଆସନ୍ତା ଜୁଲାଇ ୬ ତାରିଖ ଦିନ ପୁଣି ଥରେ ମୟୂରଭ ବନ୍ଦର ଡ଼ାକରା ଦେଇଛି ଭ ସେନା । ଭସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ନେତୃତ୍ୱରେ ଉକ୍ତ ବନ୍ଦ ପାଳନକୁ ଶାନ୍ତିଶୃଙ୍ଖଳାର ସହିତ କରିବା ପାଇଁ ସବୁ ପ୍ରକାର ପ୍ରସ୍ତୁତି ପର୍ବ ଆଗେଇଚାଲିଛି। ଘଟଣାରୁ ଜଣାଯାଏ ଶିମିଳିପାଳ ବର୍ତମାନ ଆଦୌ ସୁରକ୍ଷିତ ନୁହେଁ । ଶିକାରୀ ମାନେ ରକ୍ତମୁଖା ହୋଇ ଉଠିବା ସହିତ ସୁରକ୍ଷା ଦାୟିତ୍ୱରେ ଥିବା ବନ କର୍ମଚାରୀ ମାନଙ୍କୁ ହତ୍ୟା କରିବାକୁ ପଛାଉ ନାହାଁନ୍ତି । ତେଣୁ ଶିମିଳିପାଳ ସୁରକ୍ଷାକୁ ଅଧିକ କଡ଼ାକଡ଼ି କରାଯିବା ସହିତ ଶିକାରୀ ମାନଙ୍କୁ ଠିକଣା ଜବାବ ଦେବା ପାଇଁ ଭସେନା ଦାବୀ କରିଛି । ତେବେ କପ୍ତିପଦା ଉପଖଣ୍ଡରେ ଏହି ବନ୍ଦ ପାଳନକୁ ସୂଚାରୁ ରୂପେ ତୁଲାଇବା ପାଇଁ ଉପଖଣ୍ଡ ସଭାପତି ରବିନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆଜି ଜୁନ ୨୫ ତାରିଖ ରବିବାର ଦିନ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ଜିତେନ୍ଦ୍ର ହେମ୍ବ୍ରମ, ଆଦିବାସୀ ଶାଖା ସଭାପତି ସମ୍ପୂର୍ଣ୍ଣ ହେମ୍ବ୍ରମ, ସଂପାଦକ ସଂଜୟ ହାଁସଦା ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ।

# ଗୁଣ୍ଡିଚା ମନ୍ଦିରରେ ଶ୍ରୀବିଗ୍ରହଙ୍କ ବରାହ ନୃସିଂହ ଅବତାର

ନୀଳଗିରି , ୨୫/୦୬ (ନି.ପ୍ର): ଦ୍ୱିତୀୟ ଶ୍ରୀକ୍ଷେତ୍ର ନୀଳଗିରି ସ୍ଥିତ ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ଶ୍ରୀଜୀଉ ମାନଙ୍କର ବରାହ ନୃସିଂହ ଅବତାର ଦେଖିବାକୁ ମିଳିଛି। ପ୍ରତିଦିନ ନୁଆ ନୁଆ ଅବତାରରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ମହାପ୍ରଭୁ। ମାଉସୀମା ମନ୍ଦିର ରେ ସେବାୟତ ମାନେ ମହାପ୍ରଭୁ ମାନଙ୍କର ପ୍ରତିଦିନ ନୁଆ ନୁଆ ବେଶ କରୁଥିବା ବେଳେ ରବିବାର ସନ୍ଧ୍ୟାରେ ବଡ଼ଠାକୁର ବଳଭଦ୍ରଙ୍କୁ ବରାହ ଅବତାରରେ ଏବଂ ଜଗନ୍ନାଥ ମହାପ୍ରଭୁଙ୍କୁ ନୃସିଂହ ଅବତାରରେ ଦେଖିବାକୁ ମିଳିଥିଲା। ସନ୍ଧ୍ୟା ପ୍ରାୟ ୭.୩୦ ସମୟରେ ସର୍ବସାଧାରଣଙ୍କ ଦର୍ଶନ ପାଇଁ ଦ୍ୱାରା ଖୋଲା ହେବାପରେ ବହୁସଂଖ୍ୟାରେ ଶ୍ରଦ୍ଧାଳୁ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ। ଆଜି ରାମ ପର୍ଶୁରାମ ଅବତାରରେ ଦର୍ଶନ ଦେବେ ମହାପ୍ରଭୁ।

## ଝିପି ଝିପି ବର୍ଷା ସତ୍ୱେ ଭକ୍ତଙ୍କ ଆଡ଼ପ ଦର୍ଶନ: ୨୭ରେ ସଂନ୍ଧ୍ୟା ଦର୍ଶନ

ପୁରୀ, ୨୫/୦୬ (ନି.ପ୍ର): ଭକ୍ତର ଡ଼ୋରିରେ ବନ୍ଧା ଭାବଗ୍ରାହୀ । କାଳିଆ ଯେଉଁଠି ଗହଳି ସେଇଠି । ଶ୍ରୀମନ୍ଦିର ଏବେ ଖାଁ ଖାଁ। ହସୁଛି ଶ୍ରୀଗୁଣ୍ଡିଚା ମନ୍ଦିର । ଶରଧାବାଲି ଏବେ ଲୋକାରାଣ୍ୟ । ଆଜି ସକାଳୁ ଲଘୁଚାପଜନିତ ଝିପି ଝିପି ବର୍ଷା ଲାଗି ରହିଛି। ପ୍ରଭୁ ଇନ୍ଦ୍ର ଦେବ ପୁଷ୍ପ ବୃଷ୍ଟି କରି ଜଳ ସିଂଚନ କରୁଛନ୍ତି । ବ୍ରହ୍ମାଣ୍ଡ ଠାକୁର ଜନ୍ମବେଦିରେ ବିରାଜମାନ କରିଛନ୍ତି। ରଥଯାତ୍ରା ଦେଖିବା ପାଇଁ ସ୍ୱର୍ଗପୁରରେ ତେତିଶି କୋଟି ଦେବତା ଚାହିଁ ରହିଛନ୍ତି। ଏଣେ ଭକ୍ତ ମାନେ ବଡ଼ଶଙ୍ଖ ଠାରୁ ଲମ୍ବା ଧାଡ଼ିରେ ଯାଇ ପ୍ରଭୁଙ୍କ ଆଡ଼ପ ଦର୍ଶନ କରୁଛନ୍ତି। ବେଢ଼ା ପରିକ୍ରମା ଓ ଶ୍ରୀଗୁଣ୍ଡିଚା ମନ୍ଦିର ଆନନ୍ଦବଜାରରେ ଆଡ଼ପ ଅଭଡ଼ା ସେବନ କରି ନାକଚଣା ଦ୍ୱାର ଦେଇ ପ୍ରସ୍ଥାନ କରୁଛନ୍ତି । ଏହି ମହାପ୍ରସାଦ ମଧ୍ୟରେ ରହିଛି ଘିଅନ୍ନ, ସାଧାଅନ୍ନ, କାନିକା, ଖେଚେଡ଼ି, ମିଠାଅନ୍ନ, ଡାଲି, ମିଠାଡାଲି, ଡାଲମା, ବେସର, ମହୁର, ଖଟା, ଶାଗ ଆଦି ବ୍ୟଞ୍ଜନ । ୨୭ ତାରିଖ ରାତ୍ରି ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ମାନେ ଯଜ୍ଞବେଦିରେ ଚତୁର୍ଦ୍ଧାମୂର୍ତିଙ୍କୁ ଦର୍ଶନ କରିବା ସହ ଆଡ଼ପ ଅଭଡ଼ା ପାଇପାରିବେ । ଏହି ଦିନ ସଂଧ୍ୟା ଦର୍ଶନ ଅନୁଷ୍ଠିତ ହେବ। ଏହାପରେ ୨୮ ତାରିଖ ବାହୁଡ଼ା ଯାତ୍ରା, ୨୯ରେ ସୁନାବେଶ ଅନୁଷ୍ଠିତ ହେବ । ୩୦ ତାରିଖରେ ରଥ ଉପରେ ଅଧରପଣା ନୀତି ସମ୍ପନ୍ନ ହେବ । ଜୁଲାଇ ୧ ତାରିଖରେ ନୀଳାଦ୍ରିବିଜେ ଅନୁଷ୍ଠିତ ହେବ ।

# ସୁଧାରଞ୍ଜନଙ୍କୁ ରେଜ୍ ଫାଉଣ୍ଡେସନ ପକ୍ଷରୁ ଶ୍ରେଷ୍ଠ ସମାଜସେବା ସମ୍ମାନ




ନୀଳଗିରି , ୨୫/୦୬ (ନି.ପ୍ର): ନୀଳଗିରି ଯୁବକ ସୁଧାରଞ୍ଜନ ମହାପାତ୍ରଙ୍କୁ କଟକ ସ୍ଥିତ ରେଜ ଫାଉଣ୍ଡେସନ ପକ୍ଷରୁ ସମାଜ ସେବା ପାଇଁ ଶ୍ରେଷ୍ଠ ସମାଜ ସେବା ସମ୍ମାନରେ ସମ୍ମାନୀତ କରାଯାଇଛି। ଗତ ଜୁନ ୨ତାରିଖ ବାଲେଶ୍ୱର ବାହାନଗା ଠାରେ ଭୟାବହ ରେଳ ଦୁର୍ଘଟଣାରେ ପ୍ରାୟ ୩ଶହ ଯାତ୍ରୀଙ୍କର ଜୀବନ ଯାଇଥିବା ବେଳେ ପାଖାପାଖି ହଜାରେରୁ ଉର୍ଦ୍ଧ ଯାତ୍ରୀଆହତ ହୋଇଥିଲେ। ଏବେବି ବହୁ ଆହତ ଯାତ୍ରୀ ବିଭିନ୍ନ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଏଭଳି ଦୁଃସମୟରେ ନୀଳଗିରି ଅଞ୍ଚଳର ଜଣେ ଯୁବକ ଦିନ ରାତି ଏକ କରି ମୃତାହତଙ୍କୁ ଉଦ୍ଧାର କରିବାର ଦୃଶ୍ୟ ଭାରତର ପ୍ରଧାନମନ୍ତ୍ରୀଙ୍କ ନଜରକୁ ଆସିଥିଲେ। ଯାହାଙ୍କୁ ମୋଦି ବେଶ୍ ପ୍ରଶଂସା କରିଥିଲେ। ତେବେ ସେହି ଯୁବକ ହେଲେ ସୁଧାରଞ୍ଜନ୍ ମହାପାତ୍ର। ତାଙ୍କର ନିଷ୍ଠାପର ସେବାକୁ ସମ୍ମାନ ଜଣାଇ କଟକ ସ୍ଥିତ ରେଜ ଫାଉଣ୍ଡେସନ ପରିବାର ପକ୍ଷରୁ ଗତ ୨୪ତାରିଖରେ ଦ୍ୱିତୀୟ ସମାବର୍ତ୍ତନ ଉତ୍ସବରେ ୨୦୨୩ ମସିହା ପାଇଁ ସମାଜ ସେବା ପାଇଁ ସୁଧାରଞ୍ଜନ ଙ୍କୁ ଶ୍ରେଷ୍ଠ ସମାଜ ସେବା ସମ୍ମାନରେ ସମ୍ମାନୀତ କରିଛି। ଏହି ଉତ୍ସବରେ ଫାଉଣ୍ଡେସନର ମୁଖ୍ୟ ରଶ୍ମି ସାହୁ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ କଟକ ମେୟର ସୁବାସ ଚନ୍ଦ୍ର ସିଂହ, ଚୌଦ୍ୱାର ବିଧାୟକ ସୌଭିକ ରଞ୍ଜନ ବିଶ୍ୱାଳ, ପୋଲିସ୍ ଡେପୁଟି କମିଶନର ପିନାକ ମିଶ୍ର, କର୍ପୋରେଟର ଇଂ ଚୌଧୁରୀ ସୁବ୍ରତ ଘଡ଼େଇ ପ୍ରମୁଖ ଉପସ୍ଥିତ ରହି ଉତ୍ତରୀୟ, ମାନପତ୍ର ସହ ସମ୍ମାନୀତ କରି ସୁଧାରଞ୍ଜନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ଏନେଇ ନୀଳଗିରି ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

# ଯୁବକଙ୍କ ଆତ୍ମହତ୍ୟା: ମୃତ୍ୟୁକୁ ନେଇ ସନ୍ଦେହ

ନୀଳଗିରି , ୨୫/୦୬ (ନି.ପ୍ର): ନୀଳଗିରି ବ୍ଲକ୍ ତେଲିପାଳ ଅଞ୍ଚଳର ଜୈନିକ ଯୁବକ ବେକରେ ଗାମୁଛା ଟଙ୍ଗେଇ ମୃତ୍ୟୁବରଣ କରିଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାଇ ତେଲିପାଳ ପଞ୍ଚାୟତ ଚଟାଣସାହି ଗ୍ରାମର ବୁଦ୍ଧିଆ କପଣ୍ଡିଆ ଙ୍କ ପୁଅ ମୁନକ୍ଷ କପଣ୍ଡିଆ (୪୦) ଭାଲୁକୁପୋଷି ସୁନେଇ କେନାଲ ହୁଡ଼ା ତଳେ ଥିବା ଏକ ବେଗୁନିଆ ଗଛରେ ଗମୁଛା ସାହାଯ୍ୟରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା କିଛିଲୋକ ଦେଖି ବରହମପୁର ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଂଚି ଶବକୁ ନିଜ ହେପାଜତକୁ ନେଇ ପ୍ରାଥମିକ ତଦନ୍ତ କରିବା ସହିତ ସାଇଣ୍ଟିଫିକ ଟିମକୁ ଖବର ଦେଇଛି। ତେବେ ମୃତ୍ୟୁବରଣ କରିଥିବା ମୁନକ୍ଷର ଗୋଡ଼ ସମ୍ପୂର୍ଣ୍ଣ ତଳେ ଲାଗିଥିବା ବେଳେ ତାହାର ହାତ ନିକଟରେ ଥିବା ଏକ ଗଛକୁ ଧରିଥିବା ଦେଖିବାକୁ ମିଳିଛି। ତେବେ ସେ ଆତ୍ମହତ୍ୟା କରିଛି ନା ତାକୁ କେହି ମାରି ଆତ୍ମହତ୍ୟାର ରୂପ ଦେଇଛି ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡ଼ିବ। ତେବେ କିଛିଦିନ ପୂର୍ବରୁ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଝଗଡ଼ା ହୋଇ ସ୍ତ୍ରୀ ବାପଘରକୁ ପଳାଇ ଯାଇଥିଲା। ସ୍ୱାମୀର ମୃତ୍ୟୁ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚିବା ପରେ ବରହମପୁର ପୋଲିସ ଙ୍କୟ ମବହର ପଭକ୍ଷ୍ମ ୩/ ୨୩ ରୁଜୁ କରି ତାଙ୍କ ସ୍ତ୍ରୀକୁ ଶବ ହସ୍ତାନ୍ତର କରିବା ସହିତ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିବା ସୂଚନା ମିଳିଛି।

# ବଣିଆଡିହା ପଞ୍ଚାୟତର ପୂର୍ବତନ ବିଜେଡି ସଭାପତିଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ଶ୍ରଦ୍ଧାଞ୍ଜଳି ସଭା



ଲଙ୍ଗଳେଶ୍ୱର, ୨୫/୦୬ (ନି.ପ୍ର): ବାଲିଆପାଳ ବ୍ଲକ୍ ବଣିଆଡ଼ିହା ପଞ୍ଚାୟତ ଭଅଁରେଶ୍ୱର ଗ୍ରାମର ତଥା ଅଞ୍ଚଳର ଖୁବ୍ ଅମାୟିକ, ଦରଦୀ ମଣିଷ, ବଣିଆଡିହା ପଞ୍ଚାୟତର ପୂର୍ବତନ ବିଜେଡି ସଭାପତି ତଥା ଦୃଢ଼ ସଂଗଠକ ସ୍ୱର୍ଗତଃ ଭାସ୍କର ଚନ୍ଦ୍ର ସାନ୍ତରାଙ୍କ ଅନ୍ତ୍ୟେଷ୍ଟି କ୍ରିୟାରେ ଶନିବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟ ବିଜୁ ମହିଳା ଜନତା ଦଳ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା ଯୋଗଦେଇ ସ୍ୱର୍ଗତଃ ସାନ୍ତରାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରି ତାଙ୍କର ଗୁଣଗାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ୨୨ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ନିଶାକର ସେଠୀ, ବାଲିଆପାଳ ବ୍ଲକ୍ ପୂର୍ବତନ ଅଧକ୍ଷ ଅଶ୍ୱିନୀ କୁମାର ଜେନା ଏବଂ ବଣିଆଡ଼ିହା ପଞ୍ଚାୟତ ପୂର୍ବତନ ସରପଞ୍ଚ ମହେନ୍ଦ୍ର ବାରିକ,ସୁବ୍ରତ ପଣ୍ଡା , ଅରୁଣ ଦାସ,ବସନ୍ତ ମଲ୍ଲିକ ପ୍ରମୁଖ ଦଳର ବହୁ ନେତୃବୃନ୍ଦ ଓ ଗ୍ରାମବାସୀ ଯୋଗ ଦେଇ ସ୍ୱର୍ଗତଃ ସାନ୍ତରାଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ନାରାୟଣ ସେବା ଟ୍ରଷ୍ଟ ପକ୍ଷରୁ ରଥଯାତ୍ରାରେ ଜଳଦାନ ଶିବିର




ବାରିପଦା, ୨୫/୦୬ (ନି.ପ୍ର): ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ରଥଯାତ୍ରା ଅବସରରେ ନାରାୟଣ ସେବା ଟ୍ରଷ୍ଟ ପକ୍ଷରୁ ଅମ୍ବିକା ମନ୍ଦିର ନିକଟରେ ଏକ ଜଳଛତ୍ର ଖୋଲା ଯାଇ ପହଣ୍ଡି ସହ ଦୁଇଦିନ ରଥଟଣାରେ ଭକ୍ତଜନଙ୍କୁ ଥଣ୍ଡା ପାନୀୟ ଜଳ, ଲେମ୍ବୁ ଓ ଦହି ସରବତ ପ୍ରଦାନ କରିଥିଲେ ଓ ପ୍ରତ୍ୟେକ ଦିନ ପୂର୍ବାହ୍ନ ୧୦ ଟାରୁ ରାତି ୧୦ ଟା ପର୍ଯ୍ୟନ୍ତ ସଦସ୍ୟମାନେ ଉପସ୍ଥିତ ରହି ଜଳଦାନ କରୁଥିବା ବେଳେ ବାରିପଦା ନଗରପାଳ କୃଷ୍ଣନନ୍ଦ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଜଳଛତ୍ରକୁ ଉଦଘାଟନ କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ ଟ୍ରଷ୍ଟର ସଭାପତି ନିରୋଜ କୁମାର ପୋଥାଳ, ବଳାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ଶରତ ଚନ୍ଦ୍ର ନାୟକ, ସମାଜସେବୀ ସୋମନାଥ ସିଂହ ପ୍ରମୁଖ ଯୋଗଦେଇଥିଲେ। ଦୀପକ କୁମାର ମିଶ୍ର, ମୀନକେତନ ବେହେରା, ବିଦ୍ୟାଧର ସାହୁ, ବସନ୍ତ କୁମାର ମହାପାତ୍ର, ପ୍ରତାପେଶ୍ୱର ଦାଶ, ଇନ୍ଦ୍ରଜିତ ମହାନ୍ତ, ରବୀନ୍ଦ୍ର ନାଥ ଦାସ, ରଞ୍ଜିତ ଦାସ, ଜଗତ କୁମାର ସିଂ, ଧୃବେନ୍ଦ୍ର ଦାସ, ମାନସ ବାଗ, ସର୍ଦ୍ଦାର ହରି ଚରଣ ସିଂହ, ବୀର କିଶୋର କୁଅଁରବାବୁ, ଆୟୁଷ ତ୍ରିପାଠୀ, ଆଶୁତୋଷ ତ୍ରିପାଠୀ, ରାଜଲକ୍ଷ୍ମୀ ମିଶ୍ର, ବିଜୟଲକ୍ଷ୍ମୀ ନାୟକ, ସୁଚିତ୍ରା ମହାନ୍ତି, ମାନୀ ଗିରି, ଭାସ୍ୱତୀ ପଣ୍ଡା, ତପସ୍ୱିନୀ ପଣ୍ଡା, ସସ୍ମିତା ମହାନ୍ତି, ସୁମିତା ଚୌବେ ଓ ମମତାଜ ପରବିନ ପ୍ରମୁଖ ସଦସ୍ୟ ଉପସ୍ଥିତ ରହି ଜଳଦାନ କରିଥିଲେ ।

## ତିନି ରଥ ହେଲା ଦକ୍ଷିଣମୋଡ

ପୁରୀ, ୨୫/୦୬ (ନି.ପ୍ର): ହେରା ପଂଚମୀରେ କ୍ରୋଧ ଜର୍ଜରିତ ମା ମହାଲକ୍ଷ୍ମୀ ନନ୍ଦିଘୋଷ ରଥକାଠ ଭାଙ୍ଗିବା ନୀତି ଅନୁଷ୍ଠିତ ହୋଇଥିଲା । ଏହାପରେ ବାହୁଡ଼ାଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିପାଇଁ ଆଜି ତିନି ରଥକୁ ଶ୍ରୀଗୁଣ୍ଡିଚା ମନ୍ଦିର ସିଂହଦ୍ୱାରରୁ ଦକ୍ଷିଣମୋଡ଼ କରାଯାଇ ନାକଚଣା ଦ୍ୱାର ଶରଧାବାଲିରେ ରଖାଯାଇଛି । ସକାଳ ଧୂପ ପରେ ଏହି ବିଶେଷ ନୀତି ଆରମ୍ଭ ହୋଇଥିଲା ।

# ଖପ୍ରାଖୋଲ ଥାନା ଅଂଚଳରୁ ଦୁଇ ଜଣ ବଙ୍ଗାଳୀ ନକଲି ଡାକ୍ତର ବନ୍ଧା ହେଲେ

ବଲାଙ୍ଗିର, ୨୫/୦୬ (ନି.ପ୍ର): ଦିନକୁ ଦିନ ମଣିଷ ଆଧୁନିକତା ଆଳରେ ଆଗକୁ ଆଗକୁ ମାଡ଼ି ଚାଲିଛି । ଫଳରେ ଆମର ଆଚାର, ବ୍ୟବହାର, ଚାଲି ଚଳଣୀ, ଖାଇବା, ପିଇବା, ପିନ୍ଧିବା ସବୁକିଛି ବଦଳିବାରେ ଲାଗିଛି। ଏଥିସହିତ ପ୍ରତ୍ୟେକ ଜିନିଷର ଦରଦାମ୍ ବଢ଼ିବାରେ ଲାଗିଛି । ତେବେ ଏପରି ବିଭିନ୍ନ ସମସ୍ୟା ମଧ୍ୟରୁ ଏକ ବଡ଼ ସମସ୍ୟା ହେଉଛି ସ୍ୱାସ୍ଥ୍ୟ ସମସ୍ୟା। ଜଣେ ମଣିଷ ତା' ଜୀବନ କାଳରେ ଯେତିକି ଟଙ୍କା ରୋଜଗାର କରୁଥିବ, ବୋଧହୁଏ ତା'ର ଅଧା ସେ କେବଳ ଚିକିତ୍ସା ପାଇଁ ଡାକ୍ତରଙ୍କୁ ଗଣୁଥିବ । ଏହାର ସୁଯୋଗ ଉଠାଉଛନ୍ତି କିଛି କ୍ୱାକ । ନିଜକୁ ଡାକ୍ତର ପରିଚୟ ଦେଇ ନିରିହ ଲୋକମାନଙ୍କୁ ଠକି ଚାଲିଛନ୍ତି । ଏ ଖବର ପୋଲିସ ଜାଣିବା ପରେ ଏସ୍.ପି. ରିଷିକେଶ ଖିଲାରୀଙ୍କ ନିର୍ଦ୍ଦେଶ କ୍ରମେ ଖପ୍ରାଖୋଲ ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢଉ କରି ଦୁଇ ଜଣ ନକଲି ଡାକ୍ତରଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଏପରି ଘଟଣା ଦେଖିବାକୁ ମିଳିଛି ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଥାନା ଅଂଚଳରେ । ଖପ୍ରାଖୋଲ ପୋଲିସ ତଦନ୍ତ କରି ଭାନପୁର ପଂଚାୟତ ଅନ୍ତର୍ଗତ ଝାଙ୍କରପାଲି ଗ୍ରାମରୁ ସୁପ୍ରକାଶ ରାଏ (୨୪) ନିଜ ଘର ପଶ୍ଚିମବଙ୍ଗ ଏବଂ ନାନ୍ଦୁପଲା ଗ୍ରାମରୁ ପବିତ୍ର ବିଶ୍ୱାସ ସିଏ ମଧ୍ୟ ପଶ୍ଚିମବଙ୍ଗର ବାସିନ୍ଦା ବୋଲି ଜଣାପଡ଼ିଥିବା ବେଳେ ଏହି ଦୁଇ ଜଣ କ୍ୱାକ ନିଜକୁ ଡାକ୍ତର କହି ଲୋକଙ୍କୁ ଠକୁଥିବା ଅଭିଯୋଗରେ ଗିରଫ ହୋଇଛନ୍ତି । ସେମାନଙ୍କ ନିକଟରେ କୌଣସି ଡାକ୍ତରି, ଫାର୍ମାସିଷ୍ଟ ପାସ ସାର୍ଟିଫିକେଟ ନଥିବା ବେଳେ ନିଜକୁ ଡାକ୍ତର ବୋଲି ପରିଚୟ ଦେଇ ବିଭିନ୍ନ ଗ୍ରାମରେ ରୋଗୀଙ୍କୁ ଚିକିତ୍ସା କରି ଟଙ୍କା ରୋଜଗାର କରୁଥିବାର ଜଣାପଡିଛି । ସେମାନଙ୍କ ନିକଟରୁ ବିଭିନ୍ନ ପ୍ରକାରର ଔଷଧ ପୋଲିସ ଜବତ କରିଛି ।

# ଜିଲ୍ଲାସ୍ତରୀୟ ଶିଶୁ ଅଧିକାର ଓ ସୁରକ୍ଷା ପ୍ରତିଯୋଗିତା

ପୁରୀ, ୨୫/୦୬ (ନି.ପ୍ର): ଜାତୀୟ ପଲ୍ଲୀଶ୍ରୀ ମେଳା ପଡିଆ, ଭୋଳାନାଥ ବିଦ୍ୟାପୀଠ, ପୁରୀ ଠାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଜିଲ୍ଲା ପ୍ରଶାସନ ପୁରୀଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି ଶିଶୁ ଅଧିକାର ଓ ସୁରକ୍ଷା ସମ୍ପର୍କିତ ପ୍ରତିଯୋଗିତା। ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲାର ସମସ୍ତ ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀ, ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ବୈଷୟିକ ବିଦ୍ୟାଳୟର ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ୧୦ ରୁ ୧୮ ବର୍ଷ ବୟସର ଆଗ୍ରହୀ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ରଥଯାତ୍ରା ଅବସରରେ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ଶିଶୁ, ଅଭିଭାବକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଓ ଶିଶୁମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ। ଶିଶୁ ଅଧିକାର ସମ୍ବନ୍ଧରେ ବ୍ୟାପକ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଚଳିତ ବର୍ଷ ଏହି ପ୍ରତିଯୋଗିତାରେ ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବାକୁ ସୁଯୋଗ ସୃଷ୍ଟି କରାଯାଇଥିଲା।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo